ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୫/୨୦୨୫ (୨୦ ପୃଷ୍ଠା) Bhubaneswar, Tuesday, November 25/2025 Page 20 ₹ 7.00
୫୨ଶ ଭାଗ ୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 2 ମୂଲ୍ୟ ₹୭/-

DSPL-373



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ମୁଖ୍ୟମନ୍ତ୍ରୀ
## ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
## ନୂତନ ଭାବେ ଚୟନୀତ ୧୨ଟି ବିଭାଗର
## ୭,୨୯୩ଜଣ ପ୍ରାର୍ଥୀଙ୍କୁ
## ନିଯୁକ୍ତିପତ୍ର ପ୍ରଦାନ ଓ ପ୍ରଶିକ୍ଷଣ

| | | | |
|---|---|---|---|
| ୨,୩୬୫<br>ସ୍ୱରାଷ୍ଟ୍ର ବିଭାଗ (ପ୍ରଶିକ୍ଷଣ) | ୨,୧୫୪<br>ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ୧,୭୫୦<br>ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ | ୬୭୨<br>ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ |
| ୧୧୭<br>କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ୭୪<br>ଉଚ୍ଚଶିକ୍ଷା ବିଭାଗ | ୪୦<br>ମହାଧିବକ୍ତା (ଆଡଭୋକେଟ୍ ଜେନେରାଲ୍)ଙ୍କ କାର୍ଯ୍ୟାଳୟ | ୩୯<br>ସୂଚନା ଓ ଲୋକ ସମ୍ପର୍କ ବିଭାଗ |
| ୩୬<br>ଜଳ ସମ୍ପଦ ବିଭାଗ | ୧୭<br>ବାଣିଜ୍ୟ ଓ ପରିବହନ ବିଭାଗ | ୧୫<br>ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ | ୧୪<br>ଇସ୍ପାତ ଓ ଖଣି ବିଭାଗ |

**୨୫ ନଭେମ୍ବର ୨୦୨୫ । କଳିଙ୍ଗ ଷ୍ଟାଡିୟମ୍, ଭୁବନେଶ୍ୱର**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ । ଉଚ୍ଚଶିକ୍ଷା ବିଭାଗ
ମହାଧିବକ୍ତା (ଆଡଭୋକେଟ୍ ଜେନେରାଲ୍)ଙ୍କ କାର୍ଯ୍ୟାଳୟ । ସୂଚନା ଓ ଲୋକ ସମ୍ପର୍କ ବିଭାଗ । ଜଳ ସମ୍ପଦ ବିଭାଗ । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ
ବାଣିଜ୍ୟ ଓ ପରିବହନ ବିଭାଗ । ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ । ଇସ୍ପାତ ଓ ଖଣି ବିଭାଗ । ସ୍ୱରାଷ୍ଟ୍ର ବିଭାଗ (ପ୍ରଶିକ୍ଷଣ)

**ଓଡ଼ିଶା ସରକାର**

OIPR-

**ନାଗରିକତ୍ୱ ନିୟମ ବଦଳାଇଲା କାନାଡା**

କାନାଡା ସରକାର ନାଗରିକତ୍ୱ ଆଇନରେ ସଂଶୋଧନ କରିଛନ୍ତି। ବିଲ୍ ସି-୩କୁ ରାଜକୀୟ ମଞ୍ଜୁରୀ ମିଳିଛି। ଉକ୍ତ ଆଇନ ଅନୁଯାୟୀ, ସ୍ୱାଭାବିକ ନାଗରିକମାନେ ସେମାନଙ୍କର ବିଦେଶରେ ଜନ୍ମିତ କିମ୍ବା ପୋଷ୍ୟ ସନ୍ତାନଙ୍କୁ ନାଗରିକତ୍ୱ ଅଧିକାର ହସ୍ତାନ୍ତର କରିପାରିବେ। ଏହାଦ୍ୱାରା କାନାଡାରେ ଥିବା ଅନେକ ହଜାର ଭାରତୀୟ ବଂଶୋଦ୍ଭବ ପରିବାର ଉପକୃତ ହେବେ ବୋଲି କୁହାଯାଉଛି।

# ଏସ୍ଆଇଆର୍ କାର୍ଯ୍ୟଚାପ ବିରୋଧରେ ବିଏଲ୍ଓଙ୍କ ବିକ୍ଷୋଭ

**କୋଲକାତା,୨୪।୧୧**

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ଜନିତ କାର୍ଯ୍ୟଚାପରୁ ବିଭିନ୍ନ ରାଜ୍ୟରେ ୧୦ରୁ ଅଧିକ ବୁଥ୍ସ୍ତରୀୟ ଅଧିକାରୀ (ବିଏଲ୍ଓ)ଙ୍କ ମୃତ୍ୟୁ ଘଟିଲାଣି। ଏସ୍ଆଇଆର୍‌କୁ ବିଭିନ୍ନ ରାଜ୍ୟରେ ବିରୋଧ କରାଯାଉଛି। ପଶ୍ଚିମବଙ୍ଗରେ ଏହି ପ୍ରକ୍ରିୟା ସହ ଜଡ଼ିତ ବିଏଲ୍ଓମାନଙ୍କର ଏକ ସଂଗଠନ କାର୍ଯ୍ୟଚାପ ପ୍ରତିବାଦରେ ସୋମବାର ଶୋଭାଯାତ୍ରାରେ ଯାଇ

**ଅମାନବୀୟ ଚାପ ମଧ୍ୟରେ କାମ କରୁଛନ୍ତି ବିଏଲ୍ଓ: କମିଟି**

କୋଲକାତାସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭକାରୀମାନେ ନିର୍ବାଚନ କମିଶନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦେଇଥିବା ବିଏଲ୍ଓ ଅଧିକାର ରକ୍ଷା କମିଟିର ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି। କମିଟି ପକ୍ଷରୁ ଅଭିଯୋଗ ହୋଇଛି ଯେ ଏସ୍ଆଇଆର୍ ପ୍ରକ୍ରିୟା ଆରମ୍ଭ ହେବା ଦିନଠାରୁ ବିଭିନ୍ନ ଜିଲାରେ ବିଏଲ୍ଓମାନେ ଅଭୂତପୂର୍ବ ଏବଂ ଅମାନବୀୟ ଚାପ ମଧ୍ୟରେ କାମ କରୁଛନ୍ତି। ଉତ୍ତର କୋଲକାତା କଲେଜ ସ୍କୋୟାରରୁ ଶୋଭାଯାତ୍ରା ଆରମ୍ଭ ହୋଇ କେନ୍ଦ୍ରୀୟ କୋଲକାତାରେ ଥିବା ମୁଖ୍ୟ ନିର୍ବାଚନ ଅଫିସରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ନିର୍ବାଚନ କମିଶନ ହସ୍ତକ୍ଷେପ କରି ସୁଧାରାତ୍ମକ ପଦକ୍ଷେପ ନେବା ପାଇଁ ସେମାନେ ଦାବି କରିଛନ୍ତି।



କୋଲକାତାସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ବାହାରେ ସୋମବାର ବିଏଲ୍ଓମାନେ ବିକ୍ଷୋଭ କରୁଛନ୍ତି।

## ଭାରତ ଆକାଶରେ ଇଥିଓପିଆ ଲାଭା ପାଉଁଶ

**ନୂଆଦିଲ୍ଲୀ,୨୪।୧୧**

ଇଥିଓପିଆରେ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ଯୋଗୁ ପାଉଁଶର ବାଦଲ ପୂର୍ବ ଦିଗକୁ ମାଡ଼ିଆସି ଉତ୍ତର ଭାରତରେ ପହଞ୍ଚିଲାଣି। ପାଉଁଶ ଆସ୍ତରଣଜନିତ ସମ୍ଭାବ୍ୟ ପ୍ରତିବନ୍ଧକର ମୁକାବିଲା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଭାରତୀୟ ଏୟାରଲାଇନ୍ସ ଓ ବିମାନବନ୍ଦର ନିମନ୍ତେ ଆଡଭାଇଜରି ଜାରି କରିଛି। ବହୁ ସଂଖ୍ୟାରେ ବିମାନ ଉଡ଼ାଣକୁ ବାତିଲ କରାଯାଇଛି। ଇଥିଓପିଆର ହେଲି ଗୁବି ଆଗ୍ନେୟଗିରିରୁ ୧୨,୦୦୦ ବର୍ଷ ପରେ ରବିବାର ଲାଭା ଉଦ୍‌ଗିରଣ ହୋଇଥିଲା।

**ବହୁ ବିମାନ ବାତିଲ**

ପାଉଁଶ ବାଦଲ ଲୋହିତସାଗର ଅତିକ୍ରମ କରି ୟେମେନ ଏବଂ ଓମାନ ଦିଗରେ ଗତି କରିବା ସହ ଉତ୍ତର ଆରବ ସାଗର ଉପରେ ମାଡ଼ିଗଲାଣି। ରାଜସ୍ଥାନ ଓ ହରିୟାଣାରେ ପହଞ୍ଚିଥିବା ଏହି ପାଉଁଶ କିଛି ଘଣ୍ଟା ମଧ୍ୟରେ ଦିଲ୍ଲୀକୁ ଆଚ୍ଛାଦିତ କରିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଦିଲ୍ଲୀ ବାୟୁକୁ ଏହା ଆହୁରି ପ୍ରଦୂଷିତ କରିପାରେ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଆକାଶ ଏୟାର, ଇଣ୍ଡିଗୋ ଏବଂ କେଏଲ୍ଏମ୍ ଆଦି ଏୟାରଲାଇନ୍ସ କେତେକ ବିମାନ ଉଡ଼ାଣକୁ ବାତିଲ କରିଦେଇଛନ୍ତି।

## ସିଜେଆଇ ଭାବେ ଶପଥ ନେଲେ ସୂର୍ଯ୍ୟକାନ୍ତ



**ନୂଆଦିଲ୍ଲୀ,୨୪।୧୧**

ଭାରତର ୫୩ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସୋମବାର ଶପଥଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ସିଜେଆଇ ପଦରୁ ଅବସର ନେଇଥିବା ଜଷ୍ଟିସ୍ ବି.ଆର୍. ଗବଇଙ୍କ ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସିଜେଆଇ ହୋଇଛନ୍ତି। ଗତମାସ ୩୦ ତାରିଖରେ ତାଙ୍କୁ ସିଜେଆଇ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ସେ ଏହି ପଦବୀରେ ୨୦୨୭ ଫେବୃଆରୀ ୯ ପର୍ଯ୍ୟନ୍ତ ଅର୍ଥାତ୍ ୧୫ ମାସ ରହିବେ। ସିଜେଆଇ ସୂର୍ଯ୍ୟକାନ୍ତଙ୍କୁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ଉଚ୍ଛେଦ ନିଷ୍ପତ୍ତିକୁ କାଏମ ରଖିବା, ରାଜ୍ୟ ବିଲ୍ ଉପରେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ କ୍ଷମତା ନେଇ ରାୟ ପ୍ରଦାନ କରିଥିବା ଖଣ୍ଡପୀଠରେ ସୂର୍ଯ୍ୟକାନ୍ତ ରହିଥିଲେ। ବିହାର ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କ ନାମ ପ୍ରକାଶ କରିବାକୁ ସେ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଜେଆଇ ଭାବେ ଶପଥ ନେବା ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସୋମବାର ପ୍ରଥମ ଦିନରେ ୧୭ଟି ମାମଲାର ଶୁଣାଣି କରିଛନ୍ତି। ଜରୁରୀ ଶୁଣାଣି ପାଇଁ ମାମଲାଗୁଡ଼ିକୁ ଉଲ୍ଲେଖ କରିବା ନିମନ୍ତେ ଲିଖିତ ଆବେଦନ ଜରୁରୀ ବୋଲି ସୂର୍ଯ୍ୟକାନ୍ତ ସୋମବାର ନୂଆ ପ୍ରକ୍ରିୟାତ୍ମକ ମାନଦଣ୍ଡ ଧାର୍ଯ୍ୟ କରିଛନ୍ତି। ତେବେ ମୃତ୍ୟୁଦଣ୍ଡ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ଭଳି ମାମଲାରେ ଅସାଧାରଣ ସ୍ଥିତିରେ ମୌଖିକ ନିବେଦନକୁ ଗ୍ରହଣ କରାଯିବ। ରାଷ୍ଟ୍ରପତି ଭବନରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଭଗବାନଙ୍କ ନାମରେ ହିନ୍ଦୀରେ ଶପଥ ନେଇଥିଲେ। ଏହା ପରେ ସେ କୋର୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀ ଏବଂ ଡ. ବି.ଆର୍. ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବ ପରେ ସିଜେଆଇ ଭାବେ ଆନୁଷ୍ଠାନିକ କାର୍ଯ୍ୟଭାର ଗ୍ରହଣ କରିଥିଲେ।

## ଅଯୋଧ୍ୟା ରାମମନ୍ଦିରରେ ଆଜି ଧ୍ୱଜାରୋହଣ ଉତ୍ସବ

**ଲକ୍ଷ୍ନୌ,୨୪।୧୧**

ଅଯୋଧ୍ୟା ରାମମନ୍ଦିର ନିର୍ମାଣ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ମଙ୍ଗଳବାର ଧ୍ୱଜାରୋହଣ ଉତ୍ସବ ହେବାକୁ ଯାଉଛି। ୨୦୨୪ ଜନୁଆରୀ ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାମମନ୍ଦିର ଗର୍ଭଗୃହରେ ଭଗବାନ୍ ରାମଲାଲାଙ୍କ ଅଭିଷେକ କରାଇଥିଲେ। ଏହାର ୨୨ ମାସ ପରେ ପ୍ରଧାନମନ୍ତ୍ରୀ ମଙ୍ଗଳବାର ପୁନର୍ବାର ଅଯୋଧ୍ୟା ଆସି ମନ୍ଦିର ଚୂଡ଼ାରେ ଧର୍ମଧ୍ୱଜା ଉତ୍ତୋଳନ କରିବେ। ୧୧ ଫୁଟ୍ ଉଚ୍ଚ ଏବଂ ୨୨ ଫୁଟ୍ ଲମ୍ବର ଏହି ତ୍ରିଭୁଜାକାର ପତାକାରେ ରାମଲାଲାଙ୍କ ପ୍ରତିଭା ଓ ବୀରତ୍ୱର ପ୍ରତୀକ ସ୍ୱରୂପ ଦୀପ୍ତିମାନ ସୂର୍ଯ୍ୟଙ୍କ ଛବି ରହିଥିବାବେଳେ ଏହା ମଧ୍ୟରେ ଓଁ ଲେଖା ରହିଛି। ଏହି ଗୈରିକ ଧ୍ୱଜା ରାମରାଜ୍ୟ ବିଚାରଧାରା ସହ ଜଡ଼ିତ ମର୍ଯ୍ୟାଦା, ଏକତା ଓ ସାଂସ୍କୃତିକ ନିରନ୍ତରତାର ବାର୍ତ୍ତା ଦେବ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

## ଅରୁଣାଚଳକୁ ଚାଇନାର ଅଂଶ କହିଲେ ସାଂଘାଇ କର୍ତ୍ତୃପକ୍ଷ



ପ୍ରେମ ୱାଙ୍ଗ୍‌ଜୋମ୍ ଥୋଙ୍ଗ୍‌ଡୋକ୍

**ନୂଆଦିଲ୍ଲୀ,୨୪।୧୧**

ଚାଇନାର ସାଂଘାଇ ଏୟାରପୋର୍ଟରେ ଇମିଗ୍ରେଶନ ଅଧିକାରୀମାନେ ଅରୁଣାଚଳ ପ୍ରଦେଶର ଜଣେ ମହିଳାଙ୍କୁ ହଇରାଣ କରିବା ସହ ଦୀର୍ଘସମୟ ଅଟକ ରଖିଥିବା ଅଭିଯୋଗ ହୋଇଛି। ଅସ୍ଥାୟୀ ରହଣି ପାଇଁ ସେମାନେ ଭାରତୀୟ ପାସ୍‌ପୋର୍ଟକୁ ସ୍ୱୀକାର କରିବାକୁ ମନା କରିଦେଇଥିଲେ। ଅରୁଣାଚଳପ୍ରଦେଶ ଚାଇନାର ଅଂଶବିଶେଷ ବୋଲି ଆପ୍ରବାସନ ଅଧିକାରୀମାନେ କହିଥିବା ପ୍ରେମ ୱାଙ୍ଗ୍‌ଜୋମ୍ ଥୋଙ୍ଗ୍‌ଡୋକ୍ ନାମ୍ନୀ ମହିଳା ଅଭିଯୋଗରେ ଦର୍ଶାଇଛନ୍ତି। ବ୍ରିଟେନରେ ରହୁଥିବା ଥୋଙ୍ଗଡୋକ୍ ଗତ ୨୧ ତାରିଖରେ ଲଣ୍ଡନରୁ ଜାପାନ ଯାଇଥିଲେ। ସାଂଘାଇ ପୁଡୋଙ୍ଗ ଏୟାରପୋର୍ଟରେ ତାଙ୍କୁ ୩ ଘଣ୍ଟା ବିଶ୍ରାମ ନେବାର ଥିଲା। ତେବେ ଇମିଗ୍ରେଶନ କାଉଣ୍ଟରରେ ଥିବା ଅଧିକାରୀମାନେ ତାଙ୍କ ପାସ୍‌ପୋର୍ଟକୁ ଅବୈଧ ବୋଲି କହିଥିଲେ। କାରଣ ପାସ୍‌ପୋର୍ଟରେ ଥିବା ତାଙ୍କ ଜନ୍ମସ୍ଥାନ ଅରୁଣାଚଳପ୍ରଦେଶ ଚାଇନାର ଅଂଶବିଶେଷ ବୋଲି ଦର୍ଶାଇଥିଲେ। ପରେ ଜଣେ ଅଧିକାରୀ ତାଙ୍କୁ ଭାରତୀୟ କହି ଚିତ୍କାର କରିବା ସହ ସେଠାରୁ ଦୂରେଇ ଦେଇଥିଲେ। ଏନେଇ ଭାରତ ବେଜିଂ ନିକଟରେ ଦୃଢ଼ ପ୍ରତିବାଦ ଜଣାଇଛି। ଉଭୟ ଦେଶ ସମ୍ପର୍କକୁ ସ୍ୱାଭାବିକ କରିବା ଦିଗରେ କାର୍ଯ୍ୟ ଜାରି ରଖିଥିବାବେଳେ ଚାଇନାର ପଦକ୍ଷେପ ଅନାବଶ୍ୟକ ଅବରୋଧ ବୋଲି ନୂଆଦିଲ୍ଲୀ କହିଛି।



ଧରିତ୍ରୀ 52 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୫/୨୦୨୫ | Bhubaneswar, Tuesday, November 25/2025 | ପୃଷ୍ଠା-୧

# ସ୍ୱଚ୍ଛ ବାୟୁ ହେଉ ମୌଳିକ ଅଧିକାର: ସୁନୀତା

## ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୫: ଚାମୀ ମୁର୍ମୁଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ



'ଧରିତ୍ରୀ'ର ୫୨ତମ ବର୍ଷ ପାଳନ ଅବସରରେ ସୋମବାର ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ଆୟୋଜିତ 'ଧରିତ୍ରୀ ୟୁଥ କନ୍‌କ୍ଲେଭ-୨୦୨୫ରେ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ' ଆୱାର୍ଡ ପାଇଥିବା ଦୀପାରାଣୀ ନାୟକ, ବାପି ଗୋଛାୟତଙ୍କ ସମେତ ସବୁଜ ସଂକଳ୍ପ ସଂଗଠନ, ବିକାଶ ସାଥୀ ଫାଉଣ୍ଡେଶନର କର୍ମକର୍ତ୍ତା । ଏହି ଅବସରରେ (ବାମରୁ) ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ(ସିଏସ୍‌ଇ)ର ମହାନିର୍ଦ୍ଦେଶିକା ତଥା 'ଡାଉନ୍ ଟୁ ଆର୍ଥ'ର ସମ୍ପାଦିକା ସୁନୀତା ନାରାୟଣ, ଇଏଫ୍ଆଇ ପ୍ରତିଷ୍ଠାତା ଅରୁଣ କ୍ରିଷ୍ଣମୂର୍ତ୍ତି, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ପରିବେଶକର୍ମୀ ପଦ୍ମଶ୍ରୀ ଚାମୀ ମୁର୍ମୁ, ଭାରତୀୟ ଜୀବବିଜ୍ଞାନୀ ପୂର୍ଣ୍ଣିମା ଦେବୀ ବର୍ମନ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ ଡ. ଦେବବ୍ରତ ସ୍ୱାଇଁ, ଏମ୍‌ଜିଏମ୍ ମିନେରାଲ୍ସର ନିର୍ଦ୍ଦେଶକ ସିଦ୍ଧାର୍ଥ ମହାନ୍ତି, ଓପ୍‌ସା ପ୍ରତିଷ୍ଠାତା ସୌମ୍ୟରଞ୍ଜନ ବିଶ୍ୱାଳ ଉପସ୍ଥିତ ଅଛନ୍ତି ।

**ଭୁବନେଶ୍ୱର, ୨୪।୧୧ (ବନ୍ଦନା ସେଠୀ)**

ଆମେ ସମସ୍ତେ ଏବେ ଜଳବାୟୁ ପରିବର୍ତ୍ତନ ଭଳି ଏକ ବିରାଟ ସଙ୍କଟ ଦେଇ ଗତି କରୁଛେ । ଏହାକୁ ଆମେ ନିଜେ ହିଁ ତିଆରି କରିଛୁ । ସମ୍ପୂର୍ଣ୍ଣ ମାନବ ସମାଜ ଏକାଠି ହୋଇ ଏହାର ସମାଧାନର ବାଟ ଖୋଜିବା ବର୍ତ୍ତମାନର ସବୁଠାରୁ ବଡ ଆହ୍ୱାନ ପାଲଟିଛି । ବର୍ତ୍ତମାନର ବିକାଶ ମଡେଲଗୁଡିକ କେବଳ ସଙ୍କଟକୁ ଅଧିକ ଗଭୀର କରି ଚାଲିଛି ଓ ପରିବେଶଗତ ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ବାୟୁ ପ୍ରଦୂଷଣ ଏବେ ପ୍ରମୁଖ ସମସ୍ୟା ପାଲଟିଛି । ସ୍ଥିତି ଏଭଳି ହେଲାଣି ଯେ, ସ୍ୱଚ୍ଛ ବାୟୁ ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ହେବା ଉଚିତ ବୋଲି ସେଣ୍ଟର ଫର୍ ସାଇନ୍ସ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ (ସିଏସ୍‌ଇ)ର ମହାନିର୍ଦ୍ଦେଶକ ତଥା 'ଡାଉନ୍ ଟୁ ଆର୍ଥ'ର ସମ୍ପାଦକ ପଦ୍ମଶ୍ରୀ ସୁନୀତା ନାରାୟଣ କହିଛନ୍ତି । 'ଧରିତ୍ରୀ'ର ୫୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସୋମବାର ସ୍ୱସ୍ତିପ୍ରିମିୟମ୍ ହୋଟେଲ୍‌ଠାରେ ଆୟୋଜିତ ୟୁଥ୍ କନ୍‌କ୍ଲେଭ୍‌ର ପଞ୍ଚମ ସଂସ୍କରଣ 'କ୍ଲାଇମେଟ୍ ଚେଞ୍ଜ: ☞ପୃଷ୍ଠା-୨

ଅଧିକ ଫଟୋ ଓ ତଥ୍ୟ: ପୃଷ୍ଠା ୭, ୮,୯

# କେନ୍ଦ୍ର, ଇସିଆଇକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

## ରାଜନୈତିକ ଦଳଙ୍କୁ ବେନାମୀ ଚାନ୍ଦା



**ନୂଆଦିଲ୍ଲୀ,୨୪।୧୧**

ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ବେନାମୀ ଚାନ୍ଦା ବିରୋଧରେ ଦାଏର ପିଟିଶନ ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାର ଏବଂ ଭାରତର ନିର୍ବାଚନ କମିଶନ (ଇସିଆଇ) ଏବଂ ଅନ୍ୟମାନଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି । ରାଜନୈତିକ ଦଳଙ୍କୁ ୨,୦୦୦ ଟଙ୍କାରୁ କମ୍ ପରିମାଣର ଚାନ୍ଦା ଦେଉଥିବା ବ୍ୟକ୍ତିଙ୍କ ନାମ ଉଲ୍ଲେଖ ରହୁ ନ ଥିବାରୁ ଆୟକର ଆଇନରେ ଥିବା ଏଭଳି ବ୍ୟବସ୍ଥାର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା । ସ୍ୱଚ୍ଛତା ଅଭାବରୁ ନିର୍ବାଚନୀ ପ୍ରକ୍ରିୟାର ପବିତ୍ରତା ନଷ୍ଟ ହେଉଛି । ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ଚାନ୍ଦାର ଉତ୍ସ ସମ୍ପର୍କରେ ଭୋଟରମାନେ ଜାଣିବାରୁ ବଞ୍ଚିତ ହେଉଛନ୍ତି । କିଏ କେଉଁ ଉଦ୍ଦେଶ୍ୟରେ ଚାନ୍ଦା ଦେଉଛନ୍ତି ତାହା ଜଣାପଡୁନାହିଁ । ଫଳରେ ମତଦାନ ବେଳେ ଭୋଟରମାନେ ତର୍କସଙ୍ଗତ, ବୁଦ୍ଧିମାନ ଭାବେ ନିଷ୍ପତ୍ତି ନେଇପାରୁ ନାହାନ୍ତି ବୋଲି ପିଟିଶନ୍‌ରେ ଦର୍ଶାଯାଇଛି । ରାଜନୈତିକ ଦଳର ପଞ୍ଜୀକରଣ ପାଇଁ ସର୍ତ୍ତାବଳୀ ଉଲ୍ଲେଖ କରିବା ଏବଂ କୌଣସି ଚାନ୍ଦା ଗ୍ରହଣ କରି ନ ଥିବା କୌଣସି ଦଳକୁ ରାଜନୈତିକ ଚିହ୍ନ ମଞ୍ଜୁରୀ ପ୍ରଦାନ ଲାଗି ଇସିଆଇଙ୍କୁ ନିର୍ଦ୍ଦେଶ ଦେବାକୁ ପିଟିଶନ୍‌ରେ ନିବେଦନ କରାଯାଇଛି । ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ୍ ମେହେଟ୍ଟା ଉକ୍ତ ପିଟିଶନ୍‌ର ଶୁଣାଣି ୪ ସପ୍ତାହ ପରେ କରିବାକୁ ଧାର୍ଯ୍ୟ କରିଛନ୍ତି । ତେବେ ଆବେଦନକାରୀ ଖେମସିଂ ଭଟ୍ଟି ଏବଂ ସ୍ନେହା କଲିତା ପ୍ରଥମେ ହାଇକୋର୍ଟ ଗଲେନି କାହିଁକି ବୋଲି ଖଣ୍ଡପୀଠ ସେମାନଙ୍କ ଓକିଲ ବିଜୟ ହଂସାରିଆଙ୍କୁ ପ୍ରଶ୍ନ କରିଥିଲେ ।

# ମହିଳା କବାଡ଼ି ବିଶ୍ୱକପ୍: ଭାରତ ଚାମ୍ପିୟନ

**ନୂଆଦିଲ୍ଲୀ,୨୪।୧୧**

ବାଂଲାଦେଶର ରାଜଧାନୀ ଢାକାଠାରେ ଅନୁଷ୍ଠିତ ମହିଳା କବାଡ଼ି ବିଶ୍ୱକପ୍-୨୦୨୫ରେ ଭାରତ ଚାମ୍ପିୟନ ହୋଇଛି । ସୋମବାର ଅନୁଷ୍ଠିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଫାଇନାଲରେ ଭାରତ ୩୫-୨୮ ବ୍ୟବଧାନରେ ଚାଇନିଜ ତାଇପେକୁ ପରାସ୍ତ କରିଛି । ଏହା ଭାରତର ଲଗାତର ଦ୍ୱିତୀୟ ବିଶ୍ୱକପ୍ ଟାଇଟଲ । ପୂରା ଟୁର୍ନାମେଣ୍ଟରେ ଭାରତୀୟ ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ଅପରାଜେୟ ରହି ସେମିଫାଇନାଲରେ ପହଞ୍ଚିଥିଲା । ସେମିରେ ଭାରତ ୩୩-୨୧ ବ୍ୟବଧାନରେ ଇରାନକୁ ହରାଇଥିଲା । ଭାରତୀୟ ଦଳର ଏହି ଉଲ୍ଲେଖନୀୟ ଉପଲବ୍ଧି ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଏକ୍ସ' ଜରିଆରେ ଅଭିନନ୍ଦନ ଜଣାଇଛନ୍ତି ।

# ଜାତୀୟ ହାରଠାରୁ ଓଡ଼ିଶାର ଅଭିବୃଦ୍ଧି ହାର ୨.୨୦% ଅଧିକ

## ୭ ବର୍ଷ ଧରି ଜିଏସ୍‌ଡିପି ହାର ରହିଛି ୮%

ରାଜ୍ୟ ସରକାର ୨୦୩୬ରେ ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି। ସେହି ଅନୁଯାୟୀ ବିଭିନ୍ନ କ୍ଷେତ୍ରରେ ବିହୁବିଧ ପଦକ୍ଷେପ ନିଆଯାଉଥିବାରୁ ତା'ର ସୁଫଳ ମିଳିବା ନେଇ ତଥ୍ୟ ପ୍ରକାଶ ପାଉଛି। ରାଜ୍ୟର ଆର୍ଥିକ ସ୍ଥିତାବସ୍ଥା ନେଇ ପ୍ରକାଶିତ ରିପୋର୍ଟରେ ଓଡ଼ିଶାର ବିକାଶ ଏବେ ତ୍ୱରାନ୍ୱିତ ହେଉଥିବା ଜଣାଯାଇଛି। ଗତ ୧୦ବର୍ଷ ମଧ୍ୟରେ ଜାତୀୟ ଅଭିବୃଦ୍ଧି ହାର ଯାହା ରହିଛି, ତାହାଠାରୁ ଓଡ଼ିଶାର ଅଭିବୃଦ୍ଧି ହାର ୨.୨୦ % ଅଧିକ ରହିଥିବା ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି।

**ଭୁବନେଶ୍ୱର,୨୪।୧୧(ରବିନାରାୟଣ ଜେନା)**

ଓଡ଼ିଶାକୁ କିଭଳି ଦେଶର ସବୁଠାରୁ ଅଗ୍ରଣୀ ରାଜ୍ୟରେ ପରିଗଣିତ କରାଯାଇପାରିବ ତାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍ୟମ ଚଳାଇଛନ୍ତି। ଏପରି କି ରବିବାର ମଧ୍ୟ ଲୋକସେବା ଭବନରେ ବସି ସରକାରୀ କାର୍ଯ୍ୟ କରୁଥିବା ପରିଲକ୍ଷିତ ହୋଇଛି। ଆଶା ରହିଛି ୨୦୩୬ରେ ଓଡ଼ିଶା ଯେତେବେଳେ ତା'ର ଜନ୍ମ ଶତବାର୍ଷିକୀ ଉତ୍ସବ ପାଳନ କରିବ, ସେତେବେଳକୁ ଏକ ସମୃଦ୍ଧ ଓ ଶକ୍ତିଶାଳୀ ରାଜ୍ୟ ରୂପେ ଦେଶରେ ଉଭା ହେବ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ରାଜ୍ୟର ଆର୍ଥିକ ସ୍ଥିତାବସ୍ଥା ନେଇ ଏକ ରିପୋର୍ଟ ଜାରି ହୋଇଛି; ଯେଉଁଥିରେ ଓଡ଼ିଶାର ବିକାଶ ଏବେ ତ୍ୱରାନ୍ୱିତ ହେଉଥିବା ଜଣାଯାଇଛି। ଗତ ୧୦ବର୍ଷ ମଧ୍ୟରେ ଜାତୀୟ ଅଭିବୃଦ୍ଧି ହାର ଯାହା ରହିଛି, ତାହାଠାରୁ ଓଡ଼ିଶାର ଅଭିବୃଦ୍ଧି ହାର ୨.୨୦ % ଅଧିକ ରହିଛି ବୋଲି ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି।

ଅର୍ଥ ବିଭାଗ ପକ୍ଷରୁ ନଭେମ୍ବର ୨୦ରେ ଜାରି ଅର୍ଥନୀତି ଚିତ୍ରପଟରେ ତଥ୍ୟ ଅନୁଯାୟୀ, ଗତ ୧୦ବର୍ଷ ମଧ୍ୟରେ ରାଜ୍ୟର ଅଭିବୃଦ୍ଧି ହାର ୭.୭୪% ରହିଛି, ଯାହା କି ଜାତୀୟସ୍ତରରେ ଏହି ହାର ୫.୫୪% ରହିଛି। କୋଭିଡ୍ ସମୟ(୨୦୨୦-୨୧)ରେ ଓଡ଼ିଶାର ଅର୍ଥନୀତି ତଥା ରାଜ୍ୟର ସାମୂହିକ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ୨.୧ପ୍ରତିଶତ ସଙ୍କୁଚିତ ହୋଇଥିବାବେଳେ ସର୍ବଭାରତୀୟସ୍ତରରେ ଏହା ୬.୬% ସଙ୍କୁଚିତ ହୋଇଥିଲା । ସେହିପରି ୨୦୨୧-୨୨ରେ ଏହା ରାଜ୍ୟରେ ୧୬.୪ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ଜାତୀୟସ୍ତରରେ ମାତ୍ର ୭ପ୍ରତିଶତ ରହିଛି ବୋଲି ଅର୍ଥ ବିଭାଗ ପକ୍ଷରୁ ଗ୍ରୋଥ୍ ଇନ୍ ଓଡ଼ିଶା ଅର୍ଥନୀତି ବନାମ ଜାତୀୟ ଅର୍ଥନୀତିରେ ଦର୍ଶାଯାଇଛି।

ତଥ୍ୟ ଅନୁଯାୟୀ, ୨୦୨୪-୨୫ରେ ରାଜ୍ୟର ସାମୂହିକ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ୯.୪୯ ଲକ୍ଷ କୋଟି ଟଙ୍କା ରହିଥିଲା, ଯାହା କି ୧୧୫ ବିଲିୟନ ଆମେରିକୀୟ ଡଲାର ସହିତ ସମାନ। ତେବେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରୁ ୧୯% ପ୍ରତିଶତ ଜିଏସ୍‌ଡିପି ମିଳିଥିବାବେଳେ ଶିଳ୍ପ କ୍ଷେତ୍ରରୁ ସର୍ବାଧିକ ୪୪% ପ୍ରତିଶତ ଏବଂ ସେବା କ୍ଷେତ୍ରରୁ ୩୭% ମିଳୁଛି। ସେହିପରି ଗତ ୭ବର୍ଷ ମଧ୍ୟରେ ରାଜ୍ୟର ହାରାହାରି ଅର୍ଥନୈତିକ ଅଭିବୃଦ୍ଧି ହାର ୮ପ୍ରତିଶତ ରହିଛି। ତେବେ ୨୦୧୫-୧୬ ଆର୍ଥିକବର୍ଷରେ ଓଡ଼ିଶାର ଜିଏସ୍‌ଡିପି ହାର ୮.୦୦ ରହିଥିବାବେଳେ ୨୦୨୦-୨୧ରେ ଏହା ଖସି ବିଯୁକ୍ତ(-)୬.୬୦ପ୍ରତିଶତ ହୋଇଥିଲା। ମାତ୍ର ୨୦୨୦-୨୧ ପରେ ଏହା ଏକାଥରକେ ୬.୯୯ ପ୍ରତିଶତକୁ ଉଠି ସେବେଠାରୁ ଏହି ହାର ବଜାୟ ରହିଛି।

ସୂଚନାଯୋଗ୍ୟ, ରାଜ୍ୟରେ ପୁଞ୍ଜିବିନିଯୋଗ ପାଇଁ ସରକାରଙ୍କ ପକ୍ଷରୁ ଶିଳ୍ପନୀତିରେ ସଂସ୍କାର ଅଣାଯିବା ସହିତ ଇଣ୍ଡଷ୍ଟ୍ରିଆଲ ପ୍ରମୋଶନକୁ ଗୁରୁତ୍ୱ ଦିଆଯାଉଛି; ଯେଉଁଥିପାଇଁ ଗତ ଦଶନ୍ଧି ତଳେ ରାଜ୍ୟରୁ ମୁହଁ ଫେରାଇଥିବା ପୋସ୍‌କୋ ଏବେ ଓଡ଼ିଶାମୁହାଁ ହୋଇଛି। ରାଜ୍ୟ ସରକାରଙ୍କ ଶିଳ୍ପ ମହାକୁମ୍ଭରେ ୧୦ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବକୁ ବାସ୍ତବରେ କାର୍ଯ୍ୟକାରୀ କରିବା ଲାଗି ସରକାରୀ ଉଦ୍ୟମ ଜାରି ରହିଥିବାବେଳେ ଅର୍ଥ ବିଭାଗର ଏହି ସକାରାତ୍ମକ ରିପୋର୍ଟ ସରକାରଙ୍କ ମନୋବଳ ବୃଦ୍ଧି କରିବ ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ନିଯୁକ୍ତିରେ ସ୍ୱଚ୍ଛତାକୁ ପ୍ରାଥମିକତା

**ଭୁବନେଶ୍ୱର,୨୪।୧୧ (ରବିନାରାୟଣ ଜେନା)**

- ଖାଲି ପଦ ପୂରଣ ପାଇଁ ଏକାଧିକ ବିଜ୍ଞପ୍ତି ପ୍ରକାଶ ପାଇପାରିବ
- ୩ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟର ଅନୁମୋଦନ

ରାଜ୍ୟରେ ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା ଆଣିବା ଲାଗି ରାଜ୍ୟ ସରକାର ନୂତନ ଆୟୋଗ ଗଠନ କରିବାକୁ ନିକଟରେ ନିଷ୍ପତ୍ତି ନେଇଥିବାବେଳେ ସୋମବାର ରାଜ୍ୟ କ୍ୟାବିନେଟ୍ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଲୋକସେବା ଭବନରେ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଖାଲି ପଦକୁ ତ୍ୱରିତ୍ ଭିତ୍ତିରେ ପୂରଣ କରିବା ଲାଗି ବର୍ଷକରେ ଏକାଧିକ ଥର ବିଜ୍ଞପ୍ତି ପ୍ରକାଶ ପାଇବାକୁ ପଦକ୍ଷେପ ନିଆଯାଇଛି।

କ୍ୟାବିନେଟ ବୈଠକ ପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସାଧାରଣ ପ୍ରଶାସନ ବିଭାଗର ତିନୋଟି ଅନୁମୋଦନପ୍ରାପ୍ତ ପ୍ରସ୍ତାବ ଉପରେ ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟ ସରକାରଙ୍କ ଅଧୀନ 'ଖ' ଓ 'ଗ' ବର୍ଗର ସ୍ୱତନ୍ତ୍ର ସେବା ଓ ପଦବୀରେ ନିଯୁକ୍ତି ଲାଗି ମିଳିତ ସ୍ନାତକସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ-୨୦୨୨ରେ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି। କ୍ୟାବିନେଟର ନିଷ୍ପତ୍ତିକ୍ରମେ ନିୟମାବଳୀ-୨୦୨୨ର ସିଡ୍ୟୁଲ-୮ରେ ୧୪ଗୋଟି ନୂତନ ପଦବୀକୁ ଅନ୍ତର୍ଭୁକ୍ତ କରାଯିବା ସହିତ ପୂର୍ବରୁ ଅନ୍ତର୍ଭୁକ୍ତ ହୋଇଥିବା ୪ଟି ପଦବୀକୁ (କ୍ରମିକ ସଂଖ୍ୟା ୧୦, ୧୪, ୧୫ ଓ ୧୭) ବାଦ୍ ଦିଆଯିବ। ଏହାଦ୍ୱାରା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସମସ୍ତ ୩୯ ଗୋଟି ସ୍ୱତନ୍ତ୍ର ପଦବୀଗୁଡ଼ିକୁ ମିଳିତ ସ୍ନାତକସ୍ତର ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ।

କୁମାର ଆହୁରି କହିଛନ୍ତି, ପୂର୍ବରୁ 'ଖ'ବର୍ଗ ଏବଂ 'ଗ' ବର୍ଗ ଅନ୍ତର୍ଗତ ବିଭିନ୍ନ ସେବା ଓ ପଦବୀରେ ନିଯୁକ୍ତି ନିମନ୍ତେ ମିଳିତ ସ୍ନାତକସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ-୨୦୨୨ର ସିଡ୍ୟୁଲ-୧ ଭିତରେ ୨୦ଟି ବିଭିନ୍ନ ପଦବୀ ଅନ୍ତର୍ଭୁକ୍ତ କରାଯାଇଥିଲା। ବର୍ତ୍ତମାନ ଉପରୋକ୍ତ ନିୟମାବଳୀ-୨୦୨୨ର ନିୟମ-୩ରେ ଧାର୍ଯ୍ୟ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ, ଏହି ଉଭୟ ବର୍ଗର ବିଭିନ୍ନ ସେବା ଓ ପଦବୀରେ ନିଯୁକ୍ତି ନିମନ୍ତେ ମିଳିତ ସ୍ନାତକସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ-୨୦୨୨ର ସିଡ୍ୟୁଲ-୧୪ ଗୋଟି ନୂତନ ପଦବୀକୁ ଅନ୍ତର୍ଭୁକ୍ତ କରାଯିବ; ଯାହାଫଳରେ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସର୍ବମୋଟ ୨୪ଟି ଭିନ୍ନ ପଦବୀଗୁଡ଼ିକୁ ମିଳିତ ସ୍ନାତକସ୍ତର ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ।

ସେହିପରି ନିୟମାବଳୀ-୨୦୨୨ର ନିୟମ-୫(ବି)ର ବ୍ୟବସ୍ଥା ଅନୁଯାୟୀ, ବିଭିନ୍ନ ବିଭାଗ ତଥା ମୁଖ୍ୟ ବିଭାଗୀୟ କାର୍ଯ୍ୟାଳୟଠାରୁ ଅଧିକରଣପତ୍ର ଆଧାରରେ ଆୟୋଗ ☞ପୃଷ୍ଠା-୨

# ଓଟିଇଟି ଆବେଦନ ଅବଧି ୨୭ ଯାଏ ବଢ଼ିଲା

**କଟକ,୨୪।୧୧(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ନିମନ୍ତେ ଆବେଦନର ଶେଷ ତାରିଖ ନଭେମ୍ବର ୨୭ ଯାଏ ବଢ଼ାଇ ଦିଆଯାଇଛି। ଏହାବାଦ ଆଉ ଅବଧି ବଢ଼ାଯିବ ନାହିଁ। ଏ ନେଇ ବୋର୍ଡ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବ ବିଜ୍ଞପ୍ତି ଅନୁଯାୟୀ ଆବେଦନର ଶେଷ ତାରିଖ ନଭେମ୍ବର ୨୫ ଥିଲା।

ସୂଚନା ଯୋଗ୍ୟ ଯେ, ଚାକିରି କରିଥିବା ବା ନୂତନ ପ୍ରାର୍ଥୀଙ୍କ ନିମନ୍ତେ ଓଟିଇଟି ଆସନ୍ତା ଡିସେମ୍ବର ୧୭ ତାରିଖରେ ଦୁଇଟି ପର୍ଯ୍ୟାୟରେ ହେବ। ଏଥିପାଇଁ ଆଡମିଟ କାର୍ଡ ଡିସେମ୍ବର ୧୦ ତାରିଖରୁ ଉପଲବ୍ଧ ହେବ।

**ଆଜିର ସମ୍ପାଦକୀୟ**
ଜାତୀୟ ସ୍ୱାର୍ଥ ତ୍ୟାଗ

# ପରଲୋକରେ ହି-ମ୍ୟାନ୍



**ମୁମ୍ବାଇ,୨୪।୧୧**

ବଲିଉଡ୍‌ର ହି-ମ୍ୟାନ୍ ଭାବେ ପରିଚିତ ସବୁଠୁ ଲୋକପ୍ରିୟ ଅଭିନେତା ଧର୍ମେନ୍ଦ୍ରଙ୍କର ସୋମବାର ଜୁହୁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ଦୀର୍ଘ ୬୫ ବର୍ଷର ଅଭିନୟ କ୍ୟାରିୟର ମଧ୍ୟରେ ଧର୍ମେନ୍ଦ୍ର ପ୍ରାୟ ୩୦୦ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ତାଙ୍କ ପରଲୋକରେ ବଲିଉଡ୍ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି।

ଏହି ବର୍ଷୀୟାନ ଅଭିନେତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଧର୍ମେନ୍ଦ୍ରଙ୍କ ପରଲୋକରେ ଭାରତୀୟ ସିନେମାରେ ଏକ ଯୁଗର ଅନ୍ତ ଘଟିଲା ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ମୁମ୍ବାଇର ପଓ୍ୱନହଂସ ଶ୍ମଶାନରେ ପରିବାର ସଦସ୍ୟମାନଙ୍କ ଉପସ୍ଥିତିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେଠାରେ ସ୍ତ୍ରୀ ତଥା ଅଭିନେତ୍ରୀ ହେମାମାଳିନୀ, ଝିଅ ଈଶା ଦେଓଲ, ଆମିର ଖାନ୍, ଅମିତାଭ ବଚ୍ଚନ, ଅଭିଷେକ ବଚ୍ଚନ, ସଲମାନ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ବଲିଉଡ୍ ଜଗତର ବହୁ ଅଭିନେତା ଓ ଅଭିନେତ୍ରୀ ଉପସ୍ଥିତ ରହି ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ।

- ଭାରତୀୟ ସିନେମାରେ ଏକ ଯୁଗର ଅନ୍ତ ଘଟିଲା: ପ୍ରଧାନମନ୍ତ୍ରୀ

ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ଗତ ମାସରେ ଧର୍ମେନ୍ଦ୍ରଙ୍କୁ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ସେ ଘରକୁ ଫେରିବାର ୧୨ ଦିନ ପରେ ଦେହାନ୍ତ ଘଟିଛି। ଡିସେମ୍ବର ୮ରେ ଧର୍ମେନ୍ଦ୍ର ତାଙ୍କର ୯୦ତମ ଜନ୍ମଦିନ ପାଳନ କରିଥାନ୍ତେ। ୧୯୩୫ରେ ☞ପୃଷ୍ଠା-୨

ଧର୍ମେନ୍ଦ୍ର: ୧୯୩୫-୨୦୨୫

ଶ୍ରଦ୍ଧାଞ୍ଜଳି: ପୃଷ୍ଠା ୧୦

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଆଇଏସ୍‌ଡି ପକ୍ଷରୁ ୮ମ ରାଜ୍ୟସ୍ତରୀୟ ୟୁଥ୍ କନ୍‌କ୍ଲେଭ୍, ସ୍ଥାନ: ଭିଜେସିଏମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ରାଜ୍ୟସ୍ତରୀୟ ଗଣ ବିକ୍ଷୋଭ, ସ୍ଥାନ: ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଉପଲକ୍ଷେ ସ୍ମାରକୀ ବକ୍ତୃତା ସମାରୋହ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ପୁରୁଣା ବସ୍ତିଷ୍ଟାଣ୍ଡ ୟୁନିଟ୍ ୨ ବ୍ୟବସାୟୀ ସଂଘ ପକ୍ଷରୁ ସମ୍ପାଦକ ଭଗବାନ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ପୁରୁଣା ବସ୍ତିଷ୍ଟାଣ୍ଡ, ୟୁନିଟ୍ ୨, ସମୟ: ସନ୍ଧ୍ୟା ୬ଟା।
- ନାଟ୍ୟକାର ବିଜୟ ମିଶ୍ରଙ୍କ ଜୟନ୍ତୀ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- ଭାମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ: ସ୍ଥାନ: ମୋହନ ସୁନ୍ଦରୀ ଉଚ୍ଚବିଦ୍ୟାଳୟ, ବଡ଼ମ୍ବା, ସମୟ: ସକାଳ ୭ଟା।
- ଷ୍ଟିୱାର୍ଟ ସ୍କୁଲର ବାର୍ଷିକ ୧୪୩ତମ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଦ୍ୟାଳୟ ଅଡିଟୋରିୟମ, ମିଶନ ରୋଡ୍, ସମୟ: ଅପରାହ୍ନ ୪ଟା ୩୦।
- ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ନୂଆପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ, ଟିଗିରିଆ, ସମୟ: ସକାଳ ୮ଟା।
- ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ବଡ଼ବାରସିଂ ଉଚ୍ଚ ବିଦ୍ୟାଳୟ, ବଡ଼ମ୍ବା, ସମୟ: ସକାଳ ୯ଟା।

### ପୁରୀ
- କୁରାଳ ପଞ୍ଚମୀ ଅବସରରେ ପୂଜା ଉତ୍ସବ, ସ୍ଥାନ: କୁମ୍ଭାରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ମହିଳା ସମିତି ନିଶାମୁକ୍ତ ଓଡ଼ିଶା ଗଠନ ଦାବିରେ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଣ୍ଟାଭଣ୍ଡର ସଂଘର ବୈଠକ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ମଧ୍ୟାହ୍ନ ୧୨ଟା।

### ଖୋର୍ଦ୍ଧା
- କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୁମାରବସ୍ତ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

### ବାଲେଶ୍ୱର
- ଏକତା ପଦଯାତ୍ରା, ସ୍ଥାନ: ଭାମପୁରା, ବାଲେଶ୍ୱର, ସମୟ: ସକାଳ ୮ଟା।
- ବାଲେଶ୍ୱର ଲୋକ ମହୋତ୍ସବର ସପ୍ତମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

### ଭଦ୍ରକ
- ତ୍ୟାଗଭୂମି ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

### ମୟୂରଭଞ୍ଜ
- ଜୋନସ୍ତରୀୟ ବିଜ୍ଞାନ ମେଳା ଏବଂ ଭଲିବଲ ପ୍ରତିଯୋଗିତା, ସ୍ଥାନ:ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଣୀଭୋଳ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଭାମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଚିତ୍ରଡ଼ାସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସର, ମୋରଡ଼ା, ସମୟ: ପୂର୍ବାହ୍ନ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ବିଜୋଦରାୟ ସରକାରୀ ଉଚ୍ଚ ବିଦ୍ୟାଳୟ, ରାସଗୋବିନ୍ଦପୁର,ସମୟ:ପୂର୍ବାହ୍ନ ୧୧ଟା।
- ବହୁଭାଷୀ ନାଟକ ମହୋତ୍ସବ,ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ:ସନ୍ଧ୍ୟା ୬ଟା।

### କେନ୍ଦୁଝର
- ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ଶିବିର, ସ୍ଥାନ: ଶିଶୁ ମନ୍ଦିର, ସମୟ: ସକାଳ ୯ଟା।
- ହରିବଂଶ ପାଠ, ସ୍ଥାନ :ଶାଳନିଆଁ , ହାଟଡିହୀ, ସମୟ : ସକାଳ ୬ଟା ଏବଂ ସନ୍ଧ୍ୟା ୫ ଟା।
- ଜିଲା ଆଥଲେଟମିଟ୍ ପ୍ରସ୍ତୁତି ଉତ୍ସବ ଏବଂ ବୈଠକ, ସ୍ଥାନ : ସୁନ୍ଦରୀପାଳ ହାଟଡିହା, ସମୟ : ପୂର୍ବାହ୍ନ ୧୧ଟା।

### ବ୍ରହ୍ମପୁର
- ବେଦ ପାଠାଶାଳା ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଫାଷ୍ଟ ଗେଟ, ସମୟ: ସକାଳ ୮ଟା।
- ଯକ୍ଷ୍ମା ରୋଗୀଙ୍କୁ କିଟ୍ ବଣ୍ଟନ, ସ୍ଥାନ: ଏମ୍‌କେସିଜି ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭାରତ ଏକତା ନେଇ ପଦଯାତ୍ରା, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

### ଗଞ୍ଜାମ
- ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମ, ଗଞ୍ଜାମ , ସମୟ : ସକାଳ ୯ ଟା।

### କନ୍ଧମାଳ
- ଦାରିଙ୍ଗବାଡ଼ି ପଞ୍ଚାୟତସ୍ତରୀୟ ଏକାଭିମୁଖୀତା ମେଳା, ସ୍ଥାନ: ସିଆଙ୍ଗବାଲି ପଞ୍ଚାୟତ ଭଲିବଲ ପଡ଼ିଆ, ସମୟ: ୧୦ ଟା।

### ଜଗତ୍‌ସିଂହପୁର
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ଟା।
- ଆନ୍ତର୍ଜାତିକ ମହିଳା ବିରୋଧୀ ହିଂସାଦିବସ ଉପଲକ୍ଷେ ଆଲୋଚନା ସଭା, ସ୍ଥାନ: ସାକ୍ଷରତା ସମିତି ପରିସର, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

### କେନ୍ଦ୍ରାପଡ଼ା
- ସଡ଼କ ସୁରକ୍ଷା ସଚେତନତା ରାଲି, ସ୍ଥାନ: ତିନିମୁହାଣୀ ପ୍ରେଟ୍ରୋଲ ପମ୍ପ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- କୁରାଳ ପଞ୍ଚମୀ ଉତ୍ସବ, ସ୍ଥାନ: ମନକରପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ଧର୍ମଶାଳା ବ୍ଲକ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସ ଉପଲକ୍ଷେ ପଦଯାତ୍ରା, ସ୍ଥାନ: ନାକପୋଲ ଛକଠାରୁ କାଏମା ଖେଳପଡ଼ିଆ, ସମୟ: ସକାଳ ୭ଟା।

### ନୟାଗଡ଼
- ଜିଲାସ୍ତରୀୟ ପଦଯାତ୍ରା, ସ୍ଥାନ:ରଣପୁର ବ୍ଲକ ପଞ୍ଚୁଦୋଳ ପଡିଆ ରଣପୁରଠାରୁ ଚମ୍ପାଦେଈ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା।
- ବ୍ଲକସ୍ତରୀୟ ଭାମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ:ଭାପୁର ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ।

### ରାୟଗଡ଼ା
- ୮୧ତମ ଜିଲା ପରିଷଦ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚଉତି ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୧ଟା।

### ନବରଙ୍ଗପୁର
- ଲୋକ ମହୋତ୍ସବ ମଣ୍ଡେଇ ଶୁଭାରମ୍ଭ, ସ୍ଥାନ: ଉମରକୋଟ ପୋଡ଼ଗଡ ପଞ୍ଚାୟତର ଭଣ୍ଡିଗୁଡ଼ା ଭୈରବ ମନ୍ଦିର, ସମୟ: ପୂର୍ବାହ୍ନ ୯ଟା।

### କୋରାପୁଟ
- ପୌରାଞ୍ଚଳସ୍ତରୀୟ ପରବ ମଶାଲ ଶୋଭାଯାତ୍ରା, ସ୍ଥାନ: ବଲ୍ଲଭ ନାରାୟଣ ମନ୍ଦିର, ଜୟପୁର, ସମୟ: ସକାଳ ୮ଟା।
- ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟରର ପ୍ରଶିକ୍ଷଣ ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ସେମିଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ସମ୍ବଲପୁର
- ଜିଲା ପ୍ରଶାସନ ଆୟୋଜନରେ ଏକତା ପଦଯାତ୍ରା ଶୁଭାରମ୍ଭ, ସ୍ଥାନ : ରିଜର୍ଭ ପୋଲିସ ପଡିଆ, ସମୟ : ସକାଳ ୮ଟା ୩୦ ।
- ଜିଲା ପ୍ରଶାସନ ଆୟୋଜନରେ ଏକତା ପଦଯାତ୍ରା ଶୁଭାରମ୍ଭ, ସ୍ଥାନ : ରିଜର୍ଭ ପୋଲିସ ପଡିଆ, ସମୟ : ସକାଳ ୮ଟା ୩୦ ।
- ଦ୍ୱିତୀୟ ବିର୍ସା ମୁଣ୍ଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ହାୱା ମଇଦାନ, ସମୟ : ପୂର୍ବାହ୍ନ ୧୧ଟା ।

### ରାଉରକେଲା
- ହୋମିଓପ୍ୟାଥି କଲେଜ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱୟଂଶାସିତ ମହାବିଦ୍ୟାଳୟର ୬୯ତମ ବାର୍ଷିକ ଉତ୍ସବ, ସ୍ଥାନ: ପାନପୋଷ କଲେଜ, ସମୟ: ପୂର୍ବାହ୍ନ ୧୧ଟା।

### ବରଗଡ଼
- ପୁସ୍ତକ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

### କଳାହାଣ୍ଡି
- ଦ୍ୱି-ଦିବସୀୟ ଜାତୀୟ ସମ୍ମାନ କାର୍ଯ୍ୟକ୍ରମ ଉଦ୍‌ଯାପିତ, ସ୍ଥାନ: ଭବାନୀପାଟଣା ସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଡ଼ଙ୍ଗର ଗଡ଼ ମହୋତ୍ସବ ଉଦ୍‌ଘାଟିତ, ସ୍ଥାନ: ଭବାନୀପାଟଣା ବ୍ଲକ କଲମ,ସମୟ: ପୂର୍ବାହ୍ନ ୧୦ଟା।

### ଦେବଗଡ଼
- ଜିଲାସ୍ତରୀୟ କ୍ରୟ କମିଟି ବୈଠକ, ସ୍ଥାନ: ଦେବଗଡ଼ କଲେକ୍ଟୋରେଟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

### ସୁବର୍ଣ୍ଣପୁର
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସାଗପୁରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।

### ନୂଆପଡ଼ା
- ୩ୟ ଫୁଟବଲ ମହାକୁମ୍ଭ ଅଷ୍ଟମ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୩ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ର ଓ ପାରିବାରିକ ଜୀବନ, ଆର୍ଥିକ ଉନ୍ନତି ଓ ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରିବେ। ଭାଇ, ବନ୍ଧୁ ତଥା ପଡ଼ୋଶୀଙ୍କ ସହ ସମତାଳ ଦେଇ ଚଳିବା ପାଇଁ ଚେଷ୍ଟାକଲେ ସୁଫଳ ମିଳିପାରିବ। ସହକର୍ମୀଙ୍କ ସହ ବିଭିନ୍ନ ଆଲୋଚନାରେ ସମୟ କଟାଇବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା କାରଣରୁ ଖୁସି ରହିବେ।

**ବୃଷ** ଦିନ ସାରା ହସଖୁସିରେ ବନ୍ଧୁ ଓ ପ୍ରିୟଜନଙ୍କ ସହ ସମୟ ଅତିବାହିତ କରିବେ। ପରିବାରରେ ବିଭିନ୍ନ ପ୍ରକାର ବ୍ୟୟ ବରାଦର ଭରଣାକରିବା ସକାଶେ ବ୍ୟସ୍ତତା ବଢ଼ିଯାଇପାରେ। କାମର ଚାପ ବଢ଼ିବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇ ନ ପାରନ୍ତି। ବନ୍ଧୁଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ପାଇ ଖୁସି ହେବେ।

**ମିଥୁନ** ଅନୁକୂଳ ଗ୍ରହ ସ୍ଥିତି ଯୋଗୁ ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଯାନବାହନ ଚାଳନା କ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ। କର୍ମକ୍ଷେତ୍ର ଏବଂ ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କର୍କଟ** ବନ୍ଧୁଙ୍କ ସହ ତର୍କବିତର୍କ କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ମଧ୍ୟରେ ମନ ଅଶାନ୍ତ ରହିବ। ଅପେକ୍ଷା କରିଥିବା ସରକାରୀ ସ୍ତରରୁ ଶୁଭଖବର ଶୁଣି ଖୁସି ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ଓ ବନ୍ଧୁମିଳନର ସୁଯୋଗ ପାଇବେ। ପାରିବାରିକ ସମସ୍ୟାକୁ ସୁଧାରିବାକୁ ଯାଇ ବନ୍ଧୁଙ୍କ ଦ୍ୱାରସ୍ଥ ହେବେ।

**ସିଂହ** ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟହେବେ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। ସବୁ କଥାରେ ତରବର ହେଲେ ସମସ୍ୟା ସୃଷ୍ଟି ହୋଇପାରେ। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** କର୍ମାରମ୍ଭରେ ପ୍ରତିରୋଧ କିମ୍ବା ପ୍ରତିବନ୍ଧକ ରହିବ ନାହିଁ। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବାରୁ ଭାବପ୍ରବଣତା ବୃଦ୍ଧିପାଇବ। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରୁ ପ୍ରଶଂସିତ ହେବାର ସୌଭାଗ୍ୟ ଅର୍ଜନ କରିବେ।

**ତୁଳା** ନୂତନ ପରିବେଶ ଓ ପାରିପାର୍ଶ୍ୱିକ ପରିସ୍ଥିତିର ପରିବର୍ତ୍ତନ ମନକୁ ସରସ ସୁନ୍ଦର କରିଦେଇପାରେ। ପାରିବାରିକ ଜୀବନରେ ବ୍ୟତିକ୍ରମ ରହିଥିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ , ନତୁବା ସମସ୍ୟା ସୃଷ୍ଟି ହୋଇପାରେ।

**ବିଛା** ଦିନଟି ପ୍ରତ୍ୟେକ ଦୃଷ୍ଟିକୋଣରୁ ଅନୁକୂଳ ରହିବ। ଯାହା ଚାହିଁବେ ତାହା ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜଣେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂରହେବା ସହ ଫଳପ୍ରଦ ଆଲୋଚନା କରିବାରେ ସମର୍ଥ ହେବେ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ପୂର୍ବ ସମସ୍ୟା ଦୂରେଇଯାଇଥିବାରୁ ମନ ଏକ ପ୍ରକାର ହାଲୁକା ରହିବ। କିନ୍ତୁ କର୍ମକ୍ଷେତ୍ର ସମସ୍ୟା ବିଜଡ଼ିତ ରହିବା ହେତୁ ଠିକ୍ ନିଷ୍ପତ୍ତି ନେବାରେ ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ବହୁ ଦିନରୁ ବାକି ପଡ଼ିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟିହେବ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ।

**ମକର** ସାମୟିକ କର୍ମଜଞ୍ଜାଳରୁ ମୁକ୍ତି ମିଳିବା ହେତୁ ଦିନଟି ସ୍ୱାଭାବିକ ଭାବରେ ବିତାଇବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି। ଆର୍ଥିକ ଅଭିବୃଦ୍ଧି ପାଇଁ ଚେଷ୍ଟିତ ହେବା ସହ ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ସରକାରଙ୍କ ଦ୍ୱାରା ପରିଚାଳିତ ତୀର୍ଥଯାତ୍ରାର ସୁଯୋଗ ପାଇବା ପାଇଁ ମନ ବଳାଇବେ।

**କୁମ୍ଭ** ଦୀର୍ଘ ସମୟରୁ ପ୍ରତୀକ୍ଷା କରି କରି ପରିଶେଷରେ ପଡ଼ୋଶୀଙ୍କଠାରୁ ଶୁଭଖବର ପାଇବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିହେବା ଆଶଙ୍କା ରହିଛି। କେତେକ ମିଥ୍ୟାଭିଯୋଗକୁ କେନ୍ଦ୍ର କରି ମାନସିକ ସ୍ଥିତି ଭଲ ରହିବନାହିଁ। ପରିବାରରେ ପୁତ୍ରକନ୍ୟା ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** ଆଜି ସ୍ୱାସ୍ଥ୍ୟ ଭଲ ରହିବା ସହ କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନାକରିବା ଭଲ। ନିଜ ଲୋକଙ୍କ ବିଶ୍ୱାସଘାତକତାରୁ ସରଳ ବିଶ୍ୱାସକରି ହଇରାଣରେ ପଡ଼ିପାରନ୍ତି।

ଆଜି ନଭେମ୍ବର ୨୫ ତାରିଖ, ଅନ୍ତର୍ଜାତୀୟ ମହିଳା ହିଂସା ବିରୋଧୀ ଦିବସ, ମାର୍ଗଶିର ଶୁକ୍ଳପକ୍ଷର କୁରାଳ ପଞ୍ଚମୀ ମଙ୍ଗଳବାର, କୁମ୍ଭକାରମାନଙ୍କ ଉପକରଣ ସହ ଚକ୍ରଧାରୀଙ୍କ ପୂଜା। ରାଶିନକ୍ଷତ୍ର–ଉତ୍ତରାଷାଢ଼ା/ମକର, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୬।୦୪ ଗତେ, ଘ.୦୬।୪୮ ମଧ୍ୟେ, ଘ.୦୮।୪୯ ମି. ଗତେ, ଘ. ୧୧।୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୨।୧୭ ମି. ଗତେ, ଘ.୦୩।୪୦ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ

## ସ୍ୱଚ୍ଛ ବାୟୁ...

ଫାଇଣ୍ଡିଂ ସଲ୍ୟୁଶନ'ରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସେ କହିଛନ୍ତି ଯେ, ବ୍ୟାପକ ଗାଡ଼ି ମୋଟର ଚଳାଚଳ ଯୋଗୁ ପରିବେଶ ଅଧିକ ପ୍ରଦୂଷିତ ହେଉଛି। ବର୍ତ୍ତମାନ ସମୟ ଆସିଛି ଗାଡ଼ି ଚଳାଚଳକୁ ସୀମିତ କରି କିଭଳି ଅଧିକ ଲୋକଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚାଯାଇ ପାରିବ ସେ ନେଇ ପଦକ୍ଷେପ ନିଆଯିବା ଦରକାର। ପ୍ରଦୂଷଣର ଅନ୍ୟତମ କାରକ କୁହାଯାଉଥିବା ପ୍ଲାଷ୍ଟିକ ସମ୍ପର୍କରେ ମତ ରଖି ସେ କହିଛନ୍ତି ଯେ, ପ୍ଲାଷ୍ଟିକ୍ ଏକ ପ୍ରସଙ୍ଗ ନୁହେଁ, ବରଂ ତାକୁ ପୃଥକୀକରଣ କରିବା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ବର୍ଜ୍ୟକୁ ସମ୍ବଳରେ ପରିଣତ କରିବା ବର୍ତ୍ତମାନ ସମୟର ଆହ୍ୱାନ ପାଲଟିଛି। ସେହି ଦିଗରେ ପଦକ୍ଷେପ ନିଆଯିବା ନିତାନ୍ତ ଆବଶ୍ୟକ ବୋଲି ସୁନୀତା କହିଛନ୍ତି। ସିଏସ୍‌ଇର ଗବେଷଣାଲବ୍ଧ ତଥ୍ୟ ଆଧାରରେ ଗତ ସପ୍ତାହରେ ପ୍ରକାଶିତ ରିପୋର୍ଟ ଆଧାରରେ ସେ କହିଛନ୍ତି ଯେ, ଭାରତର କିଛି ଭାଗରେ ପ୍ରତ୍ୟେକ ଦିନ କିଛି ନା କିଛି ବିପର୍ଯ୍ୟୟ ଦେଖିବାକୁ ମିଳୁଛି। ଗରିବ ଲୋକଙ୍କ ଉପରେ ଏହାର ସବୁଠାରୁ ଅଧିକ ପ୍ରଭାବ ପଡୁଛି, କିନ୍ତୁ ଏମାନେ ସେହି ଲୋକ ଯେଉଁମାନଙ୍କର ବାୟୁମଣ୍ଡଳରେ ଗ୍ରୀନ ହାଉସ୍ ଗ୍ୟାସ ଭଣ୍ଡାର ସୃଷ୍ଟିରେ ଯୋଗଦାନ ନାହିଁ। ଯୁବପିଢ଼ିଙ୍କ ଉପଲକ୍ଷେ ସେ କହିଛନ୍ତି ଯେ, ଆମେ ଯେଭଳି ସଂଗ୍ରାମ କରିଛୁ ତୁମମାନଙ୍କୁ ସେଭଳି କରିବାକୁ ପଡିବ ନାହିଁ। କେବଳ ନୂଆ ଆଇଡିଆକୁ ବାସ୍ତବତାରେ ପରିଣତ କରିବା ଦିଗରେ ପଦକ୍ଷେପ ନିଆଗଲେ ପରିବର୍ତ୍ତନ ଆସିପାରିବ ବୋଲି ସେ ମତ ରଖିଛନ୍ତି।

କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବରେ କୋଲକାତାରେ ଅବସ୍ଥାପିତ ବ୍ରିଟିଶ ଡେପୁଟି ହାଇକମିଶନର ଡ. ଆଣ୍ଡ୍ର୍ୟୁ ଫ୍ଲେମିଙ୍ଗ ଯୋଗଦେଇ କହିଲେ, ଆଜିର ଯୁବପିଢ଼ି ମାନବ ଇତିହାସର ସବୁଠାରୁ ପ୍ରଭାବଶାଳୀ। ବର୍ତ୍ତମାନ ଯୁବପିଢ଼ିଙ୍କ ପାଇଁ ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭା ହୋଇଥିଲେ ହେଁ ଏହାର ସମାଧାନ ପାଇଁ ମଧ୍ୟ ସେମାନେ ଆଗେଇ ଆସୁଛନ୍ତି। ସେମାନଙ୍କର ନିରନ୍ତର ପ୍ରଚେଷ୍ଟା, କାର୍ଯ୍ୟ ପ୍ରତି ଦୃଢ଼ ପ୍ରତିବଦ୍ଧତା ଭବିଷ୍ୟତ ପିଢ଼ି ପାଇଁ ଆଶା ପ୍ରକାଶ କରୁଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଓଡ଼ିଶାର ଅଧିକାଂଶ ଅଞ୍ଚଳ ତୀବ୍ରଭାବେ ପ୍ରଭାବିତ ହେଉଛି। ଏଭଳି ସ୍ଥଳେ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼ିବା ପାଇଁ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ପ୍ରୟାସକୁ ଡ. ଫ୍ଲେମିଙ୍ଗ୍ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ବନ୍ୟପ୍ରାଣୀ ଜୀବବିଜ୍ଞାନୀ ପୂର୍ଣ୍ଣିମା ଦେବୀ ବର୍ମନ ଯୋଗଦେଇ ଆମକୁ ପୃଥିବୀରେ ଥିବା ସମସ୍ତ ଜୀବଜନ୍ତୁଙ୍କ ସୁରକ୍ଷା ନେଇ ଆଗେଇ ଆସିବା ଉଚିତ୍ ବୋଲି କହିଥିଲେ। ଏଥିସହିତ ଗ୍ରେଟ୍‌ର ଆଡ୍‌ଜୁଟାଣ୍ଟ ଷ୍ଟୋର୍କ (ସ୍ଥାନୀୟ ଭାଷାରେ 'ହର୍ଗିଲା' ପକ୍ଷୀ ଭାବେ ଜଣାଶୁଣା)ର ସଂରକ୍ଷଣ ଆରମ୍ଭ ସମୟରେ ତାଙ୍କୁ କିଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା ସେ ବିଷୟରେ ବର୍ଣ୍ଣନା କରିଥିଲେ। 'ହର୍ଗିଲା' ପକ୍ଷୀକୁ ପ୍ରଥମେ ଅଶୁଭ ଭାବେ ବିବେଚନା କରାଯାଉଥିଲା। ଏପରିକି ପକ୍ଷୀମାନେ ଯେଉଁ ଗଛରେ ରହିବା ପାଇଁ ଚେଷ୍ଟା କରୁଥିଲେ ଲୋକମାନେ ସେହି ଗଛକୁ କାଟି ଦେଉଥିଲେ। ୨୦୦୭ ମସିହାରେ ଏହି ପକ୍ଷୀଙ୍କ ସୁରକ୍ଷା ପାଇଁ ମୁଁ ଅଣ୍ଟା ଭିଡିଥିଲି। ଦିନେ ମତେ ଗୋଟିଏ ଗାଁରୁ ଏକ ଫୋନ୍ କଲ୍ ଆସିଥିଲା। ଜଣେ ବ୍ୟକ୍ତିଙ୍କ ଘରପାଖ ଗଛରେ ହର୍ଗିଲା ପକ୍ଷୀ ବସା ବାନ୍ଧି ଥିବାରୁ ବ୍ୟକ୍ତି ଜଣକ ସେହି ଗଛକୁ କାଟିବାକୁ ଯାଉଥିଲେ। ଖବର ପାଇବା ପରେ ମୁଁ ସେଠାକୁ ଯାଇ ତାଙ୍କୁ ଅଟକାଇ ଥିଲି। ସେମାନେ ଏହି ପକ୍ଷୀକୁ ଅଶୁଭ କହିବା ସହିତ ତାହାର ବଞ୍ଚିବାର ଅଧିକାର ନାହିଁ ବୋଲି କହିଥିଲେ। ଏପରିକି ଘଟଣାରୁ ଦୂରେଇ ରହିବା ପାଇଁ ମତେ ମଧ୍ୟ ଗାଳି, ଧମକ ଦେଇଥିଲେ। ସେହି ଦିନଠାରୁ ମୁଁ ଲୋକଙ୍କ ମନରେ ହର୍ଗିଲା ପକ୍ଷୀକୁ ନେଇ ରହିଥିବା ଭ୍ରାନ୍ତ ଧାରଣା ଦୂରେଇବା ପାଇଁ ଚେଷ୍ଟା ଆରମ୍ଭ କରିଥିଲି। ଏହି ଘଟଣା ମୋ ଜୀବନର ମୋଡ ପରିବର୍ତ୍ତନ କରିଥିଲା। ଏହାପରେ ମହିଳାମାନଙ୍କୁ ନେଇ ଏହି ପକ୍ଷୀଙ୍କ ସୁରକ୍ଷା ଦିଗରେ କାମ କରିବା ପାଇଁ ଚେଷ୍ଟା କରିଥିଲି। ପ୍ରଥମେ ଏହାକୁ କେହି ଗ୍ରହଣ କରି ନଥିଲେ, ମାତ୍ର ପରେ ଆମର ପ୍ରୟାସକୁ ସମର୍ଥନ ମିଳିଥିଲା। ଲୋକଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନ ହେଲାଣି। ବର୍ତ୍ତମାନ ୨୦ହଜାର ମହିଳାଙ୍କୁ ନେଇ 'ହର୍ଗିଲା ଆର୍ମି' ଗଠନ କରାଯାଇଛି। ଏମାନେ ପକ୍ଷୀ ବସା ବାନ୍ଧିଥିବା ଗଛଗୁଡ଼ିକୁ ସୁରକ୍ଷା ଦେବା ସହ ଆର୍ଦ୍ରଭୂମି ବାସସ୍ଥାନର ପୁନରୁଦ୍ଧାର ଏବଂ ସଂରକ୍ଷଣ କରିବା ନେଇ କାମ କରୁଛନ୍ତି। ହର୍ଗିଲା ଭଳି ଅଣଦେଖା କରାଯାଉଥିବା ଅନ୍ୟ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଆମେ ସମସ୍ତେ ଆଗେଇ ଆସିବା ଆବଶ୍ୟକ ବୋଲି ପୂର୍ଣ୍ଣିମା କହିଥିଲେ।

ପ୍ରାରମ୍ଭରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ ଭାଷଣ ଦେଇ କହିଲେ, 'କ୍ଲାଇମେଣ୍ଟ ଗ୍ରାଣ୍ଟ' ପ୍ରୟାସ ତୃଣମୂଳସ୍ତରରେ ପରିବେଶ ପାଇଁ କାମ କରୁଥିବା ବ୍ୟକ୍ତିଙ୍କୁ ସହଯୋଗ ଦେବା ସହ ସେମାନଙ୍କୁ ସେମାନଙ୍କ କମ୍ୟୁନିଟିରେ ଯଥୋଚିତ ସ୍ୱୀକୃତି ଦେବା ପାଇଁ ଆରମ୍ଭ କରାଯାଇଛି। ଗ୍ରାଣ୍ଟ ମାଧ୍ୟମରେ ଯୁବ ପରିବେଶକର୍ମୀମାନେ କେବଳ ପରିଚିତ ଲାଭ କରୁନାହାନ୍ତି, ବରଂ ଅଧିକ ସାଧନ ମଧ୍ୟ ପାଉଛନ୍ତି ବୋଲି ଆଦ୍ୟାଶା ମତ ରଖିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ କହିଲେ, ଗତ କିଛି ବର୍ଷ ହେବ 'ଧରିତ୍ରୀ' ଓ 'ଓଡିଶା ପୋଷ୍ଟ' ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ କାମ କରୁଛି। ସେହିପରି ପ୍ରତ୍ୟେକ ଲୋକ ଚାହିଁଲେ ପରିବେଶ କ୍ଷେତ୍ରରେ ପରିବର୍ତ୍ତନ ଆଣିପାରିବେ। ସଂସାରରୁ ଯିବାବେଳେ ଆମେ କିଛି ନେବାନି ମାତ୍ର ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଚେଷ୍ଟା କରିବା, ଯାହାକି ଆଗାମୀ ପିଢ଼ିକୁ ସାହାଯ୍ୟ କରିବ। ସୁନ୍ଦର, ସବୁଜ ପୃଥିବୀ ନିର୍ମାଣ ପାଇଁ ଆମେ କାମ କରୁଛୁ, ଆଗକୁ ମଧ୍ୟ କାମ କରିବୁ। ସେହିପରି ଯୁବପିଢ଼ି ପରିବେଶ ପ୍ରତି ସଚେତନ ହେବା ନିତାନ୍ତ ଦରକାର ବୋଲି ତଥାଗତ କହିଥିଲେ।

ସମ୍ମିଳନୀ ଅବସରରେ ଝାଡଖଣ୍ଡର ପରିବେଶକର୍ମୀ ପଦ୍ମଶ୍ରୀ ଚାମୀ ମୁର୍ମୁଙ୍କୁ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ପ୍ରଦାନ କରାଯାଇଛି। ପୁରସ୍କାରର ପ୍ରତି ଉତ୍ତରରେ ଚାମୀ ନିଜର ୩୮ବର୍ଷର ସଂଘର୍ଷମୟ ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ତାଙ୍କ ଅଞ୍ଚଳରେ ଅନେକ ବନ୍ଧ୍ୟା ଜମି ରହିଥିଲା। ତେଣୁ ସେଠାରେ କିପରି ଗଛ ଲଗାଇ ସବୁଜ ବନାନୀ ସୃଷ୍ଟି ହେବ ସେ ନେଇ ଆଖପାଖ ଗାଁର ଲୋକଙ୍କୁ ଏହି କାର୍ଯ୍ୟରେ ସାମିଲ କରିଥିଲେ। ଗଛ ଲଗାଇ କିପରି ତାହାର ଯତ୍ନ ନିଆଯିବ ସେ ନେଇ ଗ୍ରାମର କିଛି ମହିଳା ୧ମାସ ଶ୍ରମିକ ଭାବେ କାମ କରିଥିଲେ। କାମ ଶିଖିବା ପରେ ନର୍ସରି ଆରମ୍ଭ କରିଥିଲେ। ପରେ 'ସହଯୋଗୀ ମହିଳା' ନାମରେ ଏକ ସଂଗଠନ ଗଢି ଚାରାରୋପଣ ଆରମ୍ଭ କରିଥିଲେ। ଏଥିସହିତ ମହିଳାଙ୍କୁ କିଭଳି ଏହି କାମରେ ସାମିଲ କରିବା ସହ ରୋଜଗାରକ୍ଷମ କରାଯାଇ ପାରିବ ସେ ନେଇ କାମ କରିଥିଲେ। ବର୍ତ୍ତମାନ ସଂଗଠନ ସହଯୋଗରେ ଚାରାରୋପଣ କରାଯିବା ସହିତ ସବୁଜ ବନାନୀ ସୃଷ୍ଟି କରାଯାଉଛି ବୋଲି ପଦ୍ମଶ୍ରୀ ମୁର୍ମୁ କହିଥିଲେ।

## ପରଲୋକରେ...

ପଞ୍ଜାବର ଲୁଧିଆନାରେ ଜନ୍ମିତ ଧର୍ମେନ୍ଦ୍ର ୧୯୬୦ରେ 'ଦିଲ୍ ଭି ତେରା ହମ୍ ଭି ତେରି' ଚଳଚ୍ଚିତ୍ରରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ୬୦ ଦଶନ୍ଧିରେ ଜଣେ ସାଧାରଣ ବ୍ୟକ୍ତି ଭାବେ ସେ ଅନପଢ଼, ବନ୍ଦିନୀ, ଅନୁପମା ଏବଂ ଆୟା ସାୱନ ଝୁମ୍ କେ ଭଳି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ପରେ ଶୋଲେ, ଧରମବୀର, ଚୁପ୍‌କେ, ମେରା ଗାଁଓ ମେରା ଦେଶ ଏବଂ ଡ୍ରିମ୍‌ଗର୍ଲ ଭଳି ଚଳଚ୍ଚିତ୍ରରେ ସେ ପ୍ରମୁଖ ଭୂମିକା ନିଭାଇଥିଲେ। ଶେଷଥର ପାଇଁ ତାଙ୍କୁ ଶାହିଦ କପୁର ଏବଂ କ୍ରିତି ସାନନ୍ ଅଭିନୀତ 'ତେରି ବାତୋଁ ମୈ ଐସା ଉଲ୍‌ଝା ଜିୟା' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା। ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ର ଇକ୍କିସ୍ ଡିସେମ୍ବର ୨୫ରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଧର୍ମେନ୍ଦ୍ର ଚିକିତ୍ସାଧୀନ ଥିବାବେଳେ ତାଙ୍କର ପରଲୋକ ହୋଇଯାଇଥିବା ଗତ ୧୧ ତାରିଖରେ କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଧର୍ମେନ୍ଦ୍ରଙ୍କ ପରିବାର ଏହାକୁ ଖଣ୍ଡନ କରିଥିଲା। ତା' ପରଦିନ ଧର୍ମେନ୍ଦ୍ର ହସ୍ପିଟାଲରୁ ଫେରି ଘରେ ଚିକିତ୍ସିତ ହୋଇଆସୁଥିଲେ। ଧର୍ମେନ୍ଦ୍ରଙ୍କର ୨ ସ୍ତ୍ରୀ ପ୍ରକାଶ କୌର, ହେମାମାଳିନୀ, ପୁଅ ସନି ଦେଓଲ, ବବି ଦେଓଲ ଏବଂ ଝିଅ ବିଜେତା, ଅଜିତା, ଈଶା ଏବଂ ଅହନା ଅଛନ୍ତି।

ଅଭିନୟ କ୍ଷେତ୍ରରେ ଅସାଧାରଣ ଦକ୍ଷତା ପ୍ରତିପାଦନ କରିଥିବା ଧର୍ମେନ୍ଦ୍ରଙ୍କୁ ଭାରତ ସରକାର ୨୦୧୨ରେ ଦେଶର ତୃତୀୟ ସର୍ବୋଚ୍ଚ ସମ୍ମାନ ପଦ୍ମ ବିଭୂଷଣରେ ସମ୍ମାନିତ କରିଥିଲେ। ଏହା ବ୍ୟତୀତ ସେ ବିଭିନ୍ନ ଚଳଚ୍ଚିତ୍ରରେ ଉଚ୍ଚକୋଟୀର ଅଭିନୟ ପାଇଁ ଏକାଧିକ ଥର ଶ୍ରେଷ୍ଠ ଅଭିନେତା ଭାବେ ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ। ଶୋଲେ, ଯାଦୋ କୀ ବାରାତ, ମେରା ଗାଁଓ ମେରା ଦେଶ, ପ୍ରତିଜ୍ଞା, ଚୁପ୍‌କେ ଚୁପ୍‌କେ, ନୌକର ବିବି କା, ଫୁଲ୍ ଔର ପଥର, ସତ୍ୟକାମ୍, ଆୟେ ମିଲନ କୀ ବେଲା, ଦିଲ୍ ନେ ଫିର୍ ୟାଦ କିୟା, ଆୟେ ଦିନ୍ ବାହର କେ, ଆଖେଁ, ଆୟା ସାୱନ ଝୁମ୍ କେ, ଜୀବନ ମୃତ୍ୟୁ, ଜୁଗ୍‌ନୁ, ଚରସ୍, ଧର୍ମବୀର, ଆଜାଦ୍, ଗଜବ, ଲୋହା, ହୁକୁମତ ଏବଂ ଅପ୍‌ନେ ଆଦି ବହୁ ହିଟ୍ ଚଳଚ୍ଚିତ୍ର ସେ ଦର୍ଶକମାନଙ୍କୁ ଭେଟି ଦେଇଥିଲେ। ୭୦ ଦଶକରେ ଧର୍ମେନ୍ଦ୍ର ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଅଭିନେତା ଥିଲେ। ତାଙ୍କ ପ୍ରଜୋଜନାରେ ନିର୍ମିତ ଘାୟଲ ଚଳଚ୍ଚିତ୍ର ଶ୍ରେଷ୍ଠ ଲୋକପ୍ରିୟ ଚଳଚ୍ଚିତ୍ର ଭାବେ ଜାତୀୟ ପୁରସ୍କାର ପାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୪।୧୧(ସୁନିତ୍ ମିଶ୍ର)

ବଲିଉଡର ହି-ମ୍ୟାନ୍ ଧର୍ମେନ୍ଦ୍ରଙ୍କର ପରଲୋକ ଘଟିଛି। ବଲିଉଡର ଏହି ବର୍ଷୀୟାନ ଅଭିନେତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମ ଜରିଆରେ ଲେଖିଛନ୍ତି, କିମ୍ବଦନ୍ତୀ ଅଭିନେତା ଧର୍ମେନ୍ଦ୍ରଙ୍କ ଦେହାନ୍ତ ବିଷୟରେ ଜାଣି ସେ ଗଭୀର ମର୍ମାହତ। ସେ ତାଙ୍କର ବହୁମୁଖୀ ଅଭିନୟ ଏବଂ ଆକର୍ଷଣୀୟ ଉପସ୍ଥିତି ସହିତ ଦଶନ୍ଧି ଦଶନ୍ଧି ଧରି ଦର୍ଶକଙ୍କୁ ବିମୋହିତ କରିଥିଲେ। ତାଙ୍କର କୀର୍ତ୍ତି ପିଢ଼ି ପରେ ପିଢ଼ି କଳାକାର ଏବଂ ସିନେପ୍ରେମୀଙ୍କୁ ପ୍ରେରଣା ଦେଇ ଚାଲିବ। ତାଙ୍କ ପରିବାର, ବନ୍ଧୁ ଏବଂ ଅଗଣିତ ପ୍ରଶଂସକଙ୍କ ପ୍ରତି ମୋର ସମବେଦନା। ତାଙ୍କ ମହାନ ଆତ୍ମାକୁ ଶାନ୍ତି ମିଳୁ କହିବା ସହିତ ଓମ୍ ଶାନ୍ତି ବୋଲି ଉଲ୍ଲେଖ କରିଛନ୍ତି।

## ନିଯୁକ୍ତିରେ...

ପ୍ରତିବର୍ଷ ଖାଲିଥିବା ପଦବୀ ପୂରଣ ପାଇଁ ସେହିବର୍ଷ ଥରେ ମାତ୍ର ବିଜ୍ଞପ୍ତି ପ୍ରକାଶ କରି ମିଳିତ ନିଯୁକ୍ତି ପରୀକ୍ଷା ପରିଚାଳନା କରିଆସୁଛି। ବର୍ତ୍ତମାନ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ପ୍ରଥମ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପରମୁହୂର୍ତ୍ତରେ ଆୟୋଗ ପାଖରେ ଅଧିକ ବିଭିନ୍ନ ପଦବୀ ନିଯୁକ୍ତି ପାଇଁ ଅଧିକରଣପତ୍ର ଆସିଲେ, ସେହି କ୍ୟାଲେଣ୍ଡର ବର୍ଷରେ ଅନ୍ୟ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇପାରିବ।

ସୁରେନ୍ଦ୍ର କୁମାର କହିଥିଲେ, ଉଚ୍ଚ ମାଧ୍ୟମିକ (୧୦+୨)ସ୍ତର କିମ୍ବା ସମାନସ୍ତର ଅଧୀନ ସ୍ୱତନ୍ତ୍ର ସେବା ଓ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ-୨୦୨୨ର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛି। ପୂର୍ବରୁ ଉଚ୍ଚ ମାଧ୍ୟମିକ(୧୦+୨) ସ୍ତର କିମ୍ବା ସମାନସ୍ତର ଅଧୀନ ସ୍ୱତନ୍ତ୍ର ସେବା ଓ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ-୨୦୨୨ର ସିଡ୍ୟୁଲ-୧ରେ ୧୧ ଗୋଟି ଭିନ୍ନ ପଦବୀ ଅନ୍ତର୍ଭୁକ୍ତ କରାଯାଇଥିଲା। ବର୍ତ୍ତମାନର ସଂଶୋଧନକ୍ରମେ ୨୦୨୨ର ନିୟମ-୩ରେ ଧାର୍ଯ୍ୟ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ, ଉଚ୍ଚ ମାଧ୍ୟମିକ (୧୦+୨)ସ୍ତର କିମ୍ବା ସମାନସ୍ତର ଅଧୀନ ସ୍ୱତନ୍ତ୍ର ସେବା ଓ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ-୨୦୨୨ର ସିଡ୍ୟୁଲ-୧ରେ ୧ ଗୋଟି ନୂତନ ପଦବୀ ତଥା ସ୍ୱରାଷ୍ଟ୍ର ବିଭାଗର ରାଜ୍ୟ ଅପରାଧବିଧି ବିଜ୍ଞାନାଗାର ଅଧୀନରେ ଥିବା କନିଷ୍ଠ ଅପରାଧବିଧି ସହାୟକ ପଦବୀକୁ ଅନ୍ତର୍ଭୁକ୍ତ କରାଯିବ ; ଯାହାଫଳରେ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସର୍ବମୋଟ ୧୨ ଗୋଟି ଭିନ୍ନ ପଦବୀଗୁଡ଼ିକୁ ମିଳିତ ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ ବୋଲି ସେ କହିଛନ୍ତି।

## ତୃଣମୂଳସ୍ତରର କର୍ମୀ ଓ ଏକ୍ସପର୍ଟଙ୍କୁ ଏକାଠି କରୁଛି ୟୁଥ୍ କନ୍‌କ୍ଲେଭ

ଭୁବନେଶ୍ୱର, ୨୪।୧୧ (ବନ୍ଦନା ସେଠୀ)

'ଧରିତ୍ରୀ' ଦୀର୍ଘ ସମୟ ଧରି ଜଳବାୟୁ ସମ୍ପର୍କିତ ସକାରାତ୍ମକ କାହାଣୀ ଏବଂ ପରିବେଶକର୍ମୀମାନଙ୍କ ପ୍ରୟାସକୁ ପ୍ରୋତ୍ସାହିତ କରି ଆସିଛି। ଧରିତ୍ରୀ ୟୁଥ୍ କନ୍‌କ୍ଲେଭ ତୃଣମୂଳସ୍ତରରେ କାମ କରୁଥିବା କର୍ମୀମାନଙ୍କୁ ଏକ୍ସପର୍ଟ ବା ବିଶେଷଜ୍ଞମାନଙ୍କ ସହିତ ମିଶିବାରେ ସହାୟକ ହେଉଛି। ଏଥିସହ ଯୁବପିଢ଼ିଙ୍କୁ ଏକାଠି ହେବା, ଅଭିଜ୍ଞତା ବାଣ୍ଟିବା ଏବଂ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢେଇରେ ସହଯୋଗ କରିବା ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିପାରିଛି ବୋଲି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ୟୁଥ୍ କନ୍‌କ୍ଲେଭ୍ ଏକ୍ସପର୍ଟ ପ୍ୟାନେଲରେ ମତ ରଖିଛନ୍ତି। ଇକୋଲୋଜିଷ୍ଟ ତଥା ଦକ୍ଷିନ୍ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା କାର୍ତ୍ତିକ ଶଙ୍କର ଓଡ଼ିଶାରେ ପରିବେଶଗତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଶେଷକରି ଅଲିଭ୍ ରିଡ୍‌ଲେ କଇଁଛଙ୍କ ପାଇଁ ଏକ ପ୍ରମୁଖ ବାସସ୍ଥଳୀ ଭାବେ ଓଡ଼ିଶାର ଭୂମିକା ରହିଛି। ସେହିପରି ଚଳିତ ବର୍ଷ ୧୦ଲକ୍ଷରୁ ଅଧିକ କଇଁଛ ବସା ବାନ୍ଧିଥିବା ନିହାତି ପକ୍ଷେ ଉତ୍ସାହଜନକ ବିଷୟ ବୋଲି କାର୍ତ୍ତିକ କହିଥିଲେ। ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ ତଥା ଓଡ଼ିଶା ଲୋକାୟୁକ୍ତର ପୂର୍ବତନ ସଦସ୍ୟ ଡ. ଦେବବ୍ରତ ସ୍ୱାଇଁ ଜଙ୍ଗଲ ସମ୍ପଦ କ୍ଷୟ ଉପରେ ଚିନ୍ତା ପ୍ରକଟ କରିଥିଲେ। ଦିନକୁ ଦିନ ଖଣି ଖନନ ବଢୁଛି। ଏହା ଓଡ଼ିଶାର ଅଭିବୃଦ୍ଧି ପାଇଁ ଠିକ୍, ମାତ୍ର ପରିସ୍ଥିତି ଅନୁକୂଳ ନୁହେଁ। ସେହିପରି ରାଜ୍ୟରେ ହାତୀ ସଂଖ୍ୟା କମୁଥିବାବେଳେ ହାତୀ-ମଣିଷ ସଂଘର୍ଷରେ ପ୍ରତିବର୍ଷ ୧୨୫ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହେଉଥିବା ଡ. ସ୍ୱାଇଁ କହିଥିଲେ। ସିୱାଇସିଏନ୍ ଭିସି, ପାର୍ଟନରଶିପ୍‌ସ ଆଣ୍ଡ୍ ଷ୍ଟେକ୍ ହୋଲ୍ଡର୍ସ ମିତ୍ ସିଜରିଆ ସହରାଞ୍ଚଳ ଯୁବପିଢ଼ି ଏବଂ ତୃଣମୂଳସ୍ତରରେ ଥିବା ଲୋକଙ୍କ ମଧ୍ୟରେ ସଚେତନତାର ପାର୍ଥକ୍ୟକୁ ଆଲୋକପାତ କରିଥିଲେ। ଜଳବାୟୁ ପ୍ରସଙ୍ଗରେ ଗଭୀର ବୁଝାମଣା ଏବଂ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବାରେ ୟୁଥ୍ କନ୍‌କ୍ଲେଭ ଭଳି ପ୍ଲାଟଫର୍ମର ଗୁରୁତ୍ୱ ରହିଥିବା ସେ ମତ ରଖିଥିଲେ। ପ୍ୟାନେଲ୍‌କୁ ଇଏଫ୍‌ଆଇର ପ୍ରତିଷ୍ଠାତା ଅରୁଣ କ୍ରିଷ୍ଣମୂର୍ତ୍ତି ସଞ୍ଚାଳନ କରିଥିଲେ।

ପରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୯ଜଣ ୟୁଥ୍ ସ୍ପିକର ଯଥା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସତ୍ୟଜିତ୍ ପଣ୍ଡା, ଉତ୍କଳ ବିଶ୍ୱବିଦ୍ୟାଳୟର ଆଲିଶା ନାଜ୍, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଜ୍ଞା ପରମିତା ଜେନା, ପିଏନ୍ ଅଟୋନୋମସ୍ କଲେଜର ଅନିନ୍ଦିତା ରଣସିଂହ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ତପନ କୁମାର ଦାସ, ଏନ୍‌ଏଲ୍‌ୟୁଓର ସୌମ୍ୟରଞ୍ଜନ ଦୀକ୍ଷିତ୍, ଏମ୍‌ସର ଆଦିତ୍ୟ ମଣ୍ଡଳ, କିଟ୍‌ର ସଞ୍ଜୀବନ ଭୂୟାଁ ଏବଂ ଓୟୁଏଟିର ଆଦିତ୍ୟ ଶତପଥୀ ପରିବେଶ ସୁରକ୍ଷାକୁ ନେଇ ସେମାନଙ୍କର ମତାମତ ରଖିଥିଲେ।

**ଫେବୃଆରୀ ୩ୟ ସପ୍ତାହରେ ଯୁକ୍ତ୨ ପରୀକ୍ଷା**
ଫର୍ମ ପୂରଣ କଲେ ୪ ଲକ୍ଷ ଛାତ୍ରୀଛାତ୍ର

**ଭୁବନେଶ୍ୱର,(ସୁଚିସ୍ମିତା ସାହୁ):** ଫେବୃଆରୀ ତୃତୀୟ ସପ୍ତାହରୁ ଯୁକ୍ତ୨ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ପ୍ରାୟ ୪ଲକ୍ଷ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। କଳା ବର୍ଗରେ ସର୍ବାଧିକ ୨ଲକ୍ଷ ୫୪ହଜାର ୩୨୬ ଜଣ ଫର୍ମ ପୂରଣ କରିଛନ୍ତି। ବିଜ୍ଞାନରେ ୧ଲକ୍ଷ ୧୪ ହଜାର, ବାଣିଜ୍ୟରେ ୨୪ହଜାର ୩୬୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୮୮୭ଜଣ ପିଲା ଫର୍ମ ପୂରଣ କରିଛନ୍ତି। ୩ଲକ୍ଷ ୭୩ହଜାର ୯୧୦ ଜଣ ରେଗୁଲାର୍ ଏବଂ ୨୪ ହଜାର ୬୭୨ ଜଣ ଏକ୍ସ-ରେଗୁଲାର୍ ଛାତ୍ରୀଛାତ୍ର ଫର୍ମପୂରଣ କରିଛନ୍ତି। ପରୀକ୍ଷା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ପ୍ରସ୍ତୁତି ପ୍ରାୟ ଚୂଡ଼ାନ୍ତ ପ୍ରକ୍ରିୟାରେ ପହଞ୍ଚିଛି। ଡିସେମ୍ବର ୨୨ରୁ ଇଣ୍ଟରନାଲ୍ ପରୀକ୍ଷା ଆରମ୍ଭ ହେବ। ବାର୍ଷିକ ପରୀକ୍ଷା ପାଇଁ ଫେବୃଆରୀ ୧୪ ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ୧୫ରୁ ୨୫ତାରିଖ ମଧ୍ୟରେ ପରୀକ୍ଷା ଆରମ୍ଭ ହେବ।









# ୧୦ହଜାର କୋଟିରୁ ଊର୍ଦ୍ଧ୍ୱ ଅତିରିକ୍ତ ବଜେଟକୁ ମୋହର

## ମନ୍ତ୍ରୀ ପରିଷଦ ବୈଠକ

**ଭୁବନେଶ୍ୱର,୨୪।୧୧(ରବିନାରାୟଣ ଜେନା)**

ବିଧାନସଭାରେ ନଭେମ୍ବର ୨୭ରୁ ଆରମ୍ଭ ହେବାକୁ ଥିବା ଅତିରିକ୍ତ ବଜେଟ ଅଧିବେଶନର ଅବ୍ୟବହିତ ପୂର୍ବରୁ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବାଭବନର ତୃତୀୟ ମହଲାରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ୧୦ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅତିରିକ୍ତ ବଜେଟକୁ ଅନୁମୋଦନ ମିଳିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।



ଲୋକସେବା ଭବନରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକ।

ସୂଚନାଯୋଗ୍ୟ, ବିଧାନସଭାର ଶୀତ ଅଧିବେଶନ ନଭେମ୍ବର ୨୭ରୁ ଆରମ୍ଭ ହେବ। ପ୍ରଥମଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଭିଭାଷଣ ରଖିବେ। ୨୮ରେ ମୁଖ୍ୟମନ୍ତ୍ରୀ ଗୃହରେ ଅତିରିକ୍ତ ବଜେଟ ଉପସ୍ଥାପନ କରିବେ। ତେବେ ୨୦୨୪-୨୫ ବର୍ଷ ପାଇଁ ରାଜ୍ୟ ସରକାର ୧୨,୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ ଆଣିଥିଲେ। ସେଥିରେ ସରକାରୀ କାର୍ଯ୍ୟକ୍ରମ ବାବଦରେ ୧୦,୧୫୫ କୋଟି ଟଙ୍କା ରହିଥିବାବେଳେ ପ୍ରଶାସନିକ ବ୍ୟୟ ବାବଦରେ ୧୬୮୫ କୋଟି ଏବଂ ଅବଶିଷ୍ଟ ଟଙ୍କା ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ ଅଟକଳ ରହିଥିଲା।

# ହ୍ୟୁମାନଙ୍କ ମୃତ୍ୟୁକୁ ନେଇ ବଢୁଛି ରହସ୍ୟ

## 'ମୁଁ ମରିବାକୁ ଚାହେଁ' ବୋଲି କରିଥିଲେ ମେସେଜ୍

**ଭୁବନେଶ୍ୱର/ପାଟଣାଗଡ଼,୨୪।୧୧(ସତ୍ୟଜିତ ରାଉତ/ସଚ୍ଚିଦାନନ୍ଦ ମହାକୁର):** ପ୍ରସିଦ୍ଧ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ୭ ଦିନ ବିତିଯାଇଥିବାବେଳେ ଏହାକୁ ନେଇ ବିବାଦ ଘନେଇବାରେ ଲାଗିଛି। ହ୍ୟୁମାନଙ୍କ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ବିଭିନ୍ନ ମହଲରୁ ଦାବି କରାଯାଇଛି। ଆଠଗଡ଼ ମହୋତ୍ସବରେ ହ୍ୟୁମାନ ଷ୍ଟେଜ୍ ଶୋ' କରିବା ବେଳର ଏକ ଭିଡିଓ ସୋମବାର ଭାଇରାଲ ହୋଇଛି। ହ୍ୟୁମାନ ଅସୁସ୍ଥ ଥିବାବେଳେ ତାଙ୍କୁ ଷ୍ଟେଜ୍‌ରେ ଗୀତ ବୋଲିବାକୁ ବାଧ୍ୟ କରାଯାଇଥିଲା ବୋଲି ଉକ୍ତ ଭିଡିଓରୁ ଜଣାପଡୁଛି। ଏହି ଭିଡିଓ ଲୋକଲୋଚନକୁ ଆସିବା ପରେ ହ୍ୟୁମାନଙ୍କ ମୃତ୍ୟୁକୁ ନେଇ ଜନସାଧାରଣଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କିମାରିଛି।



୨୦୨୩ରେ ଆଠଗଡ଼ ମହୋତ୍ସବରେ ହଠାତ୍ ହ୍ୟୁମାନ ଅସୁସ୍ଥ ହୋଇପଡ଼ିଥିଲେ। ଉଚ୍ଚ ରକ୍ତଚାପ ଯୋଗୁ ବ୍ୟାକ୍ ଷ୍ଟେଜ୍‌ରେ ସେ ଚେତା ହରାଇ ପଡ଼ିଯାଇଥିଲେ। ତେବେ ପିଏ ଦିନେଶ ବେହେରାଙ୍କ ପାଇଁ ହ୍ୟୁମାନ ଷ୍ଟେଜ୍ ଉପରକୁ ଚଢ଼ିଥିଲେ ବୋଲି ସମସ୍ତଙ୍କୁ କହିଥିଲେ। ତେଣୁ ହ୍ୟୁମାନ ଅସୁସ୍ଥ ଥିବାବେଳେ କାହିଁକି ତାଙ୍କୁ ଗୀତ ବୋଲିବାକୁ ବାଧ୍ୟ କରାଯାଉଥିଲା ବୋଲି ପ୍ରଶ୍ନ ଉଠିଛି। ଅପରପକ୍ଷରେ ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମଙ୍କ ପାଖକୁ ଅଗଷ୍ଟ ମାସରେ ହ୍ୟୁମାନ କରିଥିବା ହୃଦୟ ବିଦାରକ ମେସେଜ୍ ସାମ୍ନାକୁ ଆସିବା ପରେ ଘଟଣା ଅଧିକ ଚର୍ଚ୍ଚା ସୃଷ୍ଟି କରିଛି। ହ୍ୟୁମାନ ବହୁ ଦୁଃଖରେ ବଞ୍ଚୁଥିଲେ ବୋଲି ସେଥିରୁ ସ୍ପଷ୍ଟ ହୋଇଛି। ଶ୍ରୀକାନ୍ତ ଏହି ଚାଟ୍ ଗଣମାଧ୍ୟମକୁ ଦେଖାଇ ଦୁଃଖପ୍ରକାଶ କରିଛନ୍ତି। ଗୌତମଙ୍କ ଷ୍ଟୁଡିଓ ରେକର୍ଡିଂକୁ ହ୍ୟୁମାନ ମନା କରିଦେଇଥିଲେ। ଶେଷ ମେସେଜ୍‌ରେ ହୃଦୟ ବିଦାରକ କଥା କହିଥିଲେ। 'ମୁଁ ଆଉ ବଞ୍ଚିବାକୁ ଚାହୁଁନାହିଁ, ମୁଁ ମରିବାକୁ ଚାହେଁ' ବୋଲି ହ୍ୟୁମାନ କହିଥିଲେ। ଏଭଳି କେଉଁ ପରିସ୍ଥିତିରେ ହ୍ୟୁମାନ କହିଥିଲେ ତାହା ରହସ୍ୟ ଘେରକୁ ଠେଲି ହୋଇଯାଇଛି। ସେପଟେ ୩ ଦିନ ତଳେ ବଲାଙ୍ଗୀର ଟାଉନ୍ ଥାନାରେ ବିଭିନ୍ନ କୋଶଳବାଦୀ ସଙ୍ଗଠନ ଅଭିଯୋଗ ଆଣି ହ୍ୟୁମାନଙ୍କ ମୃତ୍ୟୁପଛରେ ବିରାଟ ଷଡ଼ଯନ୍ତ୍ର ରହିଛି ଏବଂ ଏହାର ତଦନ୍ତ ଜରୁରୀ ବୋଲି ଦାବି କରି ତାଙ୍କର ୨ ମ୍ୟାନେଜର ଦିନେଶ ବେହେରା ଏବଂ ପ୍ରଶାନ୍ତ ବେହେରାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏଭଳି ସ୍ଥିତିରେ ସୋମବାର ପାଟଣାଗଡ଼ ଥାନାରେ ସେହି ୨ ମ୍ୟାନେଜରଙ୍କ ବିରୋଧରେ କୋଶଳ ମୁକ୍ତିମୋର୍ଚ୍ଚା ଏତଲା ଦେଇଛି। ହ୍ୟୁମାନଙ୍କୁ ଜାଣିଜାଣି ମୃତ୍ୟୁମୁଖକୁ ଠେଲି ଦିଆଯାଇଥିବା ଅଭିଯୋଗ କରାଯାଇଛି। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ କିମ୍ବା ସରକାର ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରିବାକୁ ଦାବି ହୋଇଛି। ସେହିପରି ଏହି ଘଟଣାର ତଦନ୍ତ କରିବା ସହ ସତ ସାମ୍ନାକୁ ଆଣିବାକୁ ଦାବି କରି ସିଭିଲ୍ ସୋସାଇଟି ଅଫ୍ ଓଡ଼ିଶା ଗୃହ ବିଭାଗର ଦ୍ୱାରସ୍ଥ ହୋଇଛି। ଯୋଜନାବଦ୍ଧ ଭାବେ ହ୍ୟୁମାନଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ ଅଣାଯାଇଛି। ହ୍ୟୁମାନଙ୍କ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମ୍ୟାନେଜରଦ୍ୱୟ ଆତ୍ମସାତ୍ କରିଛନ୍ତି ବୋଲି ଅଭିଯୋଗ କରାଯାଇ ଉଚ୍ଚସ୍ତରୀୟ ତଦନ୍ତ ସହ ତାଙ୍କ ମା'ଙ୍କୁ ନ୍ୟାୟ ଦିଆଯାଉ ବୋଲି ଦାବି ହୋଇଛି।

# ଆଜିଠୁ ଧାନ କିଣା ଆରମ୍ଭ: ମନ୍ତ୍ରୀ

**ଭୁବନେଶ୍ୱର, ୨୪।୧୧(ସୁନିତ୍ ମିଶ୍ର):** ରାଜ୍ୟରେ ମଙ୍ଗଳବାରଠାରୁ ଧାନକିଣା ଆରମ୍ଭ ହେବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ବଳସାମନ୍ତ କହିଛନ୍ତି, ଚାଷୀଙ୍କ ପାଇଁ ମଣ୍ଡିଗୁଡ଼ିକରେ ଏଥର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମଣ୍ଡିରେ ଖାଦ୍ୟ, ପାନୀୟ, ଶୌଚାଳୟ ଭଳି ସବୁ ବ୍ୟବସ୍ଥା କରାଯାଇଛି। ଠିକ୍ ସମୟରେ ଗାଡ଼ି ପହଞ୍ଚାଇବା ପାଇଁ ମିଲ୍ ମାଲିକଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଧାନ କିଣା ଉପରେ ନଜର ରଖିବାକୁ ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କଟ୍‌ନି ଛଟ୍‌ନି ଉପରେ ରାଜ୍ୟ ସରକାର ନଜର ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଗତ ୨୦ ତାରିଖରୁ ଧାନ ସଂଗ୍ରହ ହେବ ବୋଲି ମନ୍ତ୍ରୀ କହିଥିଲେ।

ସେହିପରି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଧାନ ସଂଗ୍ରହ ନେଇ ଶନିବାର ଏକ ବୈଠକ ହୋଇଥିଲା। ସେଥିରେ କରାଯାଇଥିବା ଆଲୋଚନା ମୁତାବକ, ଚଳିତ ବର୍ଷ ୩୧୩୪ଟି ସେବା ସମବାୟ ସମିତି ଓ ଲ୍ୟାମ୍ପସ ଧାନ ସଂଗ୍ରହରେ ସାମିଲ ହେବେ। ଏହାସହିତ ୧୪୧୯ କଷ୍ଟମ ମିଲର ଧାନ ସଂଗ୍ରହ କରିବେ ବୋଲି ଧାନସଂଗ୍ରହ ସମୀକ୍ଷା ବୈଠକରୁ ଜଣାଯାଇଛି।



















ପ୍ରତ୍ୟେକ ଲୋକର ନିଜ ବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? -ଶ୍ରୀମା



# ଜାତୀୟ ସ୍ୱାର୍ଥ ତ୍ୟାଗ

ଜୀବାଶ୍ମ ଇନ୍ଧନ ବାୟୁମଣ୍ଡଳରେ ପ୍ରଦୂଷଣ ବୃଦ୍ଧି କରିବା ସହ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ମୁଖ୍ୟ କାରଣ ପାଲଟିଥାଏ। ଏଥିଯୋଗୁ ସବୁଜଗୃହ ବାଷ୍ପ (ଜିଏଚ୍‌ଜି) ମାତ୍ରା ବଢ଼ିଥାଏ। ଏହାକୁ କମାଇବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ବିଶ୍ୱବ୍ୟାପୀ ଆଲୋଚନା ହେଉଛି। କିନ୍ତୁ ଦୁଃଖର ବିଷୟ ଯେ, ବ୍ରାଜିଲର ବେଲାମ୍‌ଠାରେ ନିକଟରେ ଶେଷ ହୋଇଥିବା କନ୍‌ଫରେନ୍ସ ଅଫ୍ ପାର୍ଟିଜ୍-୩୦(କପ୍ ୩୦) ଚୁକ୍ତିନାମାରୁ ଜୀବାଶ୍ମ ଇନ୍ଧନକୁ ବାଦ୍ ଦିଆଯାଇଛି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ସମଗ୍ର ପୃଥିବୀ ପ୍ରଭାବିତ ହେବ। କିନ୍ତୁ କେତୋଟି ଦେଶ ଉପରେ ଅଧିକ ପ୍ରଭାବ ଏବେଠାରୁ ଜଣାପଡ଼ିବା ଆରମ୍ଭ କଲାଣି। କ୍ଷତିଗ୍ରସ୍ତ ହେଉଥିବା ଦେଶଗୁଡ଼ିକୁ ଅଧିକ ଆର୍ଥିକ ସହାୟତା ଦିଆଯିବା ଲାଗି ସହମତି ମିଳିଥିବା ଜଣାପଡ଼ିଛି। ହେଲେ କୋଇଲା, ପେଟ୍ରୋଲିୟମ୍ ଆଦି ଜୀବାଶ୍ମ ଇନ୍ଧନ ବ୍ୟବହାରଜନିତ ଉତ୍ତାପ ବୃଦ୍ଧିରୁ ପୃଥିବୀକୁ ମୁକ୍ତ କରିବା ନେଇ ସେ ସଂକ୍ରାନ୍ତରେ କୌଣସି ସହମତିରେ ନ ପହଞ୍ଚିପାରିବା କପ୍‌୩୦ର ଲକ୍ଷ୍ୟକୁ ଚ୍ୟୁତ କରିଛି। ପେଟ୍ରୋଲିୟମ୍ ତୈଳ ଉତ୍ପାଦନକାରୀ ଦେଶ ଏ ଦିଗରେ ପ୍ରତିବନ୍ଧକ ସାଜି ଥିବା କୁହାଯାଉଛି। ସେପଟେ ଆମେରିକା ଏହି ସମ୍ମିଳନୀକୁ ତା'ର କୌଣସି ପ୍ରତିନିଧି ପଠାଇ ନ ଥିବା ଯୋଗୁ ସ୍ଥିତିକୁ ଆହୁରି ଗୋଳିଆ କରିଛି। ସମସ୍ତେ ଜାଣନ୍ତି ଯେ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଆମେରିକା ବହୁ ପରିମାଣରେ ଦାୟୀ। କ୍ଲାଇମେଟ ଚେଞ୍ଜ ପର୍‌ଫର୍ମାନ୍ସ ଇଣ୍ଡେକ୍ସ (ସିସିପିଆଇ) ଅନୁଯାୟୀ ଆମେରିକା ପୃଥିବୀକୁ ଅଧିକ ପ୍ରଦୂଷିତ କରୁଛି। ବିଶ୍ୱ ତାଲିକାରେ ଏହାର ସ୍ଥାନ ୬୫ରେ ଥିବା ବେଳେ ରୁଷିଆର ୬୪ ଓ ଚାଇନାର ୫୪ ରହିଛି। ସେହି ତୁଳନାରେ ଭାରତର ସ୍ଥିତି ଅପେକ୍ଷାକୃତ ଭଲ ଥିଲେ ମଧ୍ୟ ପୂର୍ବାପେକ୍ଷା ଖରାପ ସ୍ତରକୁ ଆସିଯାଇଛି। ୨୦୧୪ରେ ଭାରତର ସ୍ଥାନ ବିଶ୍ୱସ୍ତରରେ ୩୧ ଥିଲା ଓ ୨୦୧୯ରେ ଶ୍ରେଷ୍ଠ ୧୦ରେ ସ୍ଥାନ ପାଇଥିଲା। ବେଲାମଠାରେ ହୋଇଥିବା କପ୍ ୩୦ ପୃଷ୍ଠଭୂମିରେ ଜର୍ମାନ ପରିବେଶ ଓ ବିକାଶ ସଙ୍ଗଠନ 'ଜର୍ମାନୱାଚ୍' ଦ୍ୱାରା ଦେଶଗୁଡ଼ିକର ଜଳବାୟୁ ପ୍ରଦର୍ଶନକୁ ଅନୁଧ୍ୟାନ ସହ ତୁଳନା କରାଯାଇ ପ୍ରକାଶ ପାଇଥିବା ଉପରଲିଖିତ ରିପୋର୍ଟରୁ ଭାରତର ସ୍ଥାନ ୨୩କୁ ଖସିଆସିଥିବା ଜଣାପଡ଼ିଛି। ସୂଚନା ଦିଆଯାଇପାରେ ଯେ, ଜଳବାୟୁ ପ୍ରଦର୍ଶନ ସଂକ୍ରାନ୍ତରେ କରାଯାଉଥିବା ଅଧ୍ୟୟନରେ ସବୁଜଗୃହ ବାଷ୍ପ ନିର୍ଗମନ, ଶକ୍ତି ଉପଯୋଗ, ନବୀକରଣୀୟ ଶକ୍ତି ଓ ଜଳବାୟୁ ନୀତି ଆଦି ୪ କ୍ଷେତ୍ରକୁ ବିଚାରକୁ ନିଆଯାଇଥାଏ। ଏଥିରୁ ଜଣାପଡ଼ିଛି ଯେ, ଭାରତ ଜିଏଚ୍‌ଜି ପରିମାଣ ବଢ଼ାଇ ଚାଲିଛି। ସେହିପରି ପୂର୍ବାପେକ୍ଷା ଶକ୍ତି ଉପଯୋଗ ବଢ଼ିବା ସହ ଏହା ପ୍ରକୃତି ପ୍ରତି ଅବିଚାର କରୁଛି। ନିଜ ଭୂଖଣ୍ଡ ରକ୍ଷାର ଦାୟିତ୍ୱ ଦେଶବାସୀ ନେବା ଦରକାର।

୨୦୧୫ର ଐତିହାସିକ ପ୍ୟାରିସ୍ ଚୁକ୍ତିକୁ ଦଶ ବର୍ଷ ପୂରଣ ହେଲାଣି। ସେତେବେଳେ ପ୍ରାୟ ୨୦୦ଟି ଦେଶ ପୂର୍ବ-ଶିଳ୍ପଯୁଗୀୟ ସ୍ତରଠାରୁ ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲସିୟସ୍ ଭିତରେ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ଦଶକ ପରେ ମଣିଷ ଏ ଦିଗରେ ସକ୍ରିୟ ପଦକ୍ଷେପ ନ ନେବାରୁ ଆଜି ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ୨୪ ନଭେମ୍ବରରେ ଧରିତ୍ରୀ ପକ୍ଷରୁ ଆୟୋଜିତ ୟୁଥ୍ କନ୍‌କ୍ଲେଭ-୨୦୨୫ରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସେଣ୍ଟର ଫର୍ ସାଇନ୍ସ ଆଣ୍ଡ୍ ଏନ୍‌ଭାର୍ନମେଣ୍ଟ(ସିଏସ୍‌ଇ)ର ମହାନିର୍ଦ୍ଦେଶିକା ତଥା 'ଡାଉନ୍ ଟୁ ଆର୍ଥ'ର ସମ୍ପାଦକ ସୁନୀତା ନାରାୟଣ କହିଥିଲେ ଯେ, ବର୍ଷବ୍ୟାପୀ ପ୍ରତ୍ୟେକ ଦିନ ଭାରତବର୍ଷରେ କୌଣସି ନା କୌଣସି ସ୍ଥାନରେ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଉଛି। ତାଙ୍କ ସଂସ୍ଥାର ଗବେଷଣାରୁ ମିଳିଥିବା ତଥ୍ୟ ଆଧାରରେ ସେ ଏଭଳି ମତ ଦେଇଛନ୍ତି। ତେବେ ୟୁରୋପରୁ ଦକ୍ଷିଣ ଏସିଆ ପର୍ଯ୍ୟନ୍ତ ତାପପ୍ରବାହ, ଅଷ୍ଟ୍ରେଲିଆ ଓ ପଶ୍ଚିମ ଯୁକ୍ତରାଷ୍ଟ୍ର ଆମେରିକାରେ ବାରମ୍ବାର ଦେଖାଦେଉଥିବା ଜଙ୍ଗଲନିଆଁ ଏବଂ ଦକ୍ଷିଣ ଓ ଦକ୍ଷିଣପୂର୍ବ ଏସିଆରେ ଅନେକ ଲକ୍ଷ ଲୋକଙ୍କୁ ପ୍ରଭାବିତ କରୁଥିବା ବନ୍ୟା ଆଉ ଚେତାବନୀ ହୋଇ ରହିନାହିଁ, ଏହାର ବିଶାଳ ରୂପକୁ ଦେଖିଲେ ସେଗୁଡ଼ିକ ମଣିଷ ପାଇଁ ସତର୍କଘଣ୍ଟି ସାଜିଲେଣି।

କପ୍ ୩୦ରେ ବିଶ୍ୱର ପ୍ରମୁଖ ନିର୍ଗମନକାରୀ ଦେଶର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ଯୁକ୍ତରାଷ୍ଟ୍ର ଆମେରିକାର ଅନୁପସ୍ଥିତି ଜଳବାୟୁ ପରିବର୍ତ୍ତନ ମୁକାବିଲା ଦିଗରେ ଏକ ଝଟକା ବୋଲି କୁହାଯାଉଛି। ଆମେରିକାର ଏଭଳି କାର୍ଯ୍ୟ ଅନ୍ୟ ଦେଶଗୁଡ଼ିକୁ ବାଧ୍ୟତାମୂଳକ ପ୍ରତିଶ୍ରୁତିଠାରୁ ପଛଘୁଞ୍ଚା ଦେବାକୁ ଉତ୍ସାହିତ କରୁଛି। ବିଭିନ୍ନ ଶିଖର ବୈଠକରେ ବିକାଶଶୀଳ ଦେଶଗୁଡ଼ିକ ଯୁକ୍ତି କରିଥିଲେ ଯେ, ସେମାନଙ୍କୁ ନିର୍ଗମନ ହ୍ରାସର ବୋଝ ବୋହିବାକୁ କୁହାଯାଉଛି, ଯଦିଓ ଐତିହାସିକ ଭାବେ ଗ୍ରୀନହାଉସ୍ ଗ୍ୟାସ୍‌ର ବଡ଼ଭାଗ ପାଇଁ ଦାୟୀ ଧନୀ ଦେଶଗୁଡ଼ିକ ଦେଇଥିବା ପ୍ରତିଶ୍ରୁତି ଓ ସହାୟତା ଏପର୍ଯ୍ୟନ୍ତ ପୂରଣ କରିନାହାନ୍ତି। ତୈଳ ଓ ଗ୍ୟାସ ଉତ୍ପାଦନକାରୀ ଦେଶଗୁଡ଼ିକ ଜୀବାଶ୍ମ ଇନ୍ଧନ ପର୍ଯ୍ୟାୟକ୍ରମେ ବନ୍ଦ କରିବାର କଠୋର ଭାଷାକୁ ବିରୋଧ କରୁଛନ୍ତି। ଅର୍ଥନୈତିକ ନିର୍ଭରଶୀଳତା ଓ ଶକ୍ତି ନିରାପତ୍ତାକୁ କାରଣ ଭାବେ ଦର୍ଶାଉଛନ୍ତି।

ପୂର୍ବ ସମ୍ମିଳନୀଗୁଡ଼ିକ ପରି କପ୍ ୩୦ ମଧ୍ୟ ବିପୁଳ ପ୍ରତୀକାତ୍ମକ ଗୁରୁତ୍ୱ ବହନ କରିଥିଲା। କିନ୍ତୁ ପ୍ରତ୍ୟେକ ଶିଖର ବୈଠକ ବିଶ୍ୱ ଅଗ୍ରାଧିକାର ବିଷୟରେ ଆଲୋଚନା କରିଥାଏ। କିନ୍ତୁ ଦେଶଗୁଡ଼ିକ ଏକତ୍ରିତ ହୋଇ କାର୍ଯ୍ୟ କରିବେ ନା ନିଜ ଜାତୀୟ ସ୍ୱାର୍ଥରେ ପଛକୁ ହଟିଯିବେ, ତାହା ହୋଇଯାଇଛି ସମସ୍ତଙ୍କ ପାଇଁ ବଡ଼ ଆହ୍ୱାନ। ଆସନ୍ତା ଦିନଗୁଡ଼ିକରେ ଜାତୀୟ ସ୍ୱାର୍ଥ ଓ ପୃଥିବୀର ସ୍ୱାର୍ଥ ମୁହାଁମୁହିଁ ହେବାର ଯଥେଷ୍ଟ ଆଶଙ୍କା ଉପୁଜୁଛି। ଏହା ସମଗ୍ର ମନୁଷ୍ୟ ଜାତି ପାଇଁ ଏକ ବିପଦ ଭାବେ ଛିଡ଼ା ହେଲାଣି। ସମ୍ଭବତଃ ସମୟ ଆସିଲାଣି ଯେତେବେଳେ ଜାତୀୟତାବାଦକୁ ତ୍ୟାଗ କରିବା ପାଇଁ ମଣିଷ ଜାତି ବାଧ୍ୟ ହୋଇପାରେ। ତାହା ନ ହେଲେ ମଣିଷ ଜାତି ବଞ୍ଚିବା ଅସମ୍ଭବ ହୋଇପଡ଼ିବ।

# ଜୀବନ ଦର୍ଶନ ହିଁ ବିଶ୍ୱ ଦର୍ପଣ



ଡ.ମନୋଜ କୁମାର ମହାନ୍ତି

ପ୍ରତ୍ୟେକ ସଭ୍ୟତାର ପ୍ରତୀକଭାବେ ସାହିତ୍ୟ, ସଂସ୍କୃତି ଓ ଦର୍ଶନ ପ୍ରାଚୀନ ଅସ୍ତ୍ରରୂପେ ସମାଜକୁ କାଳଜୟୀ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିଶ୍ୱରେ ଗଢି ଉଠିଥିବା ଅଧିକାଂଶ ସଭ୍ୟତାର ଅନ୍ତରାଳେ ସାହିତ୍ୟ,ସଂସ୍କୃତି ଓ ଦର୍ଶନର ଝଲକ ନିଶ୍ଚିତି ଦେଖିବାକୁ ମିଳେ। ଭାବନାର ପ୍ରତୀକଭାବେ ଭାଷା ଓ ଭାଷାକୁ ସାମାଜିକ ଜୀବନରେ ବିସ୍ଥାପିତ କରିବା ପାଇଁ ସାହିତ୍ୟ ସାଜିଲା ଏକମାତ୍ର ମାଧ୍ୟମ। ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅବସ୍ଥାନରେ ଥିବା ସାମାଜିକ ଚଳଣି, ଜୀବନଶୈଳୀ, ରୀତିନୀତି, ପ୍ରଥା ପରମ୍ପରାକୁ ବଜାୟ ରଖିଥିବା ବିଶ୍ୱାସର ପରିପ୍ରକାଶକୁ ସଂସ୍କୃତି କୁହାଯାଏ। ସାହିତ୍ୟ ଓ ସଂସ୍କୃତିର ବିଶ୍ଳେଷଣାତ୍ମକ ତତ୍ତ୍ୱ ଜୀବନଦର୍ଶନ। ଜୀବନ ଦର୍ଶନସହ ମଣିଷ ଓତପ୍ରୋତଭାବେ ଜଡ଼ିତ। ଅର୍ଥାତ ଜୀବନର ମାର୍ଗଦର୍ଶକରୂପେ ଦର୍ଶନ ତା'ର ମହତ ଜ୍ଞାନତତ୍ତ୍ୱକୁ ବ୍ୟକ୍ତିତ୍ୱର ବିକାଶରେ ନିୟୋଜିତ କରିଛି। ମାନବୀୟ ସ୍ଥିତିର ମହତ୍ତ୍ୱ ଓ ମୂଲ୍ୟବୋଧକୁ ହୃଦୟଙ୍ଗମ କରି ତା' ଭିତରେ ଅନ୍ତର୍ନିହିତ ସତ୍ୟାସତ୍ୟକୁ ସମୀକ୍ଷାକରି ମାନବ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର ଜିଜ୍ଞାସାକୁ ଦର୍ଶନ କୁହାଯାଏ। ବିଶ୍ୱ ଚିନ୍ତାଚେତନାର ପରିବର୍ତ୍ତନର ପ୍ରଚ୍ଛଦପଟରେ ଦାର୍ଶନିକ ଚିନ୍ତାଧାରା ଏକ ବୃହତ ଅସ୍ତ୍ରରୂପେ କାର୍ଯ୍ୟ କରିଆସିଛି। ବିଶ୍ୱର କୋଣଅନୁକୋଣରେ ସୃଷ୍ଟିହୋଇଥିବା ବୈପ୍ଳବିକ ସଂଗଠନରେ ଦାର୍ଶନିକମାନଙ୍କ ଭୂମିକାର ଗୁରୁତ୍ୱ ସର୍ବାଗେ। ଯେବେଯେବେ ମାନବୀୟ ମହତ୍ତ୍ୱ ଓ ମୂଲ୍ୟବୋଧର ପ୍ରସଙ୍ଗ ଆଲୋଚନାର ପରିସରକୁ ଆସେ ସେବେସେବେ ଦର୍ଶନ ମାନବ ସମାଜ ପାଇଁ କେନ୍ଦ୍ରବିନ୍ଦୁ ପାଲଟିଯାଏ। ସାମାଜିକ ବ୍ୟବସ୍ଥାକୁ ମଜଭୁତ ସହ ମଣିଷକୁ ଦିଗ-ଦର୍ଶନ ଦେବାରେ ଦର୍ଶନ ସଦାସର୍ବଦା ଚେଷ୍ଟିତ। ବିଶ୍ୱର ପ୍ରତ୍ୟେକ ବିକଶିତ ସଭ୍ୟତା ସହ ଦାର୍ଶନିକ ଚିନ୍ତାଚେତନା ଉଭୟ ରାଷ୍ଟ୍ରୀୟ ଓ ସାମାଜିକ ଜୀବନରେ ଜଡ଼ିତ। ଦର୍ଶନର ମୂଳତତ୍ତ୍ୱକୁ ସାମାଜିକ ମୂଲ୍ୟବୋଧର ପରିଚାୟକରୂପେ ଯୁଗେଯୁଗେ ଗ୍ରହଣ କରାଯାଇଛି। ଭାରତୀୟ ଦର୍ଶନ ଓ ପାଶ୍ଚାତ୍ୟ ଦର୍ଶନରେ ବୁଦ୍ଧିବାଦ, ଇନ୍ଦ୍ରିୟାନୁଭୂତିବାଦ, ଆତ୍ମଜ୍ଞାନବାଦ ଏବଂ ବିଚାରବାଦର ବିଚାରଧାରାକୁ ଉପଯୁକ୍ତ ତର୍କ ଓ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଉପସ୍ଥାପନ କରାଯାଇଥାଏ। ତତ୍ତ୍ୱବିଦ୍ୟା, ତର୍କବିଦ୍ୟା, ଜ୍ଞାନବିଦ୍ୟା, ନୈତିକ ବିଦ୍ୟା ଏବଂ ସୌନ୍ଦର୍ଯ୍ୟ ବିଦ୍ୟା ମାଧ୍ୟମରେ ଦର୍ଶନ ନିଜର ପରିଚୟ ଅର୍ଜନ କରେ।

ପ୍ରକୃତି ଏବଂ ପଦାର୍ଥର ନିହିତ ଗୁଣକୁ ଖୋଜିବା ବିଜ୍ଞାନର ଦାୟିତ୍ୱ। ଯେଉଁଠି ଜଡ ବିଜ୍ଞାନର ପରିସୀମା ଅନ୍ତହୁଏ ସେଇଠି ତତ୍ତ୍ୱବିଦ୍ୟାରୂପକ ଦର୍ଶନ ହିଁ ପାଲଟିଯାଏ ଜଗତର ମୂଳାଧାର। କାରଣ ସବୁ ବିଜ୍ଞାନର ସୃଷ୍ଟି ମଣିଷର ଜ୍ଞାନଜଗତରୁ। ଦାର୍ଶନିକ ପ୍ଲାଟୋଙ୍କ ମତରେ ଆତ୍ମାର ଖାଦ୍ୟ ହେଉଛି ଜ୍ଞାନ। ଦର୍ଶନ ହିଁ ଜ୍ଞାନ ଏବଂ ଜ୍ଞାନ ବିନା ବିଜ୍ଞାନର ଅସ୍ତିତ୍ୱ ବା କାହିଁ? ଅର୍ଥାତ ଦର୍ଶନରେ ସବୁ ପ୍ରଜାତିର ବିଜ୍ଞାନ ନିହିତ। କାରଣ ସବୁର ଏକ



ଶେଷସୂକ୍ଷ୍ମ ସିଦ୍ଧାନ୍ତରୂପେ ଦାର୍ଶନିକ ତତ୍ତ୍ୱ ଆବିର୍ଭାବ ହୋଇଥାଏ। ଉଭୟ ଅନ୍ତଃଜଗତ ଓ ବାହ୍ୟଜଗତର ସତ୍ୟାସତ୍ୟକୁ ଉପସ୍ଥାପନ ଦର୍ଶନର ମୂଳଲକ୍ଷ୍ୟ। ଜୀବନର ଆତ୍ମିକ ଅନୁଭୂତି, ଆତ୍ମିକ ସମୀକ୍ଷା ଏବଂ ଆତ୍ମିକ ସିଦ୍ଧାନ୍ତର ଶ୍ରେଷ୍ଠତ୍ୱକୁ ଅନୁଭବ କରିବା ହିଁ ଦର୍ଶନ। ଏହା ଜଡ ଜାଗତିକ ଅନୁଭୂତିରୁ ଆରମ୍ଭ ହୋଇ ଆଧ୍ୟାତ୍ମିକ ଜାଗରଣରେ ସମାପ୍ତ ହୁଏ।

ସୃଷ୍ଟିର ଗୂଢ଼ରହସ୍ୟକୁ ଉନ୍ମୋଚନ ସହ ମଣିଷର ଚାରିତ୍ରିକ ଆଚରଣ ଓ ଉଚ୍ଚାରଣ ପରିବର୍ତ୍ତନରେ ଲୁଚିରହିଛି ଦର୍ଶନର ସତ୍ୟତା। ଚାରିତ୍ରିକ ଆଚରଣ କହିଲେ ମଣିଷର ନୈତିକ ଆଧାର ଯାହା ଅତ୍ୟାବଶ୍ୟକ ମାନବିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ। ସମସ୍ତ ସାଂସାରିକ ଦୁଃଖଯନ୍ତ୍ରଣାର କାରଣ ନୈତିକହୀନତା ଯାହା ବୁଦ୍ଧ ତାଙ୍କ ଅଷ୍ଟାଙ୍ଗମାର୍ଗରେ ଅଭିହିତ କରିଛନ୍ତି। ମଣିଷର ଅତ୍ୟାବଶ୍ୟକ ମୂଲ୍ୟବୋଧ ଯାହା ଜୈନ ଦର୍ଶନରେ ଅଣୁ ମହାବ୍ରତ ଭାବେ ନାମିତ କରାଯାଇଛି। ଅଣୁ ମହାବ୍ରତର ଅନୁସରଣରେ ହିଁ ଶ୍ରେଷ୍ଠ ଜୀବନଦର୍ଶନ ନିହିତ। ଅହିଂସା, ସତ୍ୟ, ଆସ୍ତେୟ, ଅପରିଗ୍ରହ ଓ ବ୍ରହ୍ମଚର୍ଯ୍ୟକୁ ମହାବ୍ରତ କୁହାଯାଏ। ଏହି ସାଧନାକୁ ଯେପର୍ଯ୍ୟନ୍ତ ମାନବ ଜାତି ଆନ୍ତରିକଭାବେ ପାଳନ ନକରିଛି ସେ ପର୍ଯ୍ୟନ୍ତ ଧ୍ୟାନ ଜପ ଓ ତପରେ କୌଣସି ମୂଲ୍ୟନାହିଁ। ଏହାହିଁ ଜୀବନ ଦର୍ଶନ ଯାହାକୁ ମହାତ୍ମା ଗାନ୍ଧୀ ତାଙ୍କ ଜୀବନରେ ଅନୁସରଣପୂର୍ବକ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅହିଂସା ଓ ସତ୍ୟକୁ ଏକ ଶ୍ରେଷ୍ଠ ହତିଆର କରିଥିଲେ।

ଅହିଂସା ଏକ ମାନସିକ ଅବସ୍ଥା ଯାହା ସଦାସର୍ବଦା ଅନ୍ୟର କ୍ଷତି ନ ପହଞ୍ଚାଇବାରେ ଏକ ପ୍ରତିଷେଧକ । ମନର ପରିକଳ୍ପନା, ବାକ୍ୟ ଓ କର୍ମ ଉପରେ ନକାରାତ୍ମକ ନିୟନ୍ତ୍ରିତ ପରିଭାଷା ହିଁ ଅହିଂସା। ପ୍ରେମ ଓ ସକାରାତ୍ମକ ଭାବନା ବି ଅହିଂସା। ପ୍ରତ୍ୟେକ ମଣିଷକୁ ମଣିଷ ଭଳି ବ୍ୟବହାର କରିବା ସହ ବିନା ଭେଦଭାବର ସଂକୀର୍ଣ୍ଣତାର ପୃଷ୍ଠପୋଷକତା କରିବା ଅହିଂସା। ହିଂସା ମଣିଷକୁ ଓ ତା' ମନକୁ ପଥଭ୍ରଷ୍ଟ କରେ, ଆତ୍ମାକୁ କଳୁଷିତ ଓ କବଳିତ କରେ। କଳୁଷିତ ଓ କବଳିତ ମଣିଷ ସର୍ବଦା ହିଂସ୍ର ସ୍ୱଭାବର। ଜୀବ ପ୍ରତି ଦୟା, ଅନୁକମ୍ପା ଓ ସେବା ଅହିଂସାର ପ୍ରତୀକ। ଅହିଂସା ମାଧ୍ୟମରେ ଗାନ୍ଧୀ ସାଧୀନତା ଆଣିବାରେ ସଫଳ ହୋଇଥିଲେ। ଏହି ଅହିଂସାକୁ ସାହାରା କରି ଦକ୍ଷିଣ ଆଫ୍ରିକାର ପ୍ରଥମ ରାଷ୍ଟ୍ରପତି ନେଲସନ ମଣ୍ଡେଲା ମଧ୍ୟ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ କରି ତେଇଶ ବର୍ଷ କାରାବାସ କରିଥିଲେ। ଅହିଂସା ସହ ସତ୍ୟ ମଣିଷର ଆଉ ଏକ ସାଧନା ବା ବ୍ରତ। ସତ୍ୟ ହିଁ ସୁନ୍ଦର, ସତ୍ୟ ହିଁ ଚିରନ୍ତନ, ନିରାକାର, ଚିରସବୁଜ। ପ୍ରତ୍ୟେକ ବ୍ୟକ୍ତି ନିଜର ଭାବନା, ବାକ୍ୟ ଓ କର୍ମରେ ସତ୍ୟର ସମ୍ମାନ କରିବା ଉଚିତ। ନିଜ କର୍ମ ଓ ଜୀବିକା ପ୍ରତି ସଚେତନ ସହ କର୍ତ୍ତବ୍ୟପରାୟଣତାକୁ ଜୀବନର ଶ୍ରେଷ୍ଠ ବ୍ରତଭାବେ ପାଳନ କରିବା। ଏହା ଜୀବନର ବାସ୍ତବତା ଓ ବାସ୍ତବତା ହିଁ ସତ୍ୟ। ସତ୍ୟପଥରେ ପଥିକ ସର୍ବଦା ସଙ୍କୋଚ ପଣିଆକୁ ଏକ ଅସ୍ତ୍ରଭାବେ ବ୍ୟବହାର କରିଥାଏ। ସତ୍ୟନିଷ୍ଠ ବ୍ୟକ୍ତିର ମାନସିକ ଅବସ୍ଥା ସୁସ୍ଥ, କାରଣ ମିଥ୍ୟା ଓ ଭୟ ଉଭୟ ଶାରୀରିକ ଓ ମାନସିକ ଯନ୍ତ୍ରଣାର କାରଣ। ଆସ୍ତେୟ ପଞ୍ଚ ମହାବ୍ରତର ଅନ୍ୟ ଏକ ଆଚରଣ ବିଧି। ଯେତେବେଳେ ଆମେ ଅନ୍ୟର ଜିନିଷକୁ ଚୋରି, ଠକି,ଶୋଷଣ ତଥା ପ୍ରତାରିତ କରି ନିଜର କରିବାର ଇଚ୍ଛା ପ୍ରକାଶ କରନ୍ତି ତାହା ମାନବୀୟ ମୂଲ୍ୟବୋଧ ନୁହେଁ। ଏଥିରୁ ନିବୃତ୍ତ ହେବା ନିହାତି ଜରୁରୀ ଓ ଏହା ଆସ୍ତେୟ। ଆପରିଗ୍ରହ ଚତୁର୍ଥ ମହବ୍ରତ ଯାହା ଆମ ସମସ୍ତଙ୍କୁ ଶିଖାଏ ଯେତିକି ଆବଶ୍ୟକ ସେତିକି ଗ୍ରହଣ କରାଯାଉ। ଆବଶ୍ୟକତାଠାରୁ ଅଧିକ ଗ୍ରହଣ ଲୋଭ । ଲୋଭର ବଶବର୍ତ୍ତୀ ବ୍ୟକ୍ତି ମାନସିକ ଯନ୍ତ୍ରଣା ଅନୁଭବ କରିବା ସହ ସାମାଜିକ ବିକାଶରେ ବାଧା ସୃଷ୍ଟି କରେ। ଖାଦ୍ୟ ଗ୍ରହଣଠାରୁ ବସ୍ତ୍ର ଆସବାସ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ନିଜକୁ ନିୟନ୍ତ୍ରିତ ରଖିବା ଦ୍ୱାରା କୌଣସି ମାନସିକ ଦ୍ୱନ୍ଦ୍ୱ ଉପୁଜେ ନାହିଁ। ବ୍ରହ୍ମଚର୍ଯ୍ୟ ଆମ ଚତୁରାଶ୍ରମ ଜୀବନର ପ୍ରଥମ ଆଶ୍ରମ ଓ ପଞ୍ଚ ମହାବ୍ରତ ସର୍ବଶ୍ରେଷ୍ଠ ବ୍ରତ। ପ୍ରତ୍ୟେକ ମଣିଷର ଏହା ଏକ ଶ୍ରେଷ୍ଠ ଓ ଉତ୍କୃଷ୍ଟ ଜୀବନ ଶୈଳୀର ପ୍ରଥମ ପାହାଚ। ଉଭୟ ମନ ଓ ଶରୀରକୁ, ସ୍ୱଚ୍ଛ ଓ ଶୁଦ୍ଧ ରଖିବା ପାଇଁ ଇନ୍ଦ୍ରିୟମାନଙ୍କୁ ବିକାରଗ୍ରସ୍ତ ଚିନ୍ତାଧାରାରୁ ନିବୃତ୍ତ ରଖିବା ହିଁ ବ୍ରହ୍ମଚର୍ଯ୍ୟ। ଯୌନତୃପ୍ତିର ଅହେତୁକ ବ୍ୟାକୁଳ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଇନ୍ଦ୍ରିୟମାନଙ୍କର ଅସଂଯତ ଉଚ୍ଚାରଣ ଓ ଆଚରଣ ସମସ୍ତ ସମସ୍ୟାର ମୂଳକାରଣ।

ଏକବିଂଶ ଶତାବ୍ଦୀ ଅତ୍ୟାଧୁନିକ ଜୀବନଶୈଳୀର ଯୁଗ। ଖାଦ୍ୟପେୟ, ବସ୍ତ୍ର ଓ ଅନ୍ୟାନ୍ୟ ଦୈନନ୍ଦିନ ସାମଗ୍ରୀରେ କୃତ୍ରିମତା ଭରିଭରି ରହିଛି। କାମ-କ୍ରୋଧ-ଲୋଭ-ମଦ- ମୋହ-ମାତ୍ସର୍ଯ୍ୟର କରାଳ ଗର୍ଭରେ କବଳିତ ମଣିଷ କଣବା କରିବ ?ସେଇ କଳୁଷିତ ଓ କୃତ୍ରିମ ମାନସିକତାକୁ ମଣିଷ ସମାଜ ସମ୍ପୂର୍ଣ୍ଣରୂପେ ଗ୍ରହଣ କରିବାରେ ଲାଗିଛି। ସାମ୍ପ୍ରତିକ ବିଶ୍ୱମାନବ ଜାତି ଉଭୟ ଶାରିରୀକ ଓ ମାନସିକ ସ୍ତରରେ ରୋଗାକ୍ରାନ୍ତ ହେବାରେ ଲାଗିଛି। ବସ୍ତୁବାଦୀ ଦୁନିଆରେ ବସ୍ତୁପ୍ରତି ଅହେତୁକ ଦୁର୍ବଳତା ସହ ନିଜ ଆର୍ଥିକ ମାନଦଣ୍ଡକୁ ସଶକ୍ତ କରିବା ଲକ୍ଷ୍ୟରେ ସମସ୍ତେ ଧାବମାନ। ପ୍ରତିଦ୍ୱନ୍ଦ୍ୱିତା ଓ ଈର୍ଷାପରାୟଣତା ଧୀରେଧୀରେ ମାନସିକ ଉତ୍ତେଜନା ଓ ଚାପଗ୍ରସ୍ତ ଜୀବନ ସୃଷ୍ଟି କରିଚାଲିଛି। ଏହି ପରିପ୍ରେକ୍ଷୀରେ ଦର୍ଶନର ତତ୍ତ୍ୱ ନିଶ୍ଚିତଭାବେ ଏକ ଉତ୍ତମମାର୍ଗ ଭାବେ ବିଶ୍ୱର ଜନସାଧାରଣଙ୍କୁ ମାର୍ଗଦର୍ଶକ ହୋଇ ସୁସ୍ଥ ସମାଜ ଗଠନ କରିବାରେ ସଫଳ ହେବ।

**ଦର୍ଶନ ବିଭାଗୀୟ ମୁଖ୍ୟ, ବି.ଏନ୍.ଏମ୍.ଏ ମହାବିଦ୍ୟାଳୟ, ଭଦ୍ରକ
ମୋ: ୮୮୯୫୩୪୧୦୩୩**

# ଆମକୁ କେତେ ଦରକାର



ପ୍ରଣତି ଆଚାର୍ଯ୍ୟ ମିଶ୍ର

ସମୟ ଥିଲା ଅଧିକାଂଶ ଘରୋଇ ହାତତିଆରି ଜିନିଷ ସ୍ଥାନୀୟ ବଜାରରେ ବିକ୍ରି ହେଉଥିଲା। ମହିଳାମାନେ ପୁରୁଣା ପୋଷାକ ବ୍ୟବହାର କରି ଶପିଂ ବ୍ୟାଗ, ପାପୋଛ ଏବଂ ଛୋଟ ପିଲାଙ୍କ ପୋଷାକ ତିଆରି କରୁଥିଲେ। ତେବେ ସମୟର ଅଭାବ ଏବଂ ସହଜରେ ଉପଲବ୍ଧ ବଜାର ସାମଗ୍ରୀ ଏହି ଧାରାକୁ ହ୍ରାସ କରିଛି। ରିଫିୟୁଜ, ରିଡିୟୁଜ, ରିୟୁଜ, ରିସାଇକ୍ଲିନର ଧାରଣା ଏକ ସୁବାକ୍ୟାଂଶ ପାଲଟିଛି। ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ଶିଳ୍ପାୟନ, ହାତରେ ନୁହେଁ କାରଖାନାଗୁଡ଼ିକରେ ଜିନିଷ ଉତ୍ପାଦନ କରିବାକୁ ପ୍ରେରଣା ଦେଇଛି। ପୋଷାକ ଧୋଇବା, ରୁଟି ତିଆରି କରିବା ଏବଂ ମସଲା ବାଟିବା ଉପକରଣଗୁଡ଼ିକ ବର୍ତ୍ତମାନ ସାଧାରଣ ଘରୋଇ ଉପକରଣ । ବଜାର ନୂତନ ଏବଂ ଉନ୍ନତ ସୁବିଧା ପାଇଁ ଚାହିଦା ସୃଷ୍ଟି କରୁଛି। ନୂତନ ବ୍ରାଣ୍ଡର ପୋଷାକ, ନୂତନ ମୋବାଇଲ ଫୋନ ଏବଂ ଯାନବାହନର ନୂତନ ମଡେଲ ଲୋକଙ୍କୁ ଆକର୍ଷିତ କରୁଛି। ଉତ୍ପାଦ ସହିତ ସମାନ ହାରରେ ଗ୍ରାହକଙ୍କୁ ଆକର୍ଷିତ କରିବାକୁ ବିଜ୍ଞାପନ ଯଥାସମ୍ଭବ ଚେଷ୍ଟା କରୁଛି। ବର୍ତ୍ତମାନ ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ଅନେକ ଡଜନ ପୋଷାକ । କିଛି ପୋଷାକ କେବଳ ଥରେ କିମ୍ବା ଦୁଇଥର ପିନ୍ଧାଯାଏ। ପରେ ବର୍ଷ ବର୍ଷ ଧରି ସଂରକ୍ଷଣ ହୋଇ ପୁରୁଣା ହୋଇଯାଏ। ଆମେ ସେଗୁଡ଼ିକୁ ନା ପିନ୍ଧୁଛନ୍ତି ନା କାହାକୁ ଦେଉଛନ୍ତି । ଶୀତଦିନେ କେତେକ ପଶମ ପୋଷାକ ଥରେ ମଧ୍ୟ ପିନ୍ଧାଯାଏ ନାହିଁ। ଏକ ରିପୋର୍ଟ ଅନୁଯାୟୀ ଭାରତୀୟ ଘରେ ୭୮,୩୦୦ କୋଟିରୁ ଅଧିକ ମୂଲ୍ୟର ସାମଗ୍ରୀ ଅବ୍ୟବହୃତ ପଡ଼ି ରହିଥାଏ। ଏଥିରେ ୨୦ କୋଟିରୁ ଅଧିକ ମୂଲ୍ୟର ଇଲେକ୍ଟ୍ରୋନିକ ସାମଗ୍ରୀ ଅନ୍ତର୍ଭୁକ୍ତ। ଏହାସହ ଚାରିଚକିଆ ଯାନ ସଂଖ୍ୟା ବୃଦ୍ଧି ପାଇ ମହାନଗରଗୁଡ଼ିକରେ ଟ୍ରାଫିକ ଜାମ୍ ଏବେ ସାଧାରଣ ସମସ୍ୟା ହୋଇଗଲାଣି। ଏହାକୁ ଦୂର କରିବା ପାଇଁ ଓଭରପାସ ନିର୍ମାଣ କରାଯାଉଛି, ରାଜପଥକୁ ଚାରି ଲେନ୍‌ରୁ ଛଅ ଲେନ ପର୍ଯ୍ୟନ୍ତ ବିସ୍ତାର କରାଯାଉଛି ଏବଂ ଅସଂଖ୍ୟ ଗଛ କଟାଯାଉଛି। କିନ୍ତୁ ସମସ୍ୟାର ମୂଳ କାରଣର ସମାଧାନ ହୋଇନାହିଁ। ଗାଁଗୁଡ଼ିକ ଖାଲି ହେବାକୁ ଲାଗିଛି। ଏହା ସହରଗୁଡ଼ିକ ଉପରେ ଚାପ ପକାଉଛି। ଘରଗୁଡ଼ିକ ଛୋଟ ହୋଇ ଅବ୍ୟବସ୍ଥିତ ହୋଇଯାଉଛି। ଜ୍ୟୋତିଷମାନେ ଆମକୁ ବିଭିନ୍ନ ଜିନିଷ କିଣିବାର ଠିକ ସମୟ କହୁଛନ୍ତି ଏବଂ ସେଗୁଡ଼ିକୁ କିଣିବାକୁ ଅନୁରୋଧ କରୁଛନ୍ତି। ବଡ଼ ବଡ଼ କମ୍ପାନୀଗୁଡ଼ିକ ବିଶେଷ ଅବସରରେ ସମସ୍ତ ପ୍ରକାରର ରିହାତି ପ୍ରଦାନ କରୁଛନ୍ତି। ବ୍ୟାଙ୍କଗୁଡ଼ିକ ଋଣ ପ୍ରସ୍ତାବ ପଠାଉଛନ୍ତି। ବଜାରର କାମ ହେଉଛି ଏହାର ସାମଗ୍ରୀ ବିକ୍ରୟ କରିବା। ହେଲେ ଆମେ ଚିନ୍ତା କରିବା କଥା ପ୍ରକୃତରେ ଆମକୁ କ'ଣ ସେହି



ଜିନିଷଗୁଡ଼ିକର ଆବଶ୍ୟକତା ଅଛି ? ଏବେ ଉପହାର ଦେବାର ପରମ୍ପରା ଯଥେଷ୍ଟ ବୃଦ୍ଧି ପାଇଛି। କେତେକ ସମୟରେ ଆମେ ବନ୍ଧୁ କିମ୍ବା ପରିଚିତ ବ୍ୟକ୍ତିଙ୍କୁ ଯେଉଁ ଉପହାର ଦେଉଛନ୍ତି ତାହା ସେମାନଙ୍କର ଆବଶ୍ୟକତା କିମ୍ବା ଇଚ୍ଛା ବାହାରେ। ବେଳେ ବେଳେ ସମାନ ଉପହାର ଜଣେ ଅନ୍ୟ ଜଣକୁ ଗୋଟିଏ ହାତରୁ ଅନ୍ୟ ହାତକୁ ଘୂରିବୁଲେ । ପ୍ଲେଟୋ କହିଛନ୍ତି, କମ୍ ଜିନିଷ ସହିତ ବଞ୍ଚିବା ହେଉଛି ସବୁଠାରୁ ବଡ଼ ସମ୍ପତ୍ତି। ଅନ୍ୟ କେହି ଜଣେ ଏହି କଥାକୁ ପ୍ରତିଧ୍ୱନିତ କରି କହିଛନ୍ତି ଯାତ୍ରାରେ ଆପଣଙ୍କ ପାଖରେ ଯେତେ କମ୍ ସାମଗ୍ରୀ ଥାଏ ଯାତ୍ରା ସେତେ ସହଜ।

ଥଣ୍ଡା ପାନୀୟ ବୋତଲକୁ ପାଣି ବୋତଲ ଭାବରେ ବ୍ୟବହାର କରିବା, ସମୟ ସମୟରେ ରୋଷେଇ ଘରେ ପ୍ୟାକେଜିଂ ପାତ୍ରକୁ ପୁନଃବ୍ୟବହାର କରିବା କିମ୍ବା କମ ପୋଷାକ ଏବଂ ସମ୍ବଳ ସହିତ ବଞ୍ଚିବା ଏସବୁ ଆଜି କଂଜୁସ, ଲୋଭୀ ବିବେଚିତ । ଯେତେ ଅଧିକ ବିଳାସପୂର୍ଣ୍ଣ ଜିନିଷ ଘର ସେତେ ଧନୀ ପଦବାଚ୍ୟ । କମ୍ ଜିନିଷ ସହିତ ବଞ୍ଚିବା, ସେଗୁଡ଼ିକୁ ସତର୍କତାର ସହିତ ବ୍ୟବହାର କରିବା, ସେଗୁଡ଼ିକୁ ମୂଲ୍ୟାଙ୍କନ କରିବା ଏବଂ ସେଗୁଡ଼ିକର ବିକଳ୍ପ ବ୍ୟବହାର ଖୋଜିବା ଆମକୁ ଅଧିକ ଯତ୍ନବାନ କରିଥାଏ। ଆଗରୁ କଲମର କାଳି ସରିଗଲେ ରିଫିଲ ପକାଇ କିମ୍ବା ସ୍ୟାହି ବ୍ୟବହାର ହେଉଥିଲା। ବର୍ତ୍ତମାନ ରିଫିଲ ଦାମ୍‌ର ନୂଆ କଲମ ଉପଲବ୍ଧ। ଏପରିସ୍ଥିତିରେ କ୍ରେତା ରିଫିଲ ବଦଳରେ ଅନ୍ୟ ପେନ୍ କିଣିବା ଉଚିତ ମନେକରନ୍ତି । ଏପରି ଅନେକ ଜିନିଷ ୟୁଜ୍ ଆଣ୍ଡ ଥ୍ରୋ ସଂସ୍କୃତିକୁ ଜନ୍ମ ଦିଏ।

ବାସ୍ତବରେ ଯଦି ବିଳାସପୂର୍ଣ୍ଣ ଦ୍ରବ୍ୟ ସୁଖ ପ୍ରଦାନ କରନ୍ତା ତେବେ ପ୍ରତ୍ୟେକ ଧନୀ ବ୍ୟକ୍ତି ସୁଖ ସାଗରରେ ବୁଡ଼ି ରହି ଥାନ୍ତେ। ଆଜିର ଯୁବପିଢ଼ି ବିକଳ୍ପରେ ପରିପୂର୍ଣ୍ଣ ଏକ ନୂତନ ଦୁନିଆରେ ବାସ କରନ୍ତି। ସୋସିଆଲ ମିଡିଆ, ଇ-କମର୍ସ, ଡିଜିଟାଲ ବ୍ୟବସାୟ ଏବଂ ଅଗଣିତ ବ୍ରାଣ୍ଡ ସେମାନଙ୍କୁ ବିଶ୍ୱାସ କରାଇଛନ୍ତି ଯେ ଅଧିକ ପାଇବା ହେଉଛି ଚୂଡ଼ାନ୍ତ ଲକ୍ଷ୍ୟ। ପ୍ରତିଦିନ ଏକ ନୂତନ ଫୋନ, ଏକ ନୂତନ ଫ୍ୟାଶନ, ଏକ ନୂତନ ଧାରା ସେମାନଙ୍କ ମାନସିକତାର ଅଂଶ ହୋଇଗଲାଣି। ତେଣୁ ଯେତେବେଳେ କେହି ସେମାନଙ୍କୁ 'ଅଳ୍ପରେ ବଞ୍ଚିବା ଶିଖ' କୁହନ୍ତି ଏହା ଅବାସ୍ତବ ପରାମର୍ଶ ପରି ମନେହୁଏ।

ଏହିପରି ଭାବେ ଆମେ ଉପଭୋକ୍ତା ସଂସ୍କୃତିର ଅଂଶ ହୋଇଯାଉ। ଉପହାର ବିନିମୟ ଭଳି କିଛି ଛୋଟ ପ୍ରୟାସ କରାଯାଏ ହେଲେ ସେଗୁଡ଼ିକ ପର୍ଯ୍ୟାପ୍ତ ନୁହେଁ। ବର୍ତ୍ତମାନ କିଛି ଅନୁଷ୍ଠାନ ଏବଂ ସ୍କୁଲ ସେମାନଙ୍କ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ଫି ବଦଳରେ ପ୍ଲାଷ୍ଟିକ ଜମା କରିବାକୁ କହିଛନ୍ତି। ପ୍ଲାଷ୍ଟିକ, କାଚ ଏବଂ କପଡ଼ାକୁ ପୁନଃବ୍ୟବହାର କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି କିନ୍ତୁ ଏହି ପ୍ରୟାସଗୁଡ଼ିକ କେବଳ ସମୁଦ୍ରକୁ ସଂଖେ।

**ନୟାଗଡ଼, ମୋ:୯୪୩୭୬୪୨୯୪୭**

## ଏଇ ଭାରତରେ

କଶ୍ମୀର ପୁଲ୍‌ୱାମା ଜିଲାର କୃଷକମାନେ ଏବେ କେବଳ ଲାଭେଣ୍ଡର (ଏକପ୍ରକାର ସୁଗନ୍ଧିତ ଗଛ) ଚାଷରେ ସୀମିତ ରହିନାହାନ୍ତି। ସେମାନେ ଭାରତରେ ପ୍ରଥମେ ଲାଭେଣ୍ଡର ମହୁ ଉତ୍ପାଦନ କରିବାରେ ସଫଳ ହୋଇଛନ୍ତି। କାଉନ୍‌ସିଲ ଫର୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍) -ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଟିଗ୍ରେଟିଭ ମେଡିସିନି (ଆଇଆଇଆଇଏମ୍)ର ବୈଜ୍ଞାନକମାନେ ଚାଷୀମାନଙ୍କୁ ଏହି ମହୁ ଉତ୍ପାଦନରେ ସାହାଯ୍ୟ କରୁଛନ୍ତି। ସିଏସ୍‌ଆଇଆର୍-ଆଇଆଇଆଇଏମ୍ ପ୍ରଥମ ପର୍ଯ୍ୟାୟରେ କୃଷକମାନଙ୍କୁ ମହୁବାକ୍ସ ଯୋଗାଇଦେଇଛି। ପୁଲ୍‌ୱାମାର ପାଖାପାଖି ୧୮୦ କୃଷକ ଏବେ ଲାଭେଣ୍ଡର ଚାଷ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୪୫ ଜଣଙ୍କୁ ଲାଭେଣ୍ଡର ମହୁ ଉତ୍ପାଦନ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। କୃଷକମାନେ ଉତ୍ପାଦନ କରୁଥିବା ମହୁକୁ 'ତରଳ ସୁନା' କୁହାଯାଉଛି ଏବଂ ୧ କେଜି ମହୁ ୬,୦୦୦ରୁ ୧୨,୦୦୦ ଟଙ୍କାରେ ବିକ୍ରି ହେଉଛି, ଯାହାକି ଅର୍ଗାନିକ ମହୁ ମୂଲ୍ୟଠାରୁ ପାଖାପାଖି ୬ଗୁଣ ଅଧିକ। ଏହା ଯୋଗୁ କୃଷକଙ୍କ ଆୟ ଯଥେଷ୍ଟ ବୃଦ୍ଧି ପାଉଛି। ସିଏସ୍‌ଆଇଆର୍ - ଆଇଆଇଆଇଏମ୍ ଏବେ କଶ୍ମୀରର ଅନ୍ୟ ସବୁ ଅଞ୍ଚଳରେ ୫୦୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ ଲାଭେଣ୍ଡର ମହୁ ଉତ୍ପାଦନ ପାଇଁ ସହଯୋଗ କରିବାକୁ ଯୋଜନା କରିଛି।

## ଚିରନ୍ତନୀ

ମଳୟର ମଧୁ ହାସେ ଭାସୁଥିଲା ରଜନୀ
ତୁମେ କିପାଁ ଧୀରପଦେ ଉଭା ହେଲ ସଜନୀ !
ପଞ୍ଚମୀର ଜୋଛନା ବୋଳି ଦେଇ ଆକାଶେ
ନ ଜାଣେ ମୁଁ ଚାହିଁଥିଲି ସେ କାହାର ସକାଶେ ।
ନିବିଡ଼ ଜୋଛନା ତଳେ ଶୋଇଥିଲା ରଜନୀ
ତୁମେ କିପାଁ ଧୀର ପଦେ ଉଭା ହେଲ ସଜନୀ !
-(ଛନ୍ଦ ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | | | |
| 3 | | | | | 5 | | 7 | |
| | 4 | | | | 3 | 5 | 2 | |
| | 2 | | | | | | 9 | 1 |
| | | | | | | | | |
| | 7 | | 5 | | 8 | | | 3 |
| | | 7 | | | | | 4 | 6 |
| | | 6 | | 9 | 7 | | 3 | |
| 2 | | 9 | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 4 | 1 | 2 | 3 | 5 | 6 | 7 |
| 5 | 7 | 2 | 6 | 8 | 9 | 4 | 3 | 1 |
| 6 | 3 | 1 | 5 | 4 | 7 | 9 | 2 | 8 |
| 9 | 6 | 3 | 8 | 7 | 2 | 1 | 5 | 4 |
| 7 | 2 | 5 | 3 | 1 | 4 | 6 | 8 | 9 |
| 4 | 1 | 8 | 9 | 6 | 5 | 2 | 7 | 3 |
| 3 | 4 | 7 | 2 | 9 | 6 | 8 | 1 | 5 |
| 2 | 8 | 9 | 7 | 5 | 1 | 3 | 4 | 6 |
| 1 | 5 | 6 | 4 | 3 | 8 | 7 | 9 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଦିବାସୀ ତାଲିକାରେ ମିର୍ଦ୍ଧା ଜାତିର ସାମ୍ବିଧାନିକ ତ୍ରୁଟି ସଂଶୋଧନ ହେଉ

ମହାଶୟ,

ସରକାର ଆଦିବାସୀମାନଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଆମ ମିର୍ଦ୍ଧା ଜାତି ଆଦିବାସୀ ହୋଇଥିଲେ ମଧ୍ୟ ଓଡ଼ିଶା ଆଦିବାସୀ ତାଲିକାରେ ଥିବା ତ୍ରୁଟି ଯୋଗୁ ମିର୍ଦ୍ଧା ନାମରେ ଜାତି ପ୍ରମାଣପତ୍ର ପାଇପାରୁ ନାହୁଁ । ଆଦିବାସୀ ତାଲିକାରେ ଇଂଲିଶରେ ମିର୍ଦ୍ଧା ଜାତିକୁ MIRDHAS (ମିର୍ଦ୍ଧାସ୍) ବୋଲି ଉଲ୍ଲେଖ ଥିବା ବେଳେ ହିନ୍ଦୀରେ MIRDHA (ମିର୍ଦ୍ଧା) ବୋଲି ଉଲ୍ଲେଖ ଅଛି । ଆମ ଜମିପଟ୍ଟାରେ ମଧ୍ୟ ଜାତି ମିର୍ଦ୍ଧା ବୋଲି ଉଲ୍ଲେଖ ରହିଛି। ରାଜ୍ୟ ତଥା କେନ୍ଦ୍ର ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯାଇଥିଲେ ମଧ୍ୟ ଏ ଯାଏ ଜାତି ପ୍ରମାଣପତ୍ର ପାଇଁ ବ୍ୟବସ୍ଥା ହୋଇ ପାରି ନାହିଁ। ତେଣୁ ରାଜ୍ୟ ସରକାର ଏ ଦିଗରେ ଧ୍ୟାନଦେଇ ଜାତି ପ୍ରମାଣପତ୍ର ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ ।

**-ଗୋବିନ୍ଦ ପଧାନ, ମିର୍ଦ୍ଧାପଡ଼ା, ଲୋଇସିଂହା, ବଲାଙ୍ଗୀର**

### ନେତାଙ୍କ ପ୍ରତି ବିଶ୍ୱାସ କମିଯାଉଛି

ବିଭିନ୍ନ ପର୍ବପର୍ବାଣି ହେଉ ବା ଜନ୍ମ ଦିବସର ଅବ୍ୟବହିତ ପୂର୍ବରୁ ଆଗ୍ରହୀ ବ୍ୟକ୍ତି ତାଙ୍କ ଅଞ୍ଚଳର ଏମ୍‌ପି ଓ ବିଧାୟକଙ୍କୁ ଶୁଭକାମନା ଜଣାଇ ପତ୍ରଟିଏ ପ୍ରଦାନ କରିଥାଏ । ମାତ୍ର ଉପରୋକ୍ତ ନେତାଙ୍କଠାରୁ ସାମାନ୍ୟ ପ୍ରତ୍ୟୁତ୍ତରଟିଏ ମିଳେନାହିଁ। ଆମେ ଜାଣୁ ଯେ, ସେମାନଙ୍କ ନିକଟକୁ ଏପରି ଶହ ଶହ ପତ୍ର ଯାଇଥାଏ, ମାତ୍ର ବିଳମ୍ବ ହେଲେ ମଧ୍ୟ ସେମାନଙ୍କ କାର୍ଯ୍ୟାଳୟରୁ ସମ୍ପୃକ୍ତ ପତ୍ର ପ୍ରେରକଙ୍କ ନିକଟକୁ ପ୍ରତ୍ୟୁତ୍ତର ଦେବା ଜରୁରୀ କି ନୁହେଁ ? ମୁଁ ମଧ୍ୟ ବିଭିନ୍ନ ସମୟରେ ନିର୍ବାଚିତ ପ୍ରତିନିଧିଙ୍କୁ ଅଭିନନ୍ଦନ ଜଣାଇ ପତ୍ର ପ୍ରେରଣ କଲେ ମଧ୍ୟ କାହାଠାରୁ ଉତ୍ତରଟିଏ ପାଇପାରୁନାହିଁ। ଏହା ଦ୍ୱାରା ସମ୍ପୃକ୍ତ ନେତାମାନଙ୍କ ପ୍ରତି ପ୍ରଶଂସକଙ୍କ ବିଶ୍ୱାସ କମିବାରେ ଲାଗିଛି।

**-ରଘୁନାଥ ନାୟକ, ଗୋପବନ୍ଧୁ ନଗର, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କଲେଜ ହଷ୍ଟେଲରେ ଛାତ୍ରଙ୍କ ମୃତ୍ୟୁ

**ଖୋର୍ଦ୍ଧା,୨୪।୧୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ପୁରୁସାହିଠାରେ ଥିବା ଏକ ଘରୋଇ ମହାବିଦ୍ୟାଳୟ ହଷ୍ଟେଲ ପରିସରରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଙ୍କି ରଗଡ଼ିର ଶ୍ରୀକୃଷ୍ଣ ପାତ୍ର(୧୭)। ସୂଚନା ମୁତାବକ, ଉକ୍ତ ମହାବିଦ୍ୟାଳୟରେ ଶ୍ରୀକୃଷ୍ଣ ଯୁକ୍ତ୨ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସେ କିଛିଦିନ ହେବ ଅସୁସ୍ଥତା ଥିଲେ। ତେବେ ରବିବାର ଅପରାହ୍ନ ୪ଟାରେ ଅସୁସ୍ଥ ଅନୁଭବ କରିଥିଲେ। ରାତିରେ ଅଧିକ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ରାତି ପ୍ରାୟ ୧ଟାରେ ହଷ୍ଟେଲକୁ କଲେଜକୁ ଫେରିଥିଲେ। ତେବେ ସେ ସକାଳେ ନ ଉଠିବାରୁ ତାଙ୍କୁ ପୁଣି କଲେଜ କର୍ତ୍ତୃପକ୍ଷ ମେଡିକାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ୨୩ ଗୋରୁ, ମଇଁଷି ଉଦ୍ଧାର: ୩ ଗିରଫ

**ଖୋର୍ଦ୍ଧା,୨୪।୧୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୋଲିସ ସୋମବାର ଏକ କଣ୍ଟେନରରୁ ୧୦ଟି ବଳଦ, ୧୨ ଗାଈ ଏବଂ ଗୋଟିଏ ମଇଁଷି ଉଦ୍ଧାର କରିଛି। ଉଦ୍ଧାର ଗୋରୁଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୋଲଗଡ଼ସ୍ଥିତ ଗୋଶାଳାକୁ ପଠାଯାଇଛି। ଏଥିସହ କଣ୍ଟେନର ଜବତ କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ଡ୍ରାଇଭରଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ରାଜପଥରେ ପୋଲିସ ଗାଡ଼ି ଯାଞ୍ଚ କରୁଥିବା ବେଳେ ଏକ କଣ୍ଟେନର ଉପରେ ସନ୍ଦେହ ହେବାରୁ ଅଟକାଇଥିଲା। ଯାଞ୍ଚ ବେଳେ ସେଥିରେ ଗୋରୁ ଥିବା ଦେଖିବାକୁ ପାଇଥିଲା। ଆନ୍ଧ୍ରପ୍ରଦେଶ ରାଜମହେନ୍ଦ୍ରୀରୁ କୋଲକାତା ଚାଲାଣ କରାଯାଉଥିଲା। ଏ ସଂକ୍ରାନ୍ତରେ ଡ୍ରାଇଭର ଆବଶ୍ୟକ ପ୍ରମାଣପତ୍ର ଦେଖାଇ ନ ପାରିବାରୁ ପୋଲିସ କଣ୍ଟେନରକୁ ଜବତ କରିଥିଲା।

# ମାମଲା ରୁଜୁ, ପୋଲିସକୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ନିଖୋଜ ନାବାଳିକା ଖୋର୍ଦ୍ଧା ମେଡିକାଲରୁ ଉଦ୍ଧାର ଘଟଣା**

- ପୀଡ଼ିତାଙ୍କୁ ଭେଟିଲେ ଓଏସ୍‌ସିପିସିଆର୍ ଅଧକ୍ଷା
- ନ୍ୟାୟ ନ ମିଳିଲେ ରାସ୍ତାକୁ ଓହ୍ଲାଇବେ ବିଜେଡି, କଂଗ୍ରେସ

**ଖୋର୍ଦ୍ଧା,୨୪।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଞ୍ଚଳର ୧୬ ବର୍ଷୀୟା ନାବାଳିକାଙ୍କୁ ଅପହରଣ ପରେ ଅସଦାଚରଣ କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଗତ ୨୦ତାରିଖରେ ସମ୍ପୃକ୍ତ ନାବାଳିକା ମୁମୂର୍ଷୁ ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରୁ ଉଦ୍ଧାର ପରେ କ୍ୟାପିଟାଲ ହସ୍ପିଟାଲର ୱାନ୍ ଷ୍ଟପ୍ ସେଣ୍ଟର (ଓଏସ୍‌ପି) ସଖୀରେ ଚିକିତ୍ସାଧୀନ ଥିଲେ। ସୋମବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ଅଧକ୍ଷା ବବିତା ପାତ୍ରଙ୍କ ସମେତ ୩ଜଣିଆ ଟିମ୍ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ପୀଡ଼ିତା ଏବଂ ତାଙ୍କ ପରିବାର ସହ ଆଲୋଚନା କରିଛନ୍ତି। ଏଥିସହ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କୁ ପଚାରି ବୁଝିଥିଲେ। ପୀଡ଼ିତାଙ୍କୁ ଡିସ୍‌ଚାର୍ଜ କରାଯିବା ପରେ ପରିବାର ସହ ଘରକୁ ଫେରିଛନ୍ତି। ଏନେଇ ଓଏସ୍‌ସିପିସିଆର୍ ଅଧକ୍ଷା ପାତ୍ର କହିଛନ୍ତି ଯେ, ପୀଡ଼ିତା ପୂର୍ବରୁ ସୋସିଆଲ ମିଡିଆରେ ଜଣେ ଯୁବକଙ୍କ ସହ ସମ୍ପର୍କରେ ଆସିଥିଲେ। ପୀଡ଼ିତାଙ୍କ ବୟାନ ଅନୁଯାୟୀ ଗତ ୧୮ତାରିଖରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ଅନ୍ୟ ୪ଜଣ ଥିଲେ। ତାଙ୍କୁ ଡାକି ଅପହରଣ ପରେ ଅସଦାଚରଣ କରିଥିଲେ। ନିଶା ଦେଇ ତାଙ୍କୁ ଅଚେତ କରିଦେଇଥିଲେ। ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଆୟୋଗ ନିଜ ଆଡୁ ମାମଲା ରୁଜୁ କରିଛି। ଘଟଣା ସମ୍ପର୍କରେ ସବିଶେଷ ତଦନ୍ତ ରିପୋର୍ଟ ଦାଖଲ ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାରେ ପୋଲିସ ୫ଜଣଙ୍କୁ ଅଟକ ରଖିଛି। ପୀଡ଼ିତାଙ୍କ ଡାକ୍ତରୀ ରିପୋର୍ଟ ଆସିବା ପରେ ସତ୍ୟତା ସ୍ପଷ୍ଟ ହେବ। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଅନ୍‌ଲାଇନ ମାଧ୍ୟମରେ ନାବାଳିକା, କିଶୋରୀ, ଯୁବତୀମାନେ କାହାରି ସଂସ୍ପର୍ଶରେ ଆସନ୍ତୁ ନାହିଁ। ପରବର୍ତ୍ତୀ ସମୟରେ ଏଭଳି ଘଟଣା ସାମନାକୁ ଆସୁଛି। ଏଥିଲାଗି ଆୟୋଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପାତ୍ର କହିଛନ୍ତି।



ଓଏସ୍‌ସିପିସିଆର୍ ଅଧକ୍ଷା ବବିତା ପାତ୍ର ସୂଚନା ଦେଉଛନ୍ତି।

ସେହିପରି ବେଗୁନିଆ ବିଧାୟକ ପ୍ରଦୀପ ସାହୁ କ୍ୟାପିଟାଲ ହସ୍ପିଟାଲରେ ପୀଡ଼ିତାଙ୍କ ପରିବାରଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହା ପରେ ବିଧାୟକ ସାହୁ କହିଛନ୍ତି ଯେ, ଏହା ଏକ ସମ୍ବେଦନଶୀଳ ଘଟଣା। ଏ ସଂକ୍ରାନ୍ତରେ ବାଘମାରୀ ଥାନା ଅଧିକାରୀଙ୍କଠାରୁ ଏସ୍‌ପିଙ୍କ ପର୍ଯ୍ୟନ୍ତ ଆଲୋଚନା କରିଛି। ବର୍ତ୍ତମାନ ସୁଦ୍ଧା ପୋଲିସ ୫ଜଣଙ୍କୁ ଅଟକ ରଖିଛି, ହେଲେ କାହାକୁ ଗିରଫ କରିନାହିଁ। ତେଣୁ ପୋଲିସର ଭୂମିକା ଉପରେ ସନ୍ଦେହ ହେବା ସ୍ୱାଭାବିକ। କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କିଛି ନ କହିବା ସନ୍ଦେହ ହେଉଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସାହୁ କହିଛନ୍ତି। ସେହିପରି ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିଜ X ଆକାଉଣ୍ଟରେ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏହି ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଏବଂ ହୃଦୟବିଦାରକ। ବିଜୁ ଜନତା ଦଳର ସରକାର ସମୟରେ ମିଶନ ଶକ୍ତି ଜରିଆରେ ମା'ମାନେ ସଫଳତାର ଶିଡ଼ି ଚଢୁଥିଲେ, ନିଜର ପରିଚୟ ସୃଷ୍ଟି କରୁଥିଲେ। ଭାଜପା ସରକାର ସମୟରେ ମା'ମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଦିନକୁ ଦିନ ଓଡ଼ିଶାରେ ମହିଳାମାନଙ୍କ ଉପରେ ବଢୁଥିବା ନିର୍ଯାତନା ସମସ୍ତଙ୍କୁ ବିଚଳିତ କରୁଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି। ଅନ୍ୟପଟେ ଜିଲା କଂଗ୍ରେସ କମିଟି ମଧ୍ୟ ତଦନ୍ତରେ ଶୀଥିଳତାକୁ ନେଇ ପୋଲିସର ସ୍ୱଚ୍ଛତା ଉପରେ ପ୍ରଶ୍ନ କରିଛି। ପୀଡ଼ିତାଙ୍କୁ ଅପହରଣ ପରେ ଅସଦାଚରଣ ଭଳି ଅଭିଯୋଗ ସତ୍ତ୍ୱେ ପୋଲିସ କାହିଁକି ଅଭିଯୁକ୍ତଙ୍କୁ ଗିରଫ କରୁନି, ଏହା ପଛରେ କ'ଣ ରହସ୍ୟ ରହିଛି ବୋଲି ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ପ୍ରମାଣ ହସ୍ତଗତ ସତ୍ତ୍ୱେ କାହା ଚାପରେ ରହିଛି ଖୋର୍ଦ୍ଧା ପୋଲିସ। କିଏ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରୁଛି। ପୀଡ଼ିତାଙ୍କୁ ନ୍ୟାୟ ଦେବାରେ ଅବହେଳା କରାଗଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ପଟ୍ଟନାୟକ କହିଛନ୍ତି।

ଅନ୍ୟପକ୍ଷରେ ଏତଲାରୁ ଅଭିଯୁକ୍ତଙ୍କ ନାମ ହଟାଇବା ପାଇଁ ତଦନ୍ତକାରୀ ଅଧିକାରୀ ଚକ୍ରାନ୍ତ କରୁଛନ୍ତି ବୋଲି ପୀଡ଼ିତାଙ୍କ ମା' ଗଣମାଧ୍ୟମରେ ଅଭିଯୋଗ ଆଣିଛନ୍ତି। ମୂଳ ମାମଲାକୁ ଦୁର୍ବଳ କରିବାକୁ ମସୁଧା ଚାଲିଛି। ବୟାନରେ ନାବାଳିକା ଯାହା କହୁଛନ୍ତି ତାକୁ ରେକର୍ଡ ନ କରି, ନାଁ ବଦଳାଇ ନାବାଳିକାଙ୍କୁ ମାନସିକ ନିର୍ଯାତନା ସହିତ ମାମଲା ରଫାଦଫା ପାଇଁ ପୋଲିସ ଚାପ ପକାଉଛି ବୋଲି ପୀଡ଼ିତାଙ୍କ ମା' କହିଛନ୍ତି।

## ୭୮ ଅଭିଯୋଗରୁ ୧୩ ଗ୍ରାମୀଣ ସମସ୍ୟା

**ବାଣପୁର,୨୪।୧୧(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ବ୍ଲକ ନୀଳାଦ୍ରିପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଅମ୍ରିତ୍ ଋତୁରାଜ ଏବଂ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ଉପସ୍ଥିତିରେ ପଲ୍ଲୀରେ ପ୍ରଶାସନ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୭୮ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୬୫ ଏବଂ ଗ୍ରାମୀଣ ସମସ୍ୟାଜନିତ ୧୩ଟି ଅଭିଯୋଗ ରହିଥିଲା। ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା , ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ସଞ୍ଜୟ ଚନ୍ଦ୍ର ରାୟ, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱର କଅଁର, ବିଡିଓ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ।

## ଖୁସି ୱାରିୟର ବିଜୟୀ

- ଜି ଷ୍ଟାର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଟାଙ୍ଗୀ,୨୪।୧୧(ରଘୁନାଥ ସାହୁ)**

ଜନତା କଲେଜ ଷ୍ଟାଡିୟମରେ ଚାଲିଥିବା ତୃତୀୟ ଜି ଷ୍ଟାର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ଶ୍ରୀୟନ୍ତିଖା ଟ୍ୟାଟନ ଏବଂ ଖୁସି ୱାରିୟର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଖୁସି ୱାରିୟର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ୭ ଉଇକେଟ ବିନିମୟରେ ୧୦୮ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀୟନ୍ତିଖା ଟ୍ୟାଟନ ଟିମ୍ ସମସ୍ତ ଉଇକେଟ ବିନିମୟରେ ୧୦୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଖୁସି ୱାରିୟର ଟିମ୍ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ବାପୁ ଶ୍ରୀଚନ୍ଦନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚ୍ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମିଥିଲା।

## ଶଗଡ଼ଭଙ୍ଗାରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ

**ବେଗୁନିଆ,୨୪।୧୧(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ବ୍ଲକ ଶଗଡ଼ଭଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଲୀଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବିଡିଓ ସନ୍ତୋଷ ଜେନା, ତହସିଲଦାର ତାପସ ବିଶି, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ଦେବାଶିଷ ଆଚାର୍ଯ୍ୟଙ୍କ ସହିତ ସମସ୍ତ ବିଭାଗୀୟ ମୁଖ୍ୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। କାର୍ଯ୍ୟକ୍ରମରେ ମୋଟ୍ ୧୫୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୮୫, ନୂତନ ଭତ୍ତା ଆବେଦନ ୩୯, ତହସିଲ ସମ୍ବନ୍ଧୀୟ ୩, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ୨, ନୂତନ ନଳକୂପ ଖନନ ୫, ରାଶନକାର୍ଡ ଆବେଦନ ୧୨, ବିଦ୍ୟୁତ୍ ସମ୍ବନ୍ଧୀୟ ୨ ଏବଂ ଅନ୍ୟାନ୍ୟ ୯ଟି ଅଭିଯୋଗପତ୍ର ଦାଖଲ ହୋଇଥିଲା। ବିଡିଓ ଜେନା କହିଛନ୍ତି ଯେ, ଜନସାଧାରଣଙ୍କ କୌଣସି ସମସ୍ୟା ହେଲେ ଆଉ ବ୍ଲକ, ତହସିଲ କିମ୍ବା ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଅଯଥା ଖର୍ଚ୍ଚାନ୍ତ ହୋଇ ଯିବାକୁ ପଡ଼ିବନାହିଁ। ପଲ୍ଲୀରେ ପ୍ରଶାସନ ପହଞ୍ଚି ଲୋକଙ୍କୁ ହାତ ପାଆନ୍ତାରେ ସେବା ଯୋଗାଇଦେବା ଲକ୍ଷ୍ୟ ନେଇ ଜିଲାପାଳଙ୍କ ପକ୍ଷରୁ ଗତ ସେପ୍ଟେମ୍ବର ୮ରୁ ଉକ୍ତ କାର୍ଯ୍ୟକ୍ରମ ଜାରି ରହିଛି।

## ଚିଲିକାରେ ଫସିଲା ଯାତ୍ରୀବାହୀ ଡଙ୍ଗା

**ବାଲୁଗାଁ,୨୪।୧୧(ସଂଗ୍ରାମ ପାଇକରାୟ)**

ଖୋର୍ଦ୍ଧା ଜିଲା ବାଲୁଗାଁ ନିକଟ ବଡ଼କୁଳ ଜେଟିରୁ ସୋମବାର ସକାଳ ୮ଟାରେ ଏକ ଡଙ୍ଗାରେ ୧୨ଜଣ ଯାତ୍ରୀ ମା'କାଳିଜାଈଙ୍କ ଦର୍ଶନ ପାଇଁ ଯାଇଥିଲେ। ସେଠାରୁ ଦର୍ଶନ ସାରି ଫେରିବା ବେଳେ ଚିଲିକାରେ ହଠାତ୍ ଡଙ୍ଗାର ମେସିନ ଅଚଳ ହୋଇଯାଇଥିଲା। ନାଉରିଆ କାତ ମାରି କୂଳକୁ ଆଣିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଡଙ୍ଗାଟି ବିପରୀତ ଦିଗରେ ଭାସି ବାଟବଣା ହୋଇଥିଲା। ଚିଲିକାରେ ପ୍ରାୟ ୨ଘଣ୍ଟା ଧରି ଡଙ୍ଗାଟି ଘୂରି ବୁଲିଥିଲା। ଖବରପାଇ ଜେଟିରୁ



ଆଉ ଗୋଟିଏ ଡଙ୍ଗା ଚିଲିକା ଭିତରକୁ ଯାଇ ଖୋଜାଖୋଜି କରି ବିଫଳ ହୋଇ କୂଳକୁ ଫେରିଆସିଥିଲା। ଖବରପାଇ ବାଲୁଗାଁ ଅଗ୍ନିଶମ ବାହିନୀ ପହଞ୍ଚି ବୋଟ୍ ଯୋଗେ ନିଖୋଜ ଡଙ୍ଗା ଅନୁସନ୍ଧାନରେ ବାହାରିଥିଲେ। ତେବେ ସେତେବେଳକୁ ଅନ୍ୟ ଏକ ଡଙ୍ଗା ସହାୟତାରେ ଯାତ୍ରୀମାନେ କୂଳକୁ ଫେରିଥିଲେ। ଚିଲିକାରେ ପୂର୍ବରୁ ଏଭଳି ଘଟଣା ଘଟିଆସୁଥିବା ବେଳେ ଜରୁରୀ ସମୟରେ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉଦ୍ଧାର ସମସ୍ତ ଯାତ୍ରୀ ବାଲେଶ୍ୱର ଏବଂ ନୟାଗଡ଼ ଅଞ୍ଚଳର ବୋଲି ଜଣାପଡ଼ିଛି।






**ଚିଲିକାରେ ଫସିଲା ଯାତ୍ରୀବାହୀ ଡଙ୍ଗା**

ବାଲୁଗାଁ,(ସଂଗ୍ରାମ ପାଇକରାୟ): ଖୋର୍ଦ୍ଧା ଜିଲା ବାଲୁଗାଁ ନିକଟ ବଡ଼କୁଳ ଜେଟିରୁ ସୋମବାର ସକାଳ ୮ଟାରେ ଏକ ଡଙ୍ଗାରେ ୧୨ଜଣ ଯାତ୍ରୀ ମା'କାଳିଜାଇଙ୍କ ଦର୍ଶନ ପାଇଁ ଯାଇଥିଲେ। ସେଠାରୁ ଦର୍ଶନ ସାରି ଫେରିବା ବେଳେ ଚିଲିକାରେ ହଠାତ୍ ଡଙ୍ଗାର ମେଶିନ ଅଚଳ ହୋଇଯାଇଥିଲା। ଚିଲିକାରେ ପ୍ରାୟ ୨ଘଣ୍ଟା ଧରି ଡଙ୍ଗାଟି ଘୂରି ବୁଲିଥିଲା। ଜେଟିରୁ ଆଉ ଗୋଟିଏ ଡଙ୍ଗା ଯାଇ ଖୋଜାଖୋଜି କରି ବିଫଳ ହୋଇଥିଲା। ବାଲୁଗାଁ ଅଗ୍ନିଶମ ବାହିନୀ ପହଞ୍ଚି ଡଙ୍ଗା ଅନୁସନ୍ଧାନରେ ବାହାରିଥିଲେ। ତେବେ ସେତେବେଳକୁ ଅନ୍ୟ ଏକ ଡଙ୍ଗା ସହାୟତାରେ ଯାତ୍ରୀମାନେ କୂଳକୁ ଫେରିଥିଲେ।



୧୧ ଦଫା ଦାବି ନେଇ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍ ପକ୍ଷରୁ ସୋମବାର ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ଶ୍ରମ କୋଡ୍‌କୁ ବିରୋଧ କରି ଏଆଇସିସିଟିୟୁ ଓଡ଼ିଶା ଷ୍ଟେଟ୍ କମିଟି ପକ୍ଷରୁ ସୋମବାର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ବିକ୍ଷୋଭ ପ୍ରଦର୍ଶନ।

# ରାଷ୍ଟ୍ରପତିଙ୍କ ସୁରକ୍ଷାରେ ମୁତୟନ ହେବେ ୨୨ ପ୍ଲାଟୁନ୍ ଫୋର୍ସ

**ଭୁବନେଶ୍ୱର,୨୪।୧୧(ତ୍ରିନାଥ ମହାନ୍ତି)**

**ବିମାନ ବନ୍ଦର କର୍ତ୍ତୃପକ୍ଷ ଓ ବିଭିନ୍ନ ବିଭାଗ ସହ ପୋଲିସର ଆଲୋଚନା**

ଆସନ୍ତା ୨୭ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱର ଗସ୍ତରେ ଆସିବେ। ଏଥିପାଇଁ ପୋଲିସ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଗସ୍ତ ସମୟରେ ଯେପରି କିଛି ତ୍ରୁଟି ନ ରହେ, ସେଥିଲାଗି ପୋଲିସ ବିଭିନ୍ନ ବିଭାଗ ସହ ଆଲୋଚନା କରିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସୋମବାର ପୋଲିସ ଏବଂ ଅନ୍ୟାନ୍ୟ ବିଭାଗ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରପତି ୨୭ ତାରିଖ ଅପରାହ୍ନ ୨ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସେ ଉକ୍ତଦିନ ରାଜଭବନରେ ରାତ୍ରି ଯାପନ କରିବେ। ୨୮ ତାରିଖରେ ବିଧାନସଭା କାର୍ଯ୍ୟକ୍ରମରେ ଯୋଗଦେବେ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷାକୁ ଦୃଷ୍ଟିରେ ରଖି ବିମାନବନ୍ଦର ପରିସରରେ ସିଆଇଏସ୍ଏଫ୍ କର୍ମଚାରୀଙ୍କଠୁ ଆରମ୍ଭ କରି ବିଧାନସଭା ବାହାରେ ପୋଲିସ କର୍ମଚାରୀଙ୍କ ମିଳିତ ସମନ୍ୱୟରେ ସୁରକ୍ଷା ବ୍ୟବସ୍ଥା କରାଯିବ। ବିମାନବନ୍ଦରଠାରୁ ରାଜଭବନ ଓ ସେଠାରୁ ବିଧାନସଭା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟାରିକେଡ୍ କରାଯିବ। ତେଣୁ ମିଳିତ ସମନ୍ୱୟରେ ରାଷ୍ଟ୍ରପତିଙ୍କ ଗସ୍ତକୁ ସୁରୁଖୁରୁରେ କରିବା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷ, ସିଆଇଏସ୍ଏଫ୍, ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ବ୍ୟୁରୋ, ଓଡ଼ିଶା ପୋଲିସ, ଅଗ୍ନିଶମ ବିଭାଗ, ଖୋର୍ଦ୍ଧା ଜିଲା ପ୍ରଶାସନ, ବିଦ୍ୟୁତ୍, ପିଡବ୍ଲ୍ୟୁଡି ଓ ଟ୍ରାଫିକ ବିଭାଗ, କ୍ୟାଟରିଂ ସଂସ୍ଥାର କର୍ମଚାରୀମାନେ ବୈଠକରେ ଉପସ୍ଥିତ ଥିଲେ। ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ, ଟ୍ରାଫିକ ଡିସିପି, ହେଡ୍‌କ୍ୱାର୍ଟର ଡିସିପିଙ୍କ ସହ ସିଆଇଏସ୍ଏଫ୍ ଡିଆଇଜି ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ। ରାଷ୍ଟ୍ରପତିଙ୍କ ସୁରକ୍ଷାରେ ୨୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ। ସେହିପରି ବ୍ଲୁ-ବୁକ୍ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଡିସିପି ଜଗମୋହନ ମୀନା କହିଛନ୍ତି।

# ପିଜିଟି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୪।୧୧(ସୁଚିସ୍ମିତା ସାହୁ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନସ୍ଥ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପ୍ରଶିକ୍ଷଣପ୍ରାପ୍ତ ରାଜନୀତି ବିଜ୍ଞାନ ଓ ଅର୍ଥନୀତି ବିଷୟର ସ୍ନାତକୋତ୍ତର (ପିଜିଟି) ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିମନ୍ତେ ୫ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାରଠାରୁ ଭୁବନେଶ୍ୱର ଶିରିପୁରସ୍ଥିତ ଇମେଜରେ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଯୋଗଦେଇ ପିଜିଟି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଜର ଦକ୍ଷତା ବୃଦ୍ଧି କରିବା ସହ ସୁସ୍ଥ ପରିବେଶ ଓ ଚାପମୁକ୍ତ ପାଠପଢ଼ା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମନିର୍ଦ୍ଦେଶିକ ସ୍ନିଗ୍ଧା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ, ସାମ୍ସ ଓଆଇସି ଡ. ଉମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉପନିର୍ଦ୍ଦେଶିକା ସି.ଏଚ୍. ବିଜୟଲକ୍ଷ୍ମୀ ଧନ୍ୟବାଦ ଦେଇଥିଲେ। ୯୦ ଜଣ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ତାଲିମ ଶିବିର

**ବାରଙ୍ଗ/ତ୍ରିଶୂଳିଆ,୨୪।୧୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା )**

ବାରଙ୍ଗ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଭିନ୍ନକ୍ଷମଙ୍କ ଜୀବନଜୀବିକା ଉନ୍ନତି ପାଇଁ ସିଲେଇ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଏସ୍ଏସ୍ଇପିଡି ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଓ ପ୍ରଭା ସଂସ୍ଥା ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଗୁହା ପୁନମ ତାପସ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଭିନ୍ନକ୍ଷମଙ୍କ ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି କାର୍ଯ୍ୟକ୍ରମ ଦ୍ୱାରା ସେମାନେ କିପରି ଉପକୃତ ହୋଇପାରିବେ ସେନେଇ ପ୍ରଭା ସଂସ୍ଥାକୁ ପରାମର୍ଶ ଦେଇଥିଲେ। ସେହିପରି ସନାଳିକା ସୁମନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଭା ସଂସ୍ଥାର ସମ୍ପାଦକ ପ୍ରଭାବତୀ ବାରିକ ଭିନ୍ନକ୍ଷମଙ୍କୁ କଞ୍ଚାମାଲ ଯୋଗାଇଦେବା ଏବଂ ବିକ୍ରିବଟାର ବ୍ୟବସ୍ଥା କରାଇବେ ବୋଲି କହିଥିଲେ। ବାରଙ୍ଗ ତହସିଲଦାର ତୁଷାର ଜ୍ୟୋତି ରଞ୍ଜନ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଐଶ୍ୱର୍ଯ୍ୟା ନନ୍ଦିତା ଉପସ୍ଥିତ ଭିନ୍ନକ୍ଷମମାନଙ୍କୁ ଉଦ୍‌ବୋଧନ ଦେଇଥିବାବେଳେ ପ୍ରଭା ସଂସ୍ଥା ତରଫରୁ ଅନିଶା ମୋନାଲିସା ସ୍ୱାଗତ ଭାଷଣ ଏବଂ ସଭା ପରିଚାଳନା କରିଥିଲେ।

# ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ସାଂସଦ କମିଟି ବୈଠକ



ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

**ଭୁବନେଶ୍ୱର,୨୪।୧୧(ଅନୁରାଧା ମହାରଣା)**

- **ଭର୍ତ୍ତୃହରି ମହତାବ ଡିଭିଜନାଲ କମିଟି ଅଧ୍ୟକ୍ଷ**
- **ଯାତ୍ରୀସେବା ଓ ଚାଲୁଥିବା ପ୍ରକଳ୍ପଗୁଡ଼ିକର ସମୀକ୍ଷା**

ପୂର୍ବତଟ ରେଳପଥ ଅଧୀନ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପରିସୀମାରୁ ପ୍ରତିନିଧିତ୍ୱ କରୁଥିବା ଏମ୍‌ପିଙ୍କ ସାଂସଦ କମିଟି ବୈଠକ ସୋମବାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଏମ୍‌ପିମାନଙ୍କ ସର୍ବସମ୍ମତିକ୍ରମେ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଡିଭିଜନାଲ କମିଟିର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ବୈଠକରେ ଏମ୍‌ପି ଡ. ସମ୍ବିତ ପାତ୍ର, ସୁଲତା ଦେଓ, ଶୁଭାଶିଷ ଖୁଣ୍ଟିଆ, ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଅନନ୍ତ କୁମାର ପାଣିଗ୍ରାହୀ, ସୁକାନ୍ତ କୁମାର ପାଣିଗ୍ରାହୀ, ଡ. ରବୀନ୍ଦ୍ର ନାରାୟଣ ବେହେରା, ଅଭିମନ୍ୟୁ ସେଠୀ, ଅନିତା ଶୁଭଦର୍ଶିନୀ ଏବଂ ଦେବାଶିଷ ସାମନ୍ତରାୟ ପ୍ରମୁଖ ଯୋଗଦେଇ ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା, ଯାତ୍ରୀ ସୁବିଧା ବୃଦ୍ଧି କରିବା ଏବଂ ସମଗ୍ର ଅଞ୍ଚଳରେ ରେଳ ସଂଯୋଗୀକରଣକୁ ବିସ୍ତାର କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ସେମାନେ ଖୋର୍ଦ୍ଧା ରୋଡ ଡିଭିଜନ ଦ୍ୱାରା ଚାଲୁଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା, ଟ୍ରେନ୍ ସେବାରେ ଉନ୍ନତି ଆଣିବା ଏବଂ ଜନସାଧାରଣଙ୍କ ସୁବିଧାକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଯାତ୍ରୀସେବାରେ ଉନ୍ନତି, ସୁରକ୍ଷା, ଭିତ୍ତିଭୂମି ବିକାଶରେ ସଫଳତା ଏବଂ ରେଳପଥର କାର୍ଯ୍ୟଦକ୍ଷତା ସମ୍ପର୍କରେ ଆଲୋକପାତ କରିବା ସହ ଚାଲୁରହିଥିବା ବିଭିନ୍ନ ରେଳ ପ୍ରକଳ୍ପକର ଅଗ୍ରଗତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ।






## ଭିନ୍ନକ୍ଷମ ତାଲିମ ଶିବିର

ବାରଙ୍ଗ/ତ୍ରିଶୂଳିଆ,୨୪।୧୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା):

ବାରଙ୍ଗଠାରେ ଥିବା ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ଭିନ୍ନକ୍ଷମମାନଙ୍କ ପାଇଁ ଏକ ସିଲେଇ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଏସଏସଇପିଡି ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଏବଂ ପ୍ରଭା ସଂସ୍ଥାର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କେନ୍ଦ୍ରାଞ୍ଚଳ ରେଭିନ୍ୟୁ ଡିଭିଜନାଲ କମିଶନର ଗୁହା ପୁନମ ତାପସ କୁମାର ମୁଖ୍ୟ ଅତିଥି ସମ୍ମାନିତ ଅତିଥି ଭାବେ ସନାଲିକା ସୁମନ ଯୋଗଦେଇଥିଲେ। ପ୍ରଭା ସଂସ୍ଥାର ସମ୍ପାଦକ ପ୍ରଭାବତୀ ବାରିକ ଭିନ୍ନକ୍ଷମଙ୍କୁ କଞ୍ଚାମାଲ ଯୋଗାଇ ଦେବେ ବୋଲି କହିଥିଲେ। ବାରଙ୍ଗ ତହସିଲଦାର ତୁଷାର ଜ୍ୟୋତି ରଞ୍ଜନ ଯୋଗଦେଇଥିଲେ। ପ୍ରଭା ସଂସ୍ଥା ତରଫରୁ ଅନିଶା ମୋନାଲିସା ସ୍ୱାଗତ ଭାଷଣ ଏବଂ ସଭା ପରିଚାଳନା କରିଥିଲେ।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

# କୁଳପତି, କୁଳସଚିବଙ୍କ ନାଁରେ ମାମଲା କର

### ଭିଜିଲାନ୍ସ ଏସ୍‌ପିଙ୍କୁ ଅଦାଲତଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୧୧ (ରବିନାରାୟଣ ଜେନା):

ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଥିବା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏବେ ଏକ ନିଯୁକ୍ତି ମାମଲାକୁ ନେଇ ପୁଣିଥରେ ଚର୍ଚ୍ଚାକୁ ଆସିଛି। ରେଭେନ୍‌ଶାର କୁଳପତି, କୁଳସଚିବ ଏବଂ ପୂର୍ବତନ କୁଳସଚିବଙ୍କ ନାମରେ ଡିସେମ୍ବର ୧୦ତାରିଖ କିମ୍ବା ଏହା ପୂର୍ବରୁ ମାମଲା ରୁଜୁ କରି ତଦନ୍ତ କରିବାକୁ ଅଦାଲତ(ଜେଏମ୍‌ଏଫ୍‌ସି)ଙ୍କ ପକ୍ଷରୁ କଟକ ଭିଜିଲାନ୍ସ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏସଂକ୍ରାନ୍ତରେ ଅଦାଲତଙ୍କ ପକ୍ଷରୁ ନଭେମ୍ବର ୧୫ରେ ଏସ୍‌ପିଙ୍କୁ ପତ୍ର ଲେଖି ଅବଗତ କରାଯାଇଛି।

ପତ୍ରରେ କୁହାଯାଇଛି, କାହ୍ନୁ ଚରଣ ବେହେରା ନାମକ ଜଣେ ବ୍ୟକ୍ତି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, କୁଳସଚିବ ଏବଂ ପୂର୍ବତନ କୁଳସଚିବଙ୍କ ବିରୋଧରେ କଟକସ୍ଥିତ ଏସ୍‌ପି ଭିଜିଲାନ୍ସଙ୍କ ନିକଟରେ ଏକ ମାମଲା ରୁଜୁ କରିଥିଲେ। ମାତ୍ର ଏସ୍‌ପି ଏହାକୁ ଗ୍ରହଣ କରି ନ ଥିଲେ। ଏନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ପକ୍ଷରୁ ଏହି ଆପରାଧିକ ମାମଲାକୁ ନେଇ ଆବେଦନକାରୀ ନିଜେ ଅଦାଲତଙ୍କ ଦ୍ୱାରସ୍ଥ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗକାରୀ ବେହେରା ଜେଏମ୍‌ଏଫ୍‌ସି-୩ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଜେଏମ୍‌ଏଫ୍‌ସିଙ୍କ ପକ୍ଷରୁ ୧୫ରେ ଶୁଣାଣି କରାଯାଇ ତୁରନ୍ତ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରି ଡିସେମ୍ବର ୧୦ ତାରିଖ କିମ୍ବା ଏହା ପୂର୍ବରୁ କମ୍ପ୍ଲାୟନ୍ସ ରିପୋର୍ଟ ପ୍ରଦାନ କରିବାକୁ କଟକ ଏସ୍‌ପି(ଭିଜିଲାନ୍ସ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ରେଭେନ୍‌ଶାର ମନସ୍ତତ୍ତ୍ୱବିତ (ସାଇକୋଲୋଜି) ବିଭାଗରେ ଏକ ନିଯୁକ୍ତିରେ ବ୍ୟାପକ ଅନିୟମିତତାକୁ ନେଇ ଅଭିଯୋଗକାରୀ ବେହେରା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ ଏବଂ ପୂର୍ବତନ କୁଳସଚିବଙ୍କ ବିରୋଧରେ ୨୦୨୩ ଜୁନ୍ ୫ରେ ଏବଂ ୨୦୨୫ ମାର୍ଚ୍ଚ ୨୧ରେ କଟକ ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ କଟକ ଭିଜିଲାନ୍ସ ଏସ୍‌ପି ଉପରୋକ୍ତ ଅଭିଯୋଗକୁ ତଦନ୍ତ କରୁ ନ ଥିଲେ କି ମାମଲା ରୁଜୁ କରୁ ନ ଥିଲେ। ଏହାକୁ ନେଇ ସେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ହାଇକୋର୍ଟଙ୍କ ପକ୍ଷରୁ ଆପରାଧିକ ମାମଲା ନମ୍ବର ୯୧୨/୨୦୨୫ର ବିଚାର କରି ମାମଲା ରୁଜୁ ସଂକ୍ରାନ୍ତରେ କଟକ ଜେଏମ୍‌ଏଫ୍‌ସି-୩ଙ୍କୁ ଶୁଣାଣି ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହାକୁ ନେଇ ଜେଏମ୍‌ଏଫ୍‌ସିଙ୍କ ପକ୍ଷରୁ ନଭେମ୍ବର ୧୫ରେ ଏହି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏସଂକ୍ରାନ୍ତରେ ରେଭେନ୍‌ଶା କୁଳପତି ସଞ୍ଜୟ କୁମାର ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଉତ୍ତର ଦେଇ ନ ଥିଲେ।

## ଉପଖଣ୍ଡସ୍ତରୀୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ



ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଏନ୍‌ସିସି ପତାକା ଉତ୍ତୋଳନ କରୁଛନ୍ତି।

ବାଙ୍କୀ,୨୪।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରବିବାର ୭୮ତମ ଉପଖଣ୍ଡସ୍ତରୀୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ ହୋଇଯାଇଛି। ଏଥିରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରୁଷ ଓ ମହିଳା ଏନ୍‌ସିସି, ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଆକାଶ ବାହିନୀ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ମହିଳା ଏନ୍‌ସିସି କ୍ୟାଡେଟ୍‌ମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ବାଙ୍କୀ କଲେଜ ପୁରୁଷ ଏନ୍‌ସିସି ଅଧିକାରୀ ଅଧ୍ୟାପକ ନରେଶ ବେହେରା, ମହିଳା ଏନ୍‌ସିସି ଅଧିକାରିଣୀ ଅଧ୍ୟାପିକା ସାଗରିକା ଦାସ, ଚର୍ଚ୍ଚିକା ବାଳିକା ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଅଧିକାରିଣୀ ଜୟନ୍ତୀ ଗୋଛି ଓ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଆକାଶ ବାହିନୀର ଅଧିକାରୀ ସୁବ୍ରତ ଖଟୁଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ଗାୟତ୍ରୀ ନାୟକ, ମନୋଜ କୁମାର ମହାପାତ୍ର, ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଡ. ସନ୍ଧ୍ୟାରାଣୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏନ୍‌ସିସି ପୁରୁଷ ଅଧିକାରୀ ଅଧ୍ୟାପକ ନରେଶ୍ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# 'ଛାତ୍ରୀଛାତ୍ରଙ୍କ ମାନସିକ, ଭୌତିକ ଜ୍ଞାନ ଦକ୍ଷତା ବୃଦ୍ଧି କରେ ବିଜ୍ଞାନ ମେଳା'

## ବ୍ଲକସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

ବାଙ୍କୀ, ୨୪।୧୧(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ସୁବର୍ଣ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରରେ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ମୁଖ୍ୟ ଅତିଥି ବାଙ୍କୀ ବ୍ଲକ ବିଡିଓ ସଂଗ୍ରାମ କେଶରୀ ଭୋଳ, ବିଶିଷ୍ଟ ଅତିଥି ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ କୁମାର ବେଉରା, ମୁଖ୍ୟବକ୍ତା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରୂକ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟାନନ୍ଦ ପଣ୍ଡା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ସିଠ, ପ୍ରଧାନ ଶିକ୍ଷକ ଚକାନୟନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ବିକାଶରେ ମାନସିକ, ଭୌତିକ ଜ୍ଞାନ ଦକ୍ଷତା ଓ ବିକାଶ ବୃଦ୍ଧି ପାଇଥାଏ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ବାଙ୍କୀ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ସୁଶ୍ରୀ ଜ୍ୟୋତି ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସଭାପତି ଭାବେ ବାଙ୍କୀ ବ୍ଲକ ମଣ୍ଡଳ ଶିକ୍ଷା ବିଭାଗ ଅଧିକାରୀ ସୁଶ୍ରୀ ଜ୍ୟୋତି ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ପ୍ରତିନିଧି ରାଜେଶ ପଣ୍ଡା, ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଧାୟକ ତ୍ରିପାଠୀ କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।

ସେହିପରି ଡମପଡ଼ା ବ୍ଲକସ୍ତରୀୟ ବିଜ୍ଞାନ ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ରଗଡି ଗ୍ରାମସ୍ଥ ବିଶ୍ୱନାଥ ଶ୍ରୀଚନ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିବା ସହ କୁନି କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀ କାମରାଜ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ବିଭୂତି ଭୂଷଣ ନାଥ, ବିଜୟଲକ୍ଷ୍ମୀ ମହାନ୍ତି, ମିନତି ମହାପାତ୍ର, ଆଶିଷ କୁମାର ସାହୁ, ପ୍ରଣବ କିଶୋର ପଟେଲ, ମାଣିକ ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ରଣା ପ୍ରମୁଖ ଯୋଗଦେଇଥିଲେ। ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସିଆର୍‌ସିସି ମନୋରଞ୍ଜନ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ପ୍ରଣବ କୁମାର ବେହେରା ଯୋଗଦେଇ କୃତୀ ଛାତ୍ରଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଭୃଗୁରାମ ରାଉତ, ବନବିହାରୀ ନାଥ, ସହକାରୀ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ଜୟନ୍ତୀ ବିଶ୍ୱାଳ, କାର୍ତ୍ତିକ ବେହେରା, ବାଙ୍କୀ ବ୍ଲକ ବିଡିଓ ଅଂଶୁମାନ ଦାସ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟତମ ସିଆର୍‌ସିସି ଦିଲୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକ ମହୋତ୍ସବ

ବଡ଼ମ୍ବା, ୨୪।୧୧(ମାୟାଧର ମଲ୍ଲିକ):

ଶ୍ରୀ ସତ୍ୟସାଇ ସେବା ସମିତି, ବଡ଼ମ୍ବା ଆନୁକୂଲ୍ୟରେ ସମିତି ପରିସରରେ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ବିଶେଷକରି ଓଁକାର, ସୁପ୍ରଭାତମ୍, ବେଦପାଠ, ନଗର ସଂକୀର୍ତ୍ତନ, ନଗର ପରିକ୍ରମା, ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଏକଶତ ଦୀପ ପ୍ରଜ୍ୱଳନ, ଭଜନ ଇତ୍ୟାଦି ପରିବେଷଣ କରାଯାଇଥିଲା। ସମିତି ଆବାହକ ମୃତ୍ୟୁଞ୍ଜୟ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାସୁଦେବ ପାଣି ଅତିଥିଭାବେ ଯୋଗଦେଇଥିଲେ। ସମିତି ତରଫରୁ କରାଯାଇଥିବା ରଚନା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମିତି ବାଲ ବିକାଶ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହାକୁ ସମିତି କର୍ମକର୍ତ୍ତା ଧର୍ମେନ୍ଦ୍ର ରଥଙ୍କ ସମେତ ସମସ୍ତ ସଦସ୍ୟା ସଦସ୍ୟ ପରିଚାଳନା କରିଥିଲେ।

## ଟିଗିରିଆ କାଳୀପୂଜା: ମହାଦେବ ମେଢ଼ ଚାମ୍ପିୟନ

ଟିଗିରିଆ,୨୪।୧୧(ଜାଫର ଖାଁ) :

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ଠାରେ ଅନୁଷ୍ଠିତ କାଳୀପୂଜାରେ ଶ୍ରେଷ୍ଠ ପୂଜା ମଣ୍ଡପକୁ ପୁରସ୍କୃତ କରାଯାଇଛି। ପରମ୍ପରା ଅନୁଯାୟୀ ଏହି କାଳୀପୂଜା ଦୀପାବଳି ପର୍ବଠାରୁ ଆରମ୍ଭ ହୋଇ ଦଶ ଦିନରୁ ଊର୍ଦ୍ଧ୍ୱ ଅନୁଷ୍ଠିତ ହୋଇଯାଇଛି। ସୋମବାର ମଧ୍ୟାହ୍ନରେ ଟିଗିରିଆର ଆରାଧ୍ୟ ଦେବତା ପ୍ରଭୁ ପ୍ରସନ୍ନମଣି ଦେବଙ୍କ ପୀଠରେ ଅନୁଷ୍ଠିତ ବୈଠକରେ ପ୍ରଶାସନର ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରାଯାଇଛି। ଏଥିରେ ଶାନ୍ତି କମିଟି ସଭାପତି ପ୍ରଣବ ପଟ୍ଟନାୟକ ପୌରୋହିତ୍ୟ କରିଥିବାବେଳେ ସମ୍ପାଦକ ଗିରିଜା ପ୍ରସାଦ ପଟ୍ଟନାୟକ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଟିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡା, ବିଶିଷ୍ଟ ଅତିଥି ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଶାନ୍ତି କମିଟିର ଉପଦେଷ୍ଟା ସୁବାସ ମହାନ୍ତି, ସମ୍ମାନିତ ଅତିଥିଭାବେ ଶାନ୍ତି କମିଟି ସଦସ୍ୟ ଜଗବନ୍ଧୁ ତୁଙ୍ଗ ସାମନ୍ତ, ଆଇନଜୀବୀ ବିକ୍ରମ କେଶରୀ ଦାଶ, ସମାଜସେବୀ ଲୁଟୁ ଗୁରୁ, ଜୟନ୍ତ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ କାଳୀପୂଜାରେ ହୋଇଥିବା ମହାଦେବ ମେଢ଼କୁ ଚଳିତବର୍ଷ ପାଇଁ ଚାମ୍ପିୟନ ଘୋଷଣା କରିବା ସହ ସିଲ୍ ପ୍ରଦାନ କରିଛନ୍ତି। ସେହିପରି ସୁନ୍ଦର ମୂର୍ତ୍ତି ପାଇଁ ବ୍ରାହ୍ମଣ ସାହି, ଆଲୋକ ସଜ୍ଜା ପାଇଁ ମହାବୀର ବଜାର ପୂଜା କମିଟି ଓ ଆଭ୍ୟନ୍ତରୀଣ ସାଜସଜ୍ଜା ପାଇଁ ଗାନ୍ଧୀ ସାହି, ଶୃଙ୍ଖଳିତ ବିସର୍ଜନ ଉତ୍ସବ ପାଇଁ କାଳୀମେଢ଼, ପରିମଳ ପାଇଁ ନୂଆସାହି ଉପରଗଡ଼, ଶୃଙ୍ଖଳା ରକ୍ଷା ପାଇଁ ମଝିସାହି ତଳଗଡ଼କୁ ପୁରସ୍କୃତ କରାଯାଇଥିଲା। ପାଖଲୋକ ସାହି, ନୂଆ ସାହି (ମଝି) ଓ ମୁଣ୍ଡିଆ ସାହିକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶାନ୍ତି କମିଟିର ଅନ୍ୟ ସମସ୍ତ ସଦସ୍ୟଙ୍କ ସହିତ ସମସ୍ତ ପୂଜା କମିଟିର ସଦସ୍ୟ, ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।






# ଏକ ନୂଆ ଭାରତ ଗଠନ କରିବାକୁ ଆହ୍ୱାନ

କାକଟପୁର/ଅସ୍ତରଙ୍ଗ,୨୪।୧୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଅଧୀନ ବ୍ଲକସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ 'ଯୁବ ଗୋଷ୍ଠୀ ରାଷ୍ଟ୍ର ନିର୍ମାଣର ମୁଖ୍ୟ ବିନ୍ଧାଣି' ବୋଲି ଅଭିହିତ କରିବା ସହିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠୋର ତପସ୍ୟା କରିବାକୁ ପଡ଼ିଥାଏ ବୋଲି ଛାତ୍ରୀଛାତ୍ରଙ୍କୁ ଉପଦେଶ



ଯୁବ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

ଦେଇଥିଲେ। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହରିଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ବେହେରା, ମୁଖ୍ୟବକ୍ତା ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ଅସ୍ତରଙ୍ଗ ଡିଗ୍ରୀ କଲେଜ ଅଧ୍ୟକ୍ଷା କୁନ୍ତିଲତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷର ବିଷୟ ପଞ୍ଚ ପ୍ରାଣକୁ ଭିତ୍ତିକରି ବିଜ୍ଞାନ ପ୍ରଦର୍ଶନୀ, କବିତା ଲିଖନ, ପେଣ୍ଟିଂ, ଭାଷଣ (ଗଣତନ୍ତ୍ରରେ ଜରୁରୀକାଳୀନ କ୍ଷମତାର

### ବ୍ଲକସ୍ତରୀୟ ଯୁବ ଉତ୍ସବ

ବ୍ୟବହାର) ଏକକ ଓ ସମୂହ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା ୩ଟି ଯୁକ୍ତ ଦୁଇ ଓ ୩ଟି ଯୁକ୍ତ ୩ ମହାବିଦ୍ୟାଳୟର ପ୍ରତିଯୋଗୀ ବହୁସଂଖ୍ୟାରେ ଭାଗ ନେଇ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଶିକ୍ଷକ, ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଜୟନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅଜିତ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## କଟାହେଲାଣି ପାଚିଲା ଧାନ, ହେଲାନି ସାଟେଲାଇଟ୍ ସର୍ଭେ


ଧାନ କଟା ଯାଉଛି ।

ପିପିଲି,୨୪।୧୧(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକର ୨୫ ପଞ୍ଚାୟତ ଏବଂ ପିପିଲି ପୌରାଞ୍ଚଳକୁ ମିଶାଇ ଚଳିତବର୍ଷ ଖରିଫ୍ ସିଜନ୍‌ରେ ମୋଟ ୧୦ ହଜାର ୫ ଶହ ୭୦ ହେକ୍ଟର ଜମିରେ ଧାନଚାଷ କରାଯାଇଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଏବେ ଧାନସବୁ ପାଚିଗଲାଣି, ଚାଷୀ କ୍ଷେତରୁ ଧାନକଟା ଆରମ୍ଭ କଲେଣି। ଚାଷୀ ମଣ୍ଡିରେ ଧାନ ବିକିବା ପାଇଁ ନିକଟସ୍ଥ ପ୍ରାଥମିକ ସେବା ସମବାୟ ସମିତିରେ ନାମ ପଞ୍ଜୀକୃତ କରିଛି। ଆସନ୍ତା ୨୦ ତାରିଖ ପରେ ଧାନମଣ୍ଡି ଖୋଲିବ। ଚାଷୀ ଟୋକନ୍ ପାଇବା ପରେ ତା'ର ଟାର୍ଗେଟ୍ ଅନୁଯାୟୀ ମଣ୍ଡିରେ ଧାନ ବିକ୍ରି କରିପାରିବ। ତେବେ ନଭେମ୍ବର ସରିବାକୁ ବସିଲାଣି, ମାତ୍ର ଏପର୍ଯ୍ୟନ୍ତ ସାଟେଲାଇଟ୍ ସର୍ଭେ ହୋଇପାରିଲାନାହିଁ। ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଚଳିତ ମାସ ୨୬ଠାରୁ ଲଘୁଚାପ ବର୍ଷା ଆରମ୍ଭ ହେବ। ସେହି ଦୃଷ୍ଟିରୁ ଚାଷୀ ତରତର ହୋଇ କ୍ଷେତରୁ ଧାନ କାଟି ଆଣୁଛନ୍ତି। ମାତ୍ର ସାଟେଲାଇଟ୍ ସର୍ଭେ ହୋଇ ନ ଥିବାରୁ ଚାଷୀ ମନରେ ଛନକା ପଶିଛି। ଚଳିତବର୍ଷ ମଣ୍ଡିରେ ଧାନ ବିକ୍ରି କରିପାରିବେ କି ନାହିଁ ସନ୍ଦେହରେ ପଡ଼ିଛନ୍ତି। ଚାଷୀ ଧରଣୀଧର ସାହୁ କହିଛନ୍ତି, ସେ ୧୦ ଏକର ଜମିର ଧାନ କାଟିସାରିଲେଣି, ଆଉ ୭ ଏକର ଧାନ କାଟିବାକୁ ଅଛି। ଏ ସମ୍ପର୍କରେ ପୁରୀ ଡିଆର୍‌ସିଏସ୍‌ଙ୍କୁ ପଚାରିବାରେ ଚଳିତ ମାସ ଶେଷସୁଦ୍ଧା ସାଟେଲାଇଟ୍‌ସର୍ଭେ କରାଯିବ। ଯେଉଁଧାନ କଟାହୋଇଯାଇଛି ତା'ର ଉତ୍ତରରେ ସେ ଧାନଗଛ ମୂଳକୁ ସାଟେଲାଇଟ୍ ସର୍ଭେରେ ଗ୍ରହଣ କରାଯିବା ପାଇଁ କହିଥିଲେ।

## ପୁଣି ଅଦିନିଆ ରଥଯାତ୍ରା କଲା ଇସ୍କନ

ପୁରୀ,୨୪।୧୧(ଅଜିତ୍ କୁମାର ମହାନ୍ତି)

ପୁଣି ଜଗନ୍ନାଥ ସଂସ୍କୃତିକୁ କୁଠାରଘାତ କରିଛି ଇସ୍କନ। ବାରମ୍ବାର ବାରଣ ସତ୍ତ୍ୱେ ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା ଆୟୋଜନ କରାଯାଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଇସ୍କନର ଏପରି କାର୍ଯ୍ୟକୁ ସେବାୟତମାନେ ବିରୋଧ କରିବା ସହ ଶ୍ରୀମନ୍ଦିର ପ୍ରଶାସନ ଓ ସରକାର ଇସ୍କନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା ଆୟୋଜନ କରାଯାଇଛି। ତାଇପେଇ ଠାରେ ଗତ ରବିବାର ଅଦିନିଆ ରଥଯାତ୍ରା ଆୟୋଜିତ ହୋଇଥିବା ନେଇ ଜଣାପଡ଼ିଛି। ଏନେଇ ବିଭିନ୍ନ ସୋସିଆଲ ମିଡିଆରେ ରଥଯାତ୍ରାର ଭିଡିଓ ଭାଇରାଲ୍ ହେଉଛି। ଏହି ଘଟଣାକୁ ନେଇ ପୁରୀରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି। ଇସ୍କନ ଏପରି ବାରମ୍ବାର ନିୟମ ବାହାରେ କାର୍ଯ୍ୟ କରୁଥିବାକୁ ନେଇ ଜଗନ୍ନାଥପ୍ରେମୀ, ସେବାୟତଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି।

## ୬ ବାଇକ୍ ଜବତ, ୨ ଅଭିଯୁକ୍ତ ଗିରଫ

ପୁରୀ,୨୪।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ସହରର ବିଭିନ୍ନ ଥାନା ଅଞ୍ଚଳରୁ ବାଇକ୍ ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଟାଉନ୍ ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଖାକିମଠ ନୂଆସାହିର ବୃନ୍ଦାବନ ଦାସ ଏବଂ ଟାଉନ୍ ଥାନା ଅନ୍ତର୍ଗତ ବାଲିସାହି ବରାହୀ ଲେନ୍‌ର ମନୋରଞ୍ଜନ ପଣ୍ଡା। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ବିଭିନ୍ନ କମ୍ପାନୀର ୬ଟି ବାଇକ୍ ଜବତ କରିଥିବା ଖବରଦାତା ସମ୍ମିଳନୀରେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ପୁରୀ ସଦର ଏସ୍‌ଡିପିଓ ରବି ନାରାୟଣ ଭଞ୍ଜ ଏବଂ ଟାଉନ୍ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ସୂଚନା ଦେଇ କହିଛନ୍ତି, ୨୨ ତାରିଖ ରାତିରେ ଟାଉନ୍ ଥାନା ଅନ୍ତର୍ଗତ ବାଲିସାହି ଶ୍ୟାମାକାଳୀ ଲେନ୍‌ର ସଞ୍ଜୟ କୁମାର ମହାନ୍ତି ନିଜ ବାଇକ୍ ଘର ସମ୍ମୁଖରେ ରଖିଥିଲେ। ସେଠାରୁ ତାଙ୍କ ବାଇକ୍ ଚୋରି ହେବାନେଇ ଟାଉନ୍ ଥାନାରେ ସେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଟାଉନ୍ ଥାନା ପୋଲିସ ୨୩ ତାରିଖରେ କେସ୍ ନଂ.୬୫୫/୨୫ରେ ଏକ ମାମଲା ରୁଜୁ କରିଥିଲା। ଏନେଇ ଟାଉନ୍ ଥାନା ପୋଲିସ ପକ୍ଷରୁ ଖୋଳତାଡ଼ ଆରମ୍ଭ କରାଯିବା ସହ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ବାଇକ୍ ଚୋରିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ୭ ସରକାରୀ ଆୟୁଷ କଲେଜରେ ତାଲା ପକାଇ ଆନ୍ଦୋଳନ

ପୁରୀ୨୪।୧୧(ଅଜିତ୍ କୁମାର ମହାନ୍ତି)

ରାଜ୍ୟରେ ଥିବା ୭ଟି ସରକାରୀ ଆୟୁର୍ବେଦ ଓ ହୋମିଓପ୍ୟାଥିକ(ଆୟୁଷ)ଛାତ୍ରୀଛାତ୍ର ଓ ହାଉସ ସର୍ଜନ ରାଜ୍ଯ ସରକାରଙ୍କ ଉପରେ କ୍ଷୋଭ ଓ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଆୟୁଷର ସଫଳ ଯୋଗଦାନକୁ ସରକାରଙ୍କ ଅଣଦେଖା ଓ ଆୟୁଷ ଛାତ୍ରୀଛାତ୍ରଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆୟୁଷ ଛାତ୍ରୀଛାତ୍ର। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ନିଖିଳ ଓଡ଼ିଶା ଆୟୁଷ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ପ୍ରତିବାଦ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏନେଇ ସୋମବାର ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟରେ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର ମହାବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହିତ ଗେଟରେ ତାଲା ପକାଇଛନ୍ତି। ୮ଦଫା ଦାବି ନେଇ ଆୟୁଷ ଛାତ୍ରୀଛାତ୍ର କଲେଜ ଗେଟ୍‌ରେ ତାଲା ପକାଇବା ସହ କଲେଜ ଫାଟକ ସମ୍ମୁଖରେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନୂତନ ଆୟୁଷ ଡାକ୍ତର ପଦବୀ, ଓପିଏସ୍‌ସି ଜରିଆରେ ଓଡ଼ିଶା ଲୋକଙ୍କ ପାଖରେ ଆୟୁଷ ଚିକିତ୍ସା ପଦ୍ଧତିକୁ ପହଞ୍ଚାଇବାର ବ୍ୟବସ୍ଥା, ସମସ୍ତ ଆୟୁଷ କଲେଜରେ ପରିଚାଳନା କମିଟି ପୁନଃଗଠନ କରାଯାଇ କଲେଜ ବିକାଶରେ ପଡ଼ିଥିବା ପୂର୍ଣ୍ଣଛେଦକୁ ଉଠାଇବା ସହ ୮ଦଫା ଦାବି ତୁରନ୍ତ ପୂରଣ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଛାତ୍ରୀ ଛାତ୍ର ମାନେ ଚେତାବନୀ ଦେଇଛନ୍ତି।

## ବରଯାତ୍ରୀଙ୍କ ଉନ୍ମତ୍ତ କାଣ୍ଡ, ଜଣେ ଗିରଫ

ବଲଙ୍ଗା,୨୪।୧୧(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ପାର୍ବତୀପୁର ଗ୍ରାମରେ ବରଯାତ୍ରୀ ଶୋଭାଯାତ୍ରା ଦେଖୁଥିବା ଗ୍ରାମର ଝିଅ ବୋହୂଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ମହିଳାଙ୍କୁ ମାଡ଼ ମାରି ମୋବାଇଲ୍ ଭାଙ୍ଗିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଉକ୍ତ ଗ୍ରାମର ରାମଚନ୍ଦ୍ର ପଲେଇ। ସୂଚନା ମୁତାବକ, ଗ୍ରାମର ଜଣେ ବ୍ୟକ୍ତିଙ୍କ ଝିଅ ବାହାଘର ପାଇଁ ବରଯାତ୍ରୀ ଶୋଭାଯାତ୍ରା ଯାଉଥିବା ସମୟରେ ଅଭିଯୁକ୍ତ ରାମଚନ୍ଦ୍ର ଶୋଭାଯାତ୍ରା ଦେଖୁଥିବା ଝିଅବୋହୂଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଗ୍ରାମର ରବି ଗୁରୁଙ୍କ ପତ୍ନୀ ଝରଣା ଗୁରୁ ପ୍ରତିବାଦ କରିବାରୁ ରାମଚନ୍ଦ୍ର ତାଙ୍କୁ ମାଡ଼ ମାରି ଟଣାଓଟରା କରିଥିଲେ। ଏହି ଘଟଣାରେ ଗ୍ରାମର ଅନ୍ୟ ଜଣେ ମହିଳା ରୀନା ପ୍ରଧାନ ପ୍ରତିବାଦ କରିବାରୁ ରାମଚନ୍ଦ୍ର ତାଙ୍କୁ ଗାଳିଗୁଲଜ କରି ହାତରେ ଧରିଥିବା ଏକ ଇଟାରେ ରୀନାଙ୍କ ହାତକୁ ଛେଚିବା ସହ ରୀନା ଧରିଥିବା ମୋବାଇଲ୍‌କୁ ବାଡ଼େଇ ଭାଙ୍ଗି ଦେଇଥିଲା। ଏନେଇ ଥାନାରେ ୨୬୦/୨୫ରେ ଏକ ମାମଲା ରୁଜୁ କରି ଗିରଫ କରାଯାଇଛି।

## ଭାଗବତ ଶାସ୍ତ୍ର ସାମାଜିକ ପରିବର୍ତ୍ତନର ପ୍ରମାଣିତ ସିଦ୍ଧାନ୍ତ

ପିପିଲି,୨୪।୧୧(ପ୍ରଭାତ କୁମାର ମହାପାତ୍ର)

ପିପିଲି ଦରଜୀସାହି ସ୍ଥିତ ଶ୍ରୀ ପତିତପାବନ ମନ୍ଦିରରେ ପିପିଲି ଭାଗବତ ପ୍ରଚାର ସମିତି ଦ୍ୱାରା ଆୟୋଜିତ ଊନବିଂଶ ଶ୍ରୀମଦ୍ ଭାଗବତ ପ୍ରବଚନ ସପ୍ତାହ ଅବସରରେ ନୂତନ ପଦକ୍ଷେପରେ ଭାଗବତ ପ୍ରତିଭା ପ୍ରତିଯୋଗିତା ଏବଂ ଭାଗବତ ଆଧ୍ୟାତ୍ମିକ ସାରଗର୍ଭକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ପୁରୀ ରାଧାବଲ୍ଲଭ ମହନ୍ତ ସନ୍ଥ ରାମକୃଷ୍ଣ ଦାସ ମହାରାଜ, ପଣ୍ଡିତ ନାରାୟଣ ଦାଶ ରଥଶର୍ମା ଯୋଗଦେଇ ଭାଗବତର ଆଧ୍ୟାତ୍ମିକ ଓ ବୈଜ୍ଞାନିକ ସିଦ୍ଧାନ୍ତର

### ଭାଗବତ ଆଲୋଚନାଚକ୍ର, ଭାଗବତ ପ୍ରତିଭା ପ୍ରତିଯୋଗିତା

ପ୍ରାମାଣିକ ଦୃଷ୍ଟାନ୍ତ ଦେଇ ସାମାଜିକ ପରିବର୍ତ୍ତନର ପ୍ରାମାଣିକତା ଶାସ୍ତ୍ର ଭାଗବତ ବୋଲି ନିର୍ଯ୍ୟାସ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଯୋଜକ ପ୍ରଭାତ କୁମାର ମହାପାତ୍ର ଭାଗବତ ଓ ବିଜ୍ଞାନର ଏକ ତୁଳନାତ୍ମକ ଦିଗର ବିଶଦ ଆଲୋଚନା କରିଥଲେ। ସାହିତ୍ୟିକ ରଘୁନାଥ ଜେନା ଭାଗବତ ଶ୍ରେଷ୍ଠ ଶାସ୍ତ୍ର ବୋଲି ଅଭିହିତ କରିଥଲେ। ଦ୍ୱିତୀୟ ଅଭିନବ କାର୍ଯ୍ୟକ୍ରମରେ ୧୨ବର୍ଷରୁ ୧୫ ବର୍ଷ ପିଲାଙ୍କ ମଧ୍ୟରେ ଭାଗବତ ପ୍ରତିଭା ପ୍ରତିଯୋଗିତା କରାଯାଇଥିଲା। ଭାଗବତ ସମ୍ବନ୍ଧୀୟ ସଧାରଣ ପ୍ରଶ୍ନ ଲିଖିତ ପରୀକ୍ଷା ଏବଂ ଭାଗବତ ସ୍ୱରରେ ବୋଲିବା ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟ ଓ ଶିକ୍ଷା ସଂସ୍ଥାର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଙ୍ଗୀତ ଅଧ୍ୟାପକ ସଚ୍ଚିକାନ୍ତ ନାୟକ, ପଣ୍ଡିତ ନାରାୟଣ ଦାଶ, ସଂଗଠକ ପ୍ରଭାତ କୁମାର ମହାପାତ୍ର, ପ୍ରସନ୍ନ ଦାସ, ବୃନ୍ଦାବନ ଜେନା, ସୁରେନ୍ଦ୍ର ମହାପାତ୍ର, ପ୍ରଭାକର ସାହୁ, ହରିଶ ଚନ୍ଦ୍ର ପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।






# ଏସିପି ଓ ସିଡି ଅନୁପାତ ବୃଦ୍ଧି ଉପରେ ବୈଠକରେ ଗୁରୁତ୍ୱ

## ଏସ୍‌ଏଲ୍‌ବିସିର ୧୮୧ତମ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୪।୧୧ (ସୁନିତ୍ ମିଶ୍ର)

ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି(ଏସ୍‌ଏଲ୍‌ବିସି)ର ୧୮୧ତମ ବୈଠକ ସୋମବାର ସ୍ଥାନୀୟ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଛି। ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବାର୍ଷିକ ଋଣ ଯୋଜନା(ଏସିପି) ସଫଳତା ଏବଂ ରାଜ୍ୟର ଜମାରାଶି ଅନୁପାତ (ସିଡି ଅନୁପାତ) ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ପ୍ରାଥମିକତା କ୍ଷେତ୍ର ଯଥା କିଷାନ କ୍ରେଡିଟ କାର୍ଡରେ ଟିକେଟ ଆକାର ବୃଦ୍ଧି, ଶିକ୍ଷା, ଗୃହ, ରପ୍ତାନି ଋଣ, ଏସ୍‌ଏଚ୍‌ଜି କ୍ରେଡିଟ୍ ଲିଙ୍କେଜ୍, ଶିକ୍ଷା ଋଣ ଅଧୀନରେ ସୁଧ ସବଭେଣ୍ଟ୍ ଯୋଜନା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ସେ ଜନସାଧାରଣଙ୍କ ସୁବିଧା ପାଇଁ ସମସ୍ତ ବ୍ୟାଙ୍କ ଦ୍ୱାରା ସିକେଓଏସି ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ପିଏମ୍‌ଜେଡିଓ୍ୱାଇ, ପିଏମ୍‌ଜେବିଓ୍ୱାଇ, ପିଏମ୍‌ଏସ୍‌ବିଓ୍ୱାଇ, ପିଏମ୍‌ଏସ୍‌ବିନିଧି ୨.୦, ପିଏମ୍ ସୂର୍ଯ୍ୟ ଘର: ମୁକ୍ତ ବିଜୁଳି, ଶୀତଳ ଭଣ୍ଡାର ପ୍ରତିଷ୍ଠା ଭଳି କେନ୍ଦ୍ର ସରକାରଙ୍କ ପ୍ରମୁଖ ଯୋଜନାଗୁଡ଼ିକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି, ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଏସିପି ଅଧୀନରେ ୨.୫୨ ଲକ୍ଷ କୋଟି ଟଙ୍କାର ବାର୍ଷିକ ଲକ୍ଷ୍ୟ ସତ୍ତ୍ୱେ ସମସ୍ତ ବ୍ୟାଙ୍କ ଗତ ୩୦ ତାରିଖ ସୁଦ୍ଧା ୧.୨୦ ଲକ୍ଷ କୋଟି ଟଙ୍କା ହାସଲ କରିଛନ୍ତି, ଯାହା କି ଲକ୍ଷ୍ୟର ୪୭.୬୫% ଅଟେ। ଓଡ଼ିଶାର ଦୃଷ୍ଟିକୋଣ ୨୦୩୬ ଏବଂ ୨୦୪୭ ରୂପରେଖ ଉପସ୍ଥାପନ କରି ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ବାର୍ଷିକ ଋଣ ଯୋଜନା(ଏସିପି) ଲକ୍ଷ୍ୟ ହାସଲ ଏବଂ ରାଜ୍ୟର ଋଣ ଓ ଜମାରାଶି ଅନୁପାତ (ସିଡି ରେସିଓ) ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଅଧାଗଢ଼ା ୧.୮୮ଲକ୍ଷ ଘର ଡିସେମ୍ବର ସୁଦ୍ଧା ଶେଷକର

## ସବୁ ଜିଲାପାଳଙ୍କୁ ଟାର୍ଗେଟ୍ ଦେଲେ ସରକାର

ଭୁବନେଶ୍ୱର,୨୪।୧୧ (ରବିନାରାୟଣ ଜେନା)

ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ପ୍ରଦାନ କରାଯାଇଥିବା ଲକ୍ଷାଧିକ ଘର ଏବେ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ଫଳରେ ସରକାର ଗରିବ ଓ ଅସହାୟଙ୍କ ପାଇଁ କରିଥିବା ଆବାସ ଲକ୍ଷ୍ୟଧାର୍ଯ୍ୟ ପୂରଣ ହୋଇପାରୁ ନାହିଁ। ଏହାକୁ ନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ନଭେମ୍ବର ୨୦ରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସବୁ ଜିଲାପାଳଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ପିଏମ୍‌ଏୱାଇଜିରେ ମାତ୍ର ୧ଲକ୍ଷ ୧୪ହଜାର ୩୫୭ ଘର ସମ୍ପୂର୍ଣ୍ଣ ହୋଇଛି। ୩ଲକ୍ଷ ୨୬ହଜାର ୫୮୨ ଘର ଏବେ ଅଧାପନ୍ତରିଆ ରହିଛି। ବଡ଼କଥା ହେଲା ଏହି ଅଧାପନ୍ତରିଆ ଘର ମଧ୍ୟରୁ ୧ଲକ୍ଷ ୩୮ହଜାର ୩୧୯ଆବାସ ଫିଜିବିଲିଟି ନାହିଁ। ଏହିପରିପ୍ରେକ୍ଷୀରେ ଯେଉଁ ୧ଲକ୍ଷ ୮୮ହଜାର ୨୬୩ ଅଧାପନ୍ତରିଆ ଘର ରହିଛି ତାକୁ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏନେଇ ପ୍ରକଳ୍ପ ନିର୍ଦ୍ଦେଶକ ସବୁ ଜିଲାପାଳଙ୍କୁ ଦିନିକିଆ ଟାର୍ଗେଟ ପ୍ରଦାନ କରିଛନ୍ତି। ଅନୁଗୋଳ ଜିଲାପାଳଙ୍କୁ ପ୍ରତିଦିନ ୫୫ଟି ଘର ଡିସେମ୍ବର ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ବାଲେଶ୍ୱର ପାଇଁ ୨୦୦, ବରଗଡ଼ ପାଇଁ ୧୨୪ ଆବାସ ଦିଆଯାଇଛି। ସେହିପରି ଭଦ୍ରକ ଜିଲାପାଳଙ୍କୁ ୩୧୯, ବଲାଙ୍ଗୀରକୁ ୧୮୫, ବୌଦ୍ଧ ୧୮୩, କଟକ ୧୮, ଦେବଗଡ଼ ୧, ଢେଙ୍କାନାଳ ୭୦, ଗଜପତି ୧୧୧, ଗଞ୍ଜାମ ୪୪, ଜଗତ୍‌ସିଂହପୁର ୬, ଯାଜପୁର ୧୬, ଝାରସୁଗୁଡ଼ା ୨୦, କଳାହାଣ୍ଡି ୨୦୯, କେନ୍ଦ୍ରାପଡ଼ା ୧୧୯, କେନ୍ଦୁଝର ୧୭୧, ଖୋର୍ଦ୍ଧା ୧୩, କୋରାପୁଟ ୩୩୮, ମାଲକାନଗିରି ୧୫୪, ମୟୂରଭଞ୍ଜ ୯୭୨, ନବରଙ୍ଗପୁର ୨୬୧, ନୟାଗଡ଼ ୫୪, ନୂଆପଡ଼ା ୨୬୫, ପୁରୀ ୫୨, ରାୟଗଡ଼ା ୧୧୭, ସମ୍ବଲପୁର ୨୮, ସୋନପୁର ୨୮ ଏବଂ ସୁନ୍ଦରଗଡ଼ ପାଇଁ ଦୈନିକ ୧୧୫ଟି ଘର କାର୍ଯ୍ୟ ଶେଷ କରିବାକୁ ଟାର୍ଗେଟ ଦିଆଯାଇଛି।

ଡିସେମ୍ବର ସୁଦ୍ଧା ମୟୂରଭଞ୍ଜରେ ସର୍ବାଧିକ ୪୦ହଜାର ୮୨୧ ଆବାସ ଟାର୍ଗେଟ ଦିଆଯାଇଥିବାବେଳେ ଭଦ୍ରକକୁ ୧୬ ହଜାର ୭୪୨ ପକ୍କା ଘର, ନୂଆପଡ଼ାକୁ ୧୧ ହଜାର ୧୩୧, ନବରଙ୍ଗପୁରକୁ ୧୦ ହଜାର ୯୪୯, କୋରାପୁଟକୁ ୧୪ ହଜାର ୧୯୩, ବଲାଙ୍ଗୀରକୁ ୭ ହଜାର ୭୫୭, ବାଲେଶ୍ୱରକୁ ୮ ହଜାର ୪୧୦ ପକ୍କା ଘର ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

---

### GOVT. OF ODISHA
### OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH

E-mail: eerw_ptng@yahoo.in, Phone No.-06658-222121

No.O-1518:

**e-Procurement Notice**

IFB IDENTIFICATION NO. EEPTNG-Online-14/2025-26

| | | |
|---|---|---|
| 1 | Name of Work | Building Works |
| 2 | Total No. of Work | 15 (Fifteen) No. Works |
| 3 | Time for Completion | 06 (Six) Calendar Months |
| 4 | Approximate estimated Cost | 20.17 lakh to 47.06 Lakhs |
| 5 | Mode of Submission of tender | Tender should be submitted online in www.tendersorissa.gov.in |
| 6 | Other details are as follow | |

| Procurement Officer | Bid Identification No. | Availability of Tender Online for bidding From | To | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| Executive Engineer, R.W.Divn. Patnagarh | EEPTNG- Online- 14/2025-26 | 24.11.2025 at 11.00 A.M | 06.12.2025 upto 5.00 PM | 05.12.2025 upto 5.00 P.M. | 08.12.2025 At 11.00 AM |

- Further details can be seen from the website www.tendersorissa.gov.in
- Any Corrigendum/ Addendum will be displayed in the above e tender website only.

OIPR-

Sd./- Executive Engineer, R.W.Division, Patnagarh

---

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

email: serwsbd2003@yahoo.com

**Due to unavoidable circumstances the change as detailed below are hereby made in the above NIT.**
1.Decision to conduct Lottery- If required, to decide the agency, transparent Lottery shall be conducted on dt.17.12.2025 at 11.00 AM respectively in Office Chamber of the undersigned. 2. Period of availability of tenders online/Date of time of bidding online/Date of opening of tender papers: The details are as follows.

| Procurement Officer | Place of Opening | Availability of tender online for bidding in online | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 27.11.2025 At 11.00 AM | Upto 5.00 PM on 09.12.2025 | Upto 5.00 PM on 08.12.2025 | 10.12.2025 At 11.00 AM |

1.All other terms and conditions of the said Tender Call Notice shall remain unaltered.
OIPR- Sd./- Executive Engineer, Rural Works Division, Kendrapara

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, ANGUL**
Email ID - eeliangul@gmail.com
**e- Tender Notice**
**Bid Identification No E.E. ANGUL (OLIC) 03/2025-26 Date 20.11.2025**

**No.CAD-2398:**The Executive Engineer, Lift Irrigation Division, Angul, Odisha, invites tender on behalf of the Managing Director, OLIC Ltd,. Bhubaneswar through e-procurement in shape of percentage rate bids in online mode only for the work **"Installation and energisation"** of New River Lift Irrigation Projects under **Athamallik, Banarpal, Chhendipada, Kaniha, Kishorenagar & Pallahara** blocks in Angul district on turn-key basis as detailed in the annexure below. The contractors must have valid Civil license of requisite class as per the Tender Call Notice and valid H.T. license and validity of both the licenses should be for a period at least 1 month from the date of the opening of the tender. Valid Joint Venture agreement should be made between Civil and Electrical Licences in case of separate Licences, where Civil Licence holder will be treated as prime contractor as because of the evaluation to be done under the capacity of PWD Contractor. The H.T. Electrical License should be issued by E.L.B.O. & Valid Civil Licence should be registered within the State, issued by PWD/ PHED/ RWSS/ Irrigation/ M.I. Deptt./ Rural works. The scanned copy of the joint venture (Registered) agreement should be uploaded along with the bid, any deviations found will be summarily rejected. The bids should be submitted online on the website: www.tendersodisha.gov.in.
**1. Name of Works :** Installation & energisation of River Lift Projects with supply of all materials on Turnkey basis.
**2. Total Nos. of Packages :** 08 Nos
**3. Approximate Estimated Cost :** Rs. 27.168 Lakh to Rs. 80.256 Lakh
**4. Class of Contractor :** "C" & "B" valid civil Class with H.T. valid Licence / Joint venture (Registered)
**5. Period of completion :** 90 Days from the date of issue of work order.
**6. Other details as follows.**

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I.Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Angul | 03/2025-26 | 25.11.2025 10.00 AM | 05.12.2025 Upto 5.00 PM | 01.12.2025 | 06.12.2025 11.00 AM |

• Details can be seen from the Website www.tendersorissa.gov.in
• Any Corrigendum/ Addendum will be displayed in the above website only.

Sd./- (Er. Debaraj Sethi)
Executive Engineer, L.I. Division, Angul
OIPR-

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୨୦୭ **ବିଜ୍ଞାପନ** ତା:୧୦।୧୧।୨୫

No. CAD-2427: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ, ତୃତୀୟ ପର୍ଯ୍ୟାୟ, ଷ୍ଟେଜ୍-ବି, ରାଉରକେଲା ହାଉସିଂ ପ୍ରକଳ୍ପରେ ଘର ନଂ. ଏଚ୍.ଆଇ.ଜି.-ବି.-୧୪୬ (HIG-B-146)କୁ ଶ୍ରୀ ରମାକାନ୍ତ ଜେନା, ପି.: ବିପିନ୍ ବିହାରୀ ଜେନା, ଗ୍ରା/ପୋ.: ପାଟସୁନ୍ଦରପୁର, ଥା: କାକଟପୁର, ଜି.: ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ରମାକାନ୍ତ ଜେନା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ବିଜୟ କୁମାର ନାୟକ, ପି.: କ୍ଷୀରୋଦ କୁମାର ନାୟକ, ଗ୍ରା: ପ୍ଲାଣ୍ଟସାଇଡ୍ ରୋଡ୍(ପି), ପୋ./ଥା: ପ୍ଲାଣ୍ଟସାଇଟ୍-ରାଉରକେଲା, ଜି.: ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org
ପତ୍ର ସଂଖ୍ୟା: ୨୪୪ **ବିଜ୍ଞାପନ** ତା:୧୩।୧୧।୨୫

No. CAD-2426: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ନଂ. ଏମ୍.ଆଇ.ଜି.-୧-୪୪/୪ (MIG-I-44/4), ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ସୁପ୍ରଭା ଧଳ, ସ୍ୱାମୀ: ସୁକାନ୍ତ ଧଳ, ସା: ଚାରିଘରିଆ, ପୋ: ଗୟଳ ବାଙ୍କ, ଥାନା: ବାଙ୍କୀ, ଜିଲ୍ଲା: କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ସୁପ୍ରଭା ଧଳ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଲକ୍ଷ୍ମୀଧର ବେସରା, ପିତା: ବସନ୍ତ ଚରଣ ବେସରା, ସା/ପୋ.: ପୋଡ଼ଗଡ଼, ଥାନା: ଯଶୀପୁର, ଜିଲ୍ଲା: ମୟୂରଭଞ୍ଜଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-

କାନାରା ବ୍ୟାଙ୍କ Canara Bank
A Government of India Undertaking
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ସ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ କାନାରା ବ୍ୟାଙ୍କ ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର **ଏସ୍‌ଏମ୍‌ଇ ଜଗତପୁର ଶାଖାର** ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଆପଣ ନିମ୍ନଦର୍ଶିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ଆମର ନିମ୍ନଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ନିମ୍ନରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ। ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ନିମ୍ନ ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରିବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି। କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି। ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

| ଏସ୍‌ଏମ୍‌ଇ ଜଗତପୁର ଶାଖା / ଋଣଗ୍ରହୀତା / ବନ୍ଧକଦାତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରୀ ଋଣ (ଖ) ଏନ୍‌ପିଏ / ଋଣ ପରିଶୋଧ ନୋଟିସ୍ ତାରିଖ (ଗ) ଡିମାଣ୍ଡ ନୋଟସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ମେସର୍ସ ଅଲ୍ ମଲିକ ଷ୍ଟିଲ୍ସ ପ୍ରାଇଭେଟ ଲିମିଟେଡ୍, ଏହାକୁ ପ୍ରତିନିଧିତ୍ୱ କରୁଥିବା ନିର୍ଦ୍ଦେଶକମାନେ: ସେକ୍ ନବୋ ଏବଂ ଶ୍ରୀ କୁମାର ଦେବବ୍ରତ, ପ୍ଲଟ୍ ନଂ.: ୪୪୮/୨୫୮୬, ୪୫୩/୩୧୯୧/୯୨, ଭଗତପୁର, ପୋ: ଟାଙ୍ଗି ଚୌଦ୍ୱାର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୨୨ / ଜାମିନ୍‌ଦାର ଏବଂ ନିର୍ଦ୍ଦେଶକମାନେ: ୧) ଶ୍ରୀ କୁମାର ଦେବବ୍ରତ, ପିତା: ବସନ୍ତ କୁମାର ସ୍ୱାଇଁ, ପ୍ଲଟ୍ ନଂ.: ଏଲ୍‌ଆଇ/୧୨୯, ଆଚାର୍ଯ୍ୟ ବିହାର, ଥାନା: ସହୀଦ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୧୩, ୨) ସେକ୍ ନବୋ, ପିତା: ସେକ୍ ସାହୀଦ, ସା: ଭଗତପୁର, କନ୍ହେଇପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୨୨/ ଆକାଉଣ୍ଟ ନଂ.: ୧୨୫୦୦୬୧୧୨୭୬୦ | (କ)ଟ.୧,୦୦,୦୦,୦୦୦/- (ଏମ୍‌ଏସ୍‌ଏମ୍‌ଇ-ଓଡ଼ି/ଓସିସି)/ (ଖ) ୧୯.୧୧.୨୦୨୫ (ଗ) ୨୧.୧୧.୨୦୨୫ | ୨୧.୧୧.୨୦୨୫ ସୁଦ୍ଧା ଟ.୧,୦୦,୯୭,୬୮୭.୦୧ ଯୁକ୍ତ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ | (୧) ମେସର୍ସ ଅଲ୍ ମଲିକ ଷ୍ଟିଲ୍ସ ପ୍ରାଇଭେଟ ଲିମିଟେଡ୍, ଏହାକୁ ପ୍ରତିନିଧିତ୍ୱ କରୁଥିବା **ନିର୍ଦ୍ଦେଶକ: ସେକ୍ ନବୋଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କନ୍ହେଇପୁର, ଥାନା: ଟାଙ୍ଗି, ଥାନା ନଂ. ୫୬, ତହସିଲ: ଟାଙ୍ଗି-ଚୌଦ୍ୱାର, ଏସ୍‌ଆରଓ: ଜଗତପୁର, ମ୍ୟୁଟେସନ୍ ଖାତା ନଂ.: ୮୪୬/୮୩୨, ପ୍ଲଟ୍ ନଂ.: ୪୪୮/୩୧୪୨, କ୍ଷେତ୍ର: ଏକର୦.୧୨୦ଡିସିମିଲି, ଅନୁରୂପ ଖାତା ନଂ.: ୧୭୦, ପ୍ଲଟ୍ ନଂ.: ୪୪୮, କ୍ଷେତ୍ର: ଏକର୦.୧୨୦ଡିସିମିଲି, କିସମ: ଘରବାରି, ସ୍ଥିତି: ସ୍ଥିତିବାନ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସରକାରୀ ଜମି, ଦକ୍ଷିଣ: ପ୍ଲଟ୍ ନଂ. ୪୪୮, ପୂର୍ବ: ସରକାରୀ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୪୮୯/୩୧୧୫, (୨) ମେସର୍ସ ଅଲ୍ ମଲିକ ଷ୍ଟିଲ୍ସ ପ୍ରାଇଭେଟ ଲିମିଟେଡ୍, ଏହାକୁ ପ୍ରତିନିଧିତ୍ୱ କରୁଥିବା **ନିର୍ଦ୍ଦେଶକ: ସେକ୍ ନବୋଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗୁଞ୍ଜରପୁର, ଥାନା: ସାଲେପୁର, ଥାନା ନଂ. ୧, ତହସିଲ: ସାଲେପୁର, ଏସ୍‌ଆରଓ: ସାଲେପୁର, ମ୍ୟୁଟେସନ୍ ଖାତା ନଂ.: ୭୪୭/୧୭୪୯, ପ୍ଲଟ୍ ନଂ.: ୨୧୮୧/୨୯୧୩, କ୍ଷେତ୍ର: ଏକର୦.୦୨୩ଡିସିମିଲି, ଅନୁରୂପ ଖାତା ନଂ.: ୭୪୭/୯୩୮, ପ୍ଲଟ୍ ନଂ.: ୨୧୮୧/୨୯୧୩, କ୍ଷେତ୍ର: ଏକର୦.୦୨୩ଡିସିମିଲି, ଅନୁରୂପ ଖାତା ନଂ.: ୭୪୭/୨୪୭, ପ୍ଲଟ୍ ନଂ.: ୨୧୮୧, କ୍ଷେତ୍ର: ଏକର୦.୦୨୩ଡିସିମିଲି, ଅନୁରୂପ ଖାତା ନଂ.: ୪୯୭, ପ୍ଲଟ୍ ନଂ.: ୨୧୮୧, କ୍ଷେତ୍ର: ଏକର୦.୦୨୩ ଡିସିମିଲି, କିସମ: ଘରବାରି, ସ୍ଥିତି: ସ୍ଥିତିବାନ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସରକାରୀ ଜମି, ଦକ୍ଷିଣ: ଗୋଚର, ପୂର୍ବ: ପ୍ଲଟ୍ ନଂ. ୨୧୮୨, ପଶ୍ଚିମ: ପ୍ଲଟ୍ ନଂ.: ୨୧୮୧ |

ସ୍ଥାନ : କଟକ, ତାରିଖ : ୨୪.୧୧.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

RAIN, SUN AND FIREPROOF
KONARK IS THE RIGHT ROOF
KONARK
Right at the top
USE
KONARK (ISI)
AC SHEETS & ACCESSORIES
**UAL - ODISHA**
(PROP. : UAL INDUSTRIES LTD.)
(AN ISO 9001, 14001 & 45001 CERTIFIED COMPANY)
ODISHA WORKS
At/P.o. Korian, Dist. Dhenkanal-759013 (Odisha)
Mobile : 9437021312, 9437960758
E-mail : brmohanty@ualind.com
BENGAL WORKS
UAL - BENGAL
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com
U.P. WORK
UAL - UTTAR PRADESH
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com



WHILE SOME PERSUE FOR EXCELLENCE
WE ARE BORN TO EXCELL.

**ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ ବୈଠକ**

ବଳଙ୍ଗା,(କେଦାରେଶ୍ୱର ନନ୍ଦ)- ବଳଙ୍ଗା ଥାନା ଅନ୍ତର୍ଗତ ଉଛୁପୁର ପଞ୍ଚାୟତ ଭାଜପାର ଏକ ସାଙ୍ଗଠନିକ ବୈଠକ ଭୁତୁପଦା ଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ, ସରପଞ୍ଚ ସୁରେଶ ମଙ୍ଗରାଜ, ବରିଷ୍ଠ ନେତୃତ୍ୱ ଅଶୋକ କୁମାର ରାଉତ, ନୃସିଂହ ପରିଡ଼ା, ପ୍ରଦୀପ୍ତ କୁମାର ଦୀକ୍ଷିତ, ସୁରେଶ ମୁରୁଡ଼ି, ନରହରି ସ୍ୱାଇଁ, ଦେବେନ୍ଦ୍ର ପ୍ରଧାନ, ମାନସ ଜେନା, ଦୁଃଖୀଶ୍ୟାମ ରାଉତ, ଜଟ ସୁନ୍ଦରା, ପଞ୍ଚାନନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ୨୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେବା ସହିତ ଆଗାମୀ ଭବିଷ୍ୟତରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ସଂକଳ୍ପ ନେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୧୧।୨୦୨୫

| ୫,୦୪,୦୫୬ ଟଙ୍କା | |
|---|---|
| ସୁନା | ୨.୧୨୦ ଗ୍ରାମ୍ |
| ରୁପା | ୩୪.୧୦୦ ଗ୍ରାମ୍ |

# ଦେଶମାତୃକା ପାଇଁ ସମର୍ପିତ ହୋଇ କାମ କର

ନିମାପଡ଼ା,୨୪।୧୧(ବିଚିତ୍ରାନନ୍ଦ ସାହୁ)



ବନ୍ଦେ ମାତରମ ସମାରୋହରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମଞ୍ଚାସୀନ ଅତିଥିବୃନ୍ଦ।

ସମଗ୍ର ଦେଶବାସୀ ଭାରତମାତା ପାଇଁ ସମର୍ପିତହୋଇ କାର୍ଯ୍ୟକରିବାକୁ ସଂକଳ୍ପବଦ୍ଧ ହେବା ପାଇଁ ନିମାପଡ଼ା ଠାରେ ଆୟୋଜିତ ବନ୍ଦେ ମାତରମ ସଂଗୀତର ୧୫୦ ତମ ପୂର୍ତ୍ତି ଉତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଏକ ସାମୂହିକ ଶପଥ ପାଠ ଓ ସଂକଳ୍ପ ନେବା କାର୍ଯ୍ୟକ୍ରମରେ ସାମୂହିକ ଭାବେ ଦେଶାତ୍ମବୋଧ ସଙ୍ଗୀତ ଗାନ କରାଯାଇଥିଲା। ପରେ ନିମାପଡ଼ାରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କର ଏକ ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ନିମାପଡ଼ା ଜଳସମ୍ପଦ ଡିଭିଜନ ପକ୍ଷରୁ ୨କୋଟି ୬୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋପ ଶାଖା କେନାଲ ର ବାମପାର୍ଶ୍ୱ ବନ୍ଧର ସର୍ବାପଡ଼ା ବେହେରା ସାହି ଠାରୁ ଧୀରପୁର ପର୍ଯ୍ୟନ୍ତ ଉନ୍ନତୀକରଣ କାର୍ଯ୍ୟ ଓ ପଳତାସାହି ଠାରେ ଏକ ନୂତନ ବ୍ରିଜ ନିର୍ମାଣ କାର୍ଯ୍ୟ ଓ ୪୮ଲକ୍ଷ ୭୧ ହଜାର ଟଙ୍କା ବ୍ୟୟର ଆଶାପୂରଣ ମାଇନରର ଉନ୍ନତୀକରଣ କାର୍ଯ୍ୟ ଓ ୨୫ଲକ୍ଷ ଟଙ୍କା ବ୍ୟୟରେ କଣ୍ଟି ଡିଷ୍ଟ୍ରିବ୍ୟୁଟାରୀରେ ଟ୍ରଫ୍ ୱାଲ୍ ନିର୍ମାଣ ଓ ୨୧ ଲକ୍ଷ ୪୪ ହଜାର ଟଙ୍କା ବ୍ୟୟରେ ଗୋପ ଶାଖା କେନାଲର ବିଶରପୁର କୁଦସାହି ଠାରେ ପାଦ ଚଲା ପୋଲ ନିର୍ମାଣ କାର୍ଯ୍ୟ ଓ ଜଳସମ୍ପଦ ବିଭାଗ ପ୍ରାଚୀ ଡିଭିଜନ ପକ୍ଷରୁ ୮ କୋଟି ୩୦ ଲକ୍ଷଟଙ୍କା ବ୍ୟୟରେ ବିଷ୍ଣୁପୁର -ନିମାପଡ଼ା -ଭାରତୀସାହି କେନାଲ ବନ୍ଧ ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରାଯିବ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ସମ୍ମାନିତ ଅତିଥିଭାବେ ନିମାପଡ଼ା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଲ, ନିମାପଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ଶକ୍ତିପ୍ରସାଦ ଦାଶ, ସହକାରୀ ଯନ୍ତ୍ରୀ ହେମାମାଳିନ ପତି, ଗୋପ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଲମ୍ବୋଦର ପାଢ଼ୀ, ପ୍ରାଚୀ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ, ସହକାରୀ ନିର୍ବାହୀଯନ୍ତ୍ରୀ ସିଧାଂଶୁ ଷଡ଼ଙ୍ଗୀ, ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ (ଏସ. ଇ.)ମୌସୁମୀ ମିଶ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ହରିଶ ଚନ୍ଦ୍ର ପୂର୍ତ୍ତି, ସହକାରୀଯନ୍ତ୍ରୀ ସ୍ମୃତିରଞ୍ଜନ କାନୁନଗୋ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବିଧାୟିକାଙ୍କ ପ୍ରତିନିଧି ଯତୀନ୍ଦ୍ରନାଥ ସ୍ୱାଇଁ, ନିମାପଡ଼ା କଲେଜ ଅଧକ୍ଷା ଅମିତା ମହାନାୟକ, ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଭାଜପାର ପ୍ରବକ୍ତା ସୁଦୀପ୍ତ ରାୟ, କଲେଜର ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ର ନାଥ ପାଢ଼ୀ, ପ୍ରାଧାପକ ପ୍ରଦୀପ ଦାଶ, ପ୍ରବୀର ବେହେରା, ଅଶୋକ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### କୁମ୍ଭୀର ଆତଙ୍କ, ସମୁଦ୍ରରେ ସ୍ନାନ ନ କରିବାକୁ ସଚେତନତା

କୋଣାର୍କ,୨୪।୧୧(ଜ୍ୟୋତିରାଜ ମହାନ୍ତି)

ଅସ୍ତରଙ୍ଗ ପୀରଜାହାନିଆ ସମୁଦ୍ର କୂଳରେ ଏକ କୁମ୍ଭୀର ଦେଖାଯିବାର ଭିଡିଓ ଜାରି କରାଯିବା ପରେ ରବିବାର କୋଣାର୍କ ବନବିଭାଗ ପକ୍ଷରୁ ପର୍ଯ୍ୟଟକ ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ଜନସଚେତନତା ସୃଷ୍ଟି କରାଯାଇଛି। ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱାରୋପ କରି କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋଣାର୍କ ବନବିଭାଗ ପକ୍ଷରୁ ସମୁଦ୍ର କୂଳରେ ୨୦ଜଣ ବନ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସମୁଦ୍ରରେ କୁମ୍ଭୀର ବୁଲିବା ନେଇ ଭିଡିଓ ଜାରି କରାଯିବା ପରେ କୋଣାର୍କ ବନବିଭାଗ ଆକ୍ସନ ମୋଡ୍‌କୁ ଆସିଛି। ଚନ୍ଦ୍ରଭାଗା ସମୁଦ୍ରକୂଳ ଓ ଇକୋ ରିଟ୍ରିଟ ସମୁଦ୍ର ବେଳାଭୂମି ବୁଲିବା ପାଇଁ ଆସୁଥିବା ପର୍ଯ୍ୟଟକ ଓ ଜନସାଧାରଣଙ୍କୁ ସମୁଦ୍ର ସ୍ନାନ ଓ କୂଳକୁ ନ ଯିବା ପାଇଁ ବନବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଛି। ସମୁଦ୍ରରୁ କୁମ୍ଭୀର ଧରା ନ ଯିବା ପର୍ଯ୍ୟନ୍ତ କୋଣାର୍କ ବନବିଭାଗ ପକ୍ଷରୁ ନିୟମିତ ଭାବେ ସଚେତନତା ସୃଷ୍ଟି କରାଯିବା ସହିତ ବନ କର୍ମଚାରୀ ନିରନ୍ତର ଭାବେ କାର୍ଯ୍ୟ ଅବ୍ୟାହତ ରହିବ ବୋଲି କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ପ୍ରକାଶ କରିଛନ୍ତି।

### ଚନ୍ଦ୍ରଭାଗାରୁ ୨ ବାଲି ବୋଝେଇ ହାଇୱା ଜବତ

କୋଣାର୍କ,୨୪।୧୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଶନିବାର ବିଳମ୍ବିତ ରାତିରେ କୋଣାର୍କ ପୋଲିସ ୨ ବାଲି ବୋଝେଇ ହାଇୱା ଜବତ କରିଛି। ପୁରୀ-କୋଣାର୍କ ବେଳାମାର୍ଗ କଇଁଛ ଘର ଓ ଚନ୍ଦ୍ରଭାଗା ନିକଟରୁ ଏହି ହାଇୱାରେ ବାଲି ବୋଝେଇ ହୋଇ ଚାଲାଣ ହେଉଥିଲା। ଖବରପାଇ କୋଣାର୍କ ପୋଲିସ ପହଞ୍ଚି ଗାଡ଼ି ୨ଟିକୁ ଜବତ କରି ଥାନାକୁ ଆଣିଥିଲା। କୋଣାର୍କ ଥାନାରେ ୨୪୮/୨୫ ଓ ୨୪୯/୨୫ରେ ଦୁଇଟି ମାମଲା ରୁଜୁ କରାଯାଇଥିବାବେଳେ ଖଣି ବିଭାଗ ଜରିମାନା ଆଦାୟ କରିବ ବୋଲି ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।




ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ବାଲୁକାକଳା ମାଧ୍ୟମରେ ଅଭିନେତା ଧର୍ମେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ରାସ୍ତାରୋକୋ ସ୍ଥଗିତ: ନୟାହାଟ ଶିଖରଘାଟ ରାସ୍ତା ପାଇଁ ୫ କୋଟି ମଞ୍ଜୁର

ଯୋଗେଶ୍ୱରପୁର,୨୪।୧୧
(ରଶ୍ମି ରଞ୍ଜନ ସାହୁ)

ଦୀର୍ଘଦିନ ହେବ ନୟାହାଟ ଶିଖରଘାଟ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଥିଲା ବେଳେ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ବଡ଼ ବଡ଼ ଖାଲରେ ପାଣି ଜମିରହିବା ଫଳରେ ବସ୍, ଟ୍ରକ ବିପଜ୍ଜନକ ଭାବେ ଯାତାୟାତ କରୁଥିଲେ। ଏସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ କର୍ଣ୍ଣପାତ କରି ନ ଥିଲେ। ଧୂମାଳ ପଞ୍ଚାୟତର ସାମାଜିକ କର୍ମୀ ଅଭିମନ୍ୟୁ ସିଂହ, ଅଶୋକ ସାହୁ, ଦିଲ୍ଲୀପ ରାୟ, ସହଦେବ ମାଣିକ ପ୍ରମୁଖ ଜନଆନ୍ଦୋଳନ କରିବେ ବୋଲି ପ୍ରଶାସନକୁ ଲିଖିତ ଭାବେ ଜଣାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଗୋପ ଥାନାଧିକାରୀ ପ୍ରଶାନ୍ତ ପଡ଼ିଆରୀ, ଡିଏସପି ଜନାର୍ଦ୍ଦନ ପାଢ଼ୀ, ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ପ୍ରମୁଖ ଏମାନଙ୍କ ସହିତ ଆଲୋଚନା କରି ରାସ୍ତାରୋକୋକୁ ସ୍ଥଗିତ ରଖି ରାସ୍ତା କାମ କରିବେ ବୋଲି ସମୟ ମାଗିଥିଲେ । ଗତ ୨୦ ତାରିଖ ଦିନ ଏହି ରାସ୍ତା ପାଇଁ ୫ କୋଟି ଟଙ୍କା ଟେଣ୍ଡର ହୋଇଥିବା ବେଳେ ଧୂମାଳ ଗୋହରୀରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରାଯିବ।

# ତୀର୍ଥଯାତ୍ରାରେ ଗଲେ ୧୨୭ ବରିଷ୍ଠ ନାଗରିକ

ପୁରୀ,୨୪।୧୧(ଅଜିତ୍ କୁମାର ମହାନ୍ତି)

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲାରୁ ସୋମବାର ଅପରାହ୍ନରେ ୧୨୭ ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି। ସେମାନେ ସୋମବାର ଭୁବନେଶ୍ୱରରେ ରହିବେ ଓ ମଙ୍ଗଳବାର ଓଁକାରେଶ୍ୱର ଓ ଉଜ୍ଜୟିନୀ ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍‌ରେ ଯାତ୍ରା କରିବେ। ଏହି ବରିଷ୍ଠ ନାଗରିକମାନେ ଓଁକାରେଶ୍ୱର ଓ ଉଜ୍ଜୟିନୀ ପରିଭ୍ରମଣ କରିବା ସହ ଚଳିତ ମାସ ୩୦ ତାରିଖରେ ଫେରିଆସିବାର କାର୍ଯ୍ୟକ୍ରମ ରହିଛି। ବରିଷ୍ଠ ନାଗରିକଙ୍କୁ ସହଯୋଗ ପାଇଁ ୪ ଜଣ ସହକାରୀ ମଧ୍ୟ ସାଥିରେ ଯାଇଛନ୍ତି। ପୂର୍ବାହ୍ନରେ ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଯାତ୍ରାର ଶୁଭକାମନା କରିଥିଲେ। ନିଜ ନିଜର ଦାୟିତ୍ୱ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବା ସହ ସହାୟତା ପାଇଁ ଯାଇଥିବା କର୍ମଚାରୀଙ୍କ ସୂଚନା ଅନୁସାରେ ପରିଭ୍ରମଣ କରିବାକୁ ତୀର୍ଥଯାତ୍ରୀଙ୍କୁ ଅନୁରୋଧ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାସୁ



@ ପ୍ରକାଶ



@ ଅଶୋକ



@ ତ୍ରିଲୋଚନ



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ସାକ୍ଷୀଗୋପାଳ,୨୪।୧୧(ପ୍ରଶାନ୍ତ ବାରିକ/ଭରତ ରାଉତ/କିଶୋର ମହାପାତ୍ର)

ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ସତ୍ୟବାଦୀ ବ୍ଲକ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୫୫ଟି ଅଭିଯୋଗ ମିଳିଥିଲା। ସେଥିରୁ ୪୮ଟି ବ୍ୟକ୍ତିଗତ, ୫ଟି ଗ୍ରାମ୍ୟ ସମ୍ବନ୍ଧୀୟ, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ସମ୍ପର୍କରେ ୨ଟି ଅଭିଯୋଗ ରହିଥିଲା। ତତ୍‌କ୍ଷଣାତ ୨ଟିର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଉପଜିଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।


**e-Procurement Notice for Road and Building Works**

No.O-1495 **Identification No. 08 SERW BLS 2025-26**

1. Name of the Work :- Roads and Buildings.
2. Total No. of Works :- 4 Nos.
3. Estimated Cost :- Estimated Cost Rs.10.068 to Rs.62.834 lakh.
4. Class of Contractor :- 'D', 'C' & 'B' Class.
5. Time of Completion: :- 3 Month (Three Calendar Month).
6. Other Details :-

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 08 SERW BLS 2025-26 | 24.11.2025 at 11.00 A.M. | 03.12.2025 up to 5.00 P.M. | 03.12.2025 up to 1.00 P.M. | 04.12.2025 at 11.00 A.M. |

Further details can be seen from the website: www.tendersodisha.gov.in
OIPR- **Sd./- Superintending Engineer, R.W. Division, Balasore**



**GOVERNMENT OF ODISHA** No.O-1512:
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK**
e-mail : serw_ctc@yahoo.com
No.Tender Online RWC-26/2025 4268 Letter No.17.11.2025
**e-Procurement Notice**

1. Name of the work : Construction of **Road & Bridge** Works
2. Class of Contractor :
   c) Estimated Cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated Cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated Cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time for Completion : As specified in the **Column-7 of the Annexure**.
4. Detail Projects : **As per Annexure attached**
5. Other Details

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC-26/25 | 24.11.2025 at 11.30 AM | 08.12.2025 upto 05.00 PM | 08.12.2025 upto 02.00 P.M. | 09.12.2025 at 11.30 AM | Will be intimated later |

Further details can be seen from the website **www.tendersodisha.gov.in.**
OIPR- **Sd./- Chief Construction Engineer, Rural Works Circle, Cuttack**



**GOVERNMENT OF ODISHA** **No.A-947**
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER,**
**MAHANADI BASIN, AT-BURLA, DISTRICT-SAMBALPUR, PIN-768017**
E-mail Id - cebmumbburla@gmail.com
**'e' Procurement Notice No-CE & BM-MB-32/2025-2026 (Online)**
**BID IDENTIFICATION NO-CE & BM-MB-32/2025-2026 (Online)**

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project (Attabira Canal Section,Burla Irrigation Division, Burla) |
| 2 | No of works | : | One (01) number |
| 3 | Class of contractor | : | "Special" and "Super Class" |
| 4 | Bid Identification No | : | CE&BM-MB-32/2025-2026 (Online) |
| 5 | Estimated cost | : | Rs.28.16 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 26.11.2025 at 11.30 A.M. to Dated - 17.12.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 17.12.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 18.12.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

**Sd./- Chief Engineer & Basin Manager, Mahanadi Basin, Burla**
OIPR-



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
(A Govt. of Odisha Undertaking)
**OFFICE OF THE SUB-DIVISIONAL OFFICER (ELECTRICAL)**
**EHT (O&M) SUB-DIVISION, SAMUKA**
At-Girala, Po: Goruala, Dist: Puri-752002
Mob:9438907946, E-mail: grid.ss.smuka@optcl.co.in
OPTCL Lifeline of Odisha

**Letter No.208** **Dated:17.11.2025**
**To**
**The EE (Elect.) TPCODL, PED, Puri**
**Sub: Regarding Rescheduling of Annual Maintenance of 132/33KV Grid S/S, Shamuka on 25th November -25.**
**Ref- Office Letter No.TB-SO-MISC-02/2014(Vol-I)/58, dtd.04.09.25 of CGM (O&M) OPTCL, BBSR**
**Sir,**
With reference to the above cited subject & reference, it is to intimate that Annual Maintenance of 132/33 KV Grid Sub-Station, Shamuka will be taken up as per the schedule furnished below. So you are requested to intimate the same to all domestic, industrial, Govt. Office and public institute consumers well in advance with proper advertisement.

| Sl. No. | Description of shutdown | Date | Duration | Remarks |
|---|---|---|---|---|
| 1 | 132/33KV Switch yard of Grid Sub-Station, Shamuka | 25.11.25 | 08.00 hrs to 17.00 hrs | There will be "NO POWER SUPPLY" (33KV Alarnath, Charinala, Samanga & Baliapanda-I outgoing feeders of TPCODL from Shamuka grid S/S |

This is for favor of your kind information & necessary action.
**Yours faithfully**
**Sd./- Sub-Divisional Officer (Elect)**
**132/33KV. Grid. S/S, Shamuka**



**NOTICE INVITING BID**
**Odisha State Medical Corporation Limited (OSMCL)**
In front of Ram Mandir, Convent Square, Unit – III, Bhubaneswar -751 001
Tel. : (0674) 2380950, Website : www.osmcl.nic.in , Email : drugs-osmcl@od.gov.in
**Bid Ref. No.: OSMCL/2025-26/Factor/08** **Date: 24/11/2025**

**No. CAD-2425:- Online Bids** through **e-Tender portal** (https://tendersodisha.gov.in) are invited from eligible bidders for **supply of inj. Factor VIII (EHL & VWF) for the year 2025-26 as per the particulars mentioned below.**

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 24.11.2025, 3 PM | |
| 2. | Date & time for submission of queries by E-Mail id- drugs-osmcl@od.gov.in | 25.11.2025, up to 5.00 PM | |
| 3. | Date & time of Online bid submission | Start Date & Time 26.11.2025, 3 PM | End Date & Time 05.12.2025, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per Section-IV of tender document | Start Date & Time 06.12.2025, 10 AM | End Date & Time 12.12.2025, 11.00 AM |
| 5. | Date and time of online Technical bid opening | 12.12.2025, 11.30 AM | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the website: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof. All notice will be published in the OSMCL website www.osmcl.nic.in. Hence the bidders are requested to visit OSMCL website www.osmcl.nic.in time to time for any published notice against the tender.

OIPR- **Sd./- Managing Director, OSMC Ltd., Odisha**

## ରାତିରେ ଘରେ ପଶି ଛୁରାମାଡ଼

ଭୁବନେଶ୍ୱର,(ସତ୍ୟଜିତ ରାଉତ): ଏୟାରଫିଲ୍ଡ ଥାନା ଅଞ୍ଚଳର ଏକ ଘରେ ପଶି ପରିବାର ଲୋକଙ୍କୁ ଛୁରାମାଡ଼ ହୋଇଛି। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ପୋଲିସ ସୋମବାର ଅଭିଯୁକ୍ତ ଶଙ୍କର୍ଷଣ ପ୍ରଧାନଙ୍କୁ ଗିରଫ କରିଛି। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଛୁରି ଜବତ କରାଯାଇଛି। ସେହିପରି ତାଙ୍କ ନାବାଳକ ପୁଅକୁ ପୋଲିସ କାବୁ କରି ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରିବା ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇଛି। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିପାଟଣା,୨୪।୧୧(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅନ୍ତର୍ଗତ ଅଠାନ୍ତର ମହାନ୍ତିସାହିରୁ ସୋମବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ବିଶ୍ୱଜିତ୍ ଦାସ ଓରଫ ଟିକୁନ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ୨୦୨୩ରେ ଟିକୁନ ବିବାହ କରିଥିଲେ। ତାଙ୍କର ଏକ ଦେଢ଼ ବର୍ଷର ପୁଅ ଅଛି। କିଛିଦିନତଳେ ଟିକୁନଙ୍କ ମା'ବାପା ତୀର୍ଥ ଲାଗି ବାହାରକୁ ଯାଇଛନ୍ତି। ସୋମବାର ସକାଳେ ବହୁ ସମୟ ଧରି ଟିକୁନ କବାଟ ଖୋଲି ନ ଥିଲେ। ସନ୍ଦେହରେ ପଡ଼ୋଶୀ କବାଟ ବାଡ଼େଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ଶେଷରେ ପଡ଼ୋଶୀ କବାଟ ଭାଙ୍ଗିଥିଲେ। ଘରେ ଲାଗିଥିବା ଏକ ଫ୍ୟାନରେ ଟିକୁନ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ଭୁବନେଶ୍ୱରର ପ୍ରମୁଖ ରାସ୍ତାରେ ପାର୍କିଂ ମନା

## ବେଆଇନ ପାର୍କିଂ ରୋକିବାକୁ କମିଶନରେଟ୍ ପୋଲିସର ପଦକ୍ଷେପ

ଭୁବନେଶ୍ୱର,୨୪।୧୧(ସତ୍ୟଜିତ ରାଉତ)

ରାଜଧାନୀର ପ୍ରମୁଖ ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ଯାତାୟାତରେ ବହୁ ସମସ୍ୟା ହେଉଛି। ବେଆଇନ ପାର୍କିଂ ରୋକିବାକୁ କମିଶନରେଟ୍ ପୋଲିସ ପକ୍ଷରୁ ସୋମବାର ବଡ଼ ପଦକ୍ଷେପ ନିଆଯାଇଛି। ଓଡ଼ିଶା ଅର୍ବାନ ପୋଲିସ (ଓୟୁପି) ଆଇନର ଧାରା ୨୮ ଏବଂ ୨୯, କମିଶନରେଟ୍ ପୋଲିସ (ଟ୍ରାଫିକ୍ ଏବଂ ସାର୍ବଜନୀନ ଶୃଙ୍ଖଳା) ନିୟମାବଳୀ ଏବଂ ବିଏନ୍ଏସ୍ ଧାରା ୧୬୩ ଅନୁଯାୟୀ କଟକଣା ଜାରି କରାଯାଇଛି। ବହୁ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଯାନବାହନ ପାର୍କିଂ ନିଷେଧ କରାଯାଇଛି। କଟକଣା ଅନୁଯାୟୀ, ରାଜଭବନ ଛକରୁ ଜୟଦେବ ବିହାର ଛକ ଦେଇ କଳାରାହାଙ୍ଗ ଛକ, ଏୟାରପୋର୍ଟରୁ ଆଚାର୍ଯ୍ୟବିହାର ଛକ ଦେଇ ନାଲ୍କୋ ଛକ, ଶିଶୁଭବନ ଛକରୁ ରାଜମହଲ ଛକ ଏବଂ ମାଷ୍ଟର କ୍ୟାଣ୍ଟିନ ଛକ ଦେଇ ବାଣୀବିହାର ଛକ, ରସୁଲଗଡ଼ ଛକରୁ ଜୟଦେବ ବିହାର, ଶ୍ରୀୟା ଛକରୁ ପିଏଚ୍ଡି ଅଫିସ, ବାପୁଜୀ ନଗର, ଆଇଡିବିଆଇ ବ୍ୟାଙ୍କ ଛକଠାରୁ ଏମ୍ପାୟାର ହୋଟେଲ ଦେଇ ଏନ୍ଏଚ୍-୧୬, ଆଲୋକ ଭାରତୀ କୋଠା ଠାରୁ ଶହୀଦନଗର ଦୁର୍ଗାପୂଜା ମଣ୍ଡପ, ଜନପଥ ରୋଡ, ଜନପଥ (କଲ୍ୟାଣ ଜୁଏଲର୍ସ) ଠାରୁ ସ୍ୱର୍ଣ୍ଣ ହସ୍ପିଟାଲ ଚରକ ମେଡିକାଲ ଷ୍ଟୋର, ତୃପ୍ତି ସର୍ଭିସ ଷ୍ଟେଶନ ଜନପଥ ଠାରୁ ଶହୀଦ ନଗର ଏଣ୍ଟ୍ରି ପଏଣ୍ଟ ରାସ୍ତାରେ ଗାଡ଼ି ପାର୍କିଂ ମନା କରାଯାଇଛି। ସେହିପରି ବ୍ୟବସାୟ କେନ୍ଦ୍ର, ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଏବଂ ଯାନବାହନ ଯାତାୟାତର ବୃଦ୍ଧିକୁ ଦୃଷ୍ଟିରେ ରଖି ଆଉ କେତେକ ରାସ୍ତାରେ ମଧ୍ୟ ପାର୍କିଂ ନିଷେଧ କରାଯାଇଛି। ଗୋପବନ୍ଧୁ ଛକ ଠାରୁ କଳ୍ପନା ଛକ (ଉଭୟ ପାର୍ଶ୍ୱ), କଳାରାହାଙ୍ଗ ଛକ ଠାରୁ ନନ୍ଦନକାନନ ଛକ (ଉଭୟ ପାର୍ଶ୍ୱ), ଉଭୟ ପାର୍ଶ୍ୱ ସର୍ଭିସ ରୋଡ୍ ଦେଇ ଜୟଦେବ ବିହାର ଛକ ଠାରୁ ତମାଣ୍ଡୋ ଛକ, ଜୟଦେବ ବିହାର ଛକଠାରୁ ଏକାମ୍ର କାନନ ପାର୍କ ରୋଡ୍ (ଉଭୟ ପାର୍ଶ୍ୱ) ଦେଇ ସିଆର୍ପି ଛକ, ସିଆର୍ପି ଛକ ଠାରୁ ୟୁନିଟ-୮, ଡିଏଭି ସ୍କୁଲ (ଉଭୟ ପାର୍ଶ୍ୱ) ଦେଇ ପାୱାର ହାଉସ୍ ଛକ, ଫାୟାର ଷ୍ଟେଶନ ଛକଠାରୁ ସିଟି ମହିଳା ମହାବିଦ୍ୟାଳୟ ଛକ (ଉଭୟ ପାର୍ଶ୍ୱ) ଦେଇ ଜାଗମରା ଛକ, ଖଣ୍ଡଗିରି ଛକ ଠାରୁ ପୋଖରୀପୁଟ ଛକ (ଉଭୟ ପାର୍ଶ୍ୱ), ନୟାପଲ୍ଲୀ ଅଣ୍ଡର ପାସ୍ଠାରୁ ଆଇଡି ମାର୍କେଟ (ଉଭୟ ପାର୍ଶ୍ୱ) ଦେଇ ଜୟଦେବ ବିହାର, କିଟ୍ ଛକଠାରୁ ସିଲିକନ ଇଞ୍ଜିନିୟରିଂ କଲେଜ (ଉଭୟ ପାର୍ଶ୍ୱ) ଦେଇ ଇନଫୋସିଟି ଛକ, ଡମଣା ଛକଠାରୁ ଶୈଳଶ୍ରୀ ବିହାର (ଉଭୟ ପାର୍ଶ୍ୱ), ଜାଭିଅର ଛକ ଠାରୁ ଉତ୍କଳ ହସ୍ପିଟାଲ (ଉଭୟ ପାର୍ଶ୍ୱ) ଦେଇ ସାଇ ମନ୍ଦିର ଛକ ରାସ୍ତା ଯାଏ ପାର୍କିଂ ନିଷେଧ କରାଯାଇଛି। ନିୟମ ଉଲ୍ଲଂଘନ କରୁଥିବା ଗାଡ଼ିଗୁଡ଼ିକୁ କ୍ରେନ ସାହାଯ୍ୟରେ ଟାଣିନିଆଯିବ ଏବଂ ତାହାର ମାଲିକ ଜରିମାନା ବ୍ୟତୀତ କ୍ରେନ ବାବଦ ଖର୍ଚ୍ଚ ପୈଠ କରିବେ। ଏହି କଟକଣା ଆଦେଶ ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

## ବସୁନ୍ଧରାକୁ ଇନ୍ଦରଜିତ୍ ଖୁରାନା ଜାତୀୟ ପୁରସ୍କାର




କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତିକା 'ପ୍ଲାଟଫର୍ମ ଦିଦି' ଉନ୍ମୋଚନ କରୁଛନ୍ତି।

ପୁରୁଣା ଭୁବନେଶ୍ୱର,୨୪।୧୧(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ରବି ଟକିଜସ୍ଥିତ ଲତିକା ଏନକ୍ଲେଭଠାରେ ସୋମବାର ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ପକ୍ଷରୁ ଷଷ୍ଠ ଇନ୍ଦରଜିତ୍ ଖୁରାନା ଜାତୀୟ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲାର ଶିଶୁ ଅଧିକାର ସଙ୍ଗଠନ ବସୁନ୍ଧରାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ୧ଲକ୍ଷ ଟଙ୍କା, ମାନପତ୍ର, ଉପଢ଼ୌକନ ପ୍ରଦାନ କରାଯାଇଥିଲା। ବସୁନ୍ଧରା ପକ୍ଷରୁ ସମ୍ପାଦିକା ଶୈଳ ବେହେରା ଏହି ପୁରସ୍କାର ଗ୍ରହଣ କରିଥିଲେ। ଏଥିସହ ରୁଚିକା ପକ୍ଷରୁ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ଉପରେ ଅବଦାନ ପାଇଁ ଛଅଟି ଅନୁଷ୍ଠାନକୁ ଇନ୍ଦରଜିତ୍ ଖୁରାନା ସୋସିଆଲ ଇମ୍ପାକ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ବୌଦ୍ଧ ଜିଲାର ୱାଇସିଡିଏ ସଙ୍ଗଠନ ପକ୍ଷରୁ ରାଜେନ୍ଦ୍ର ମେହେର, କଟକ ଜିଲା ଉତ୍କଳ ସେବକ ସମାଜ ପକ୍ଷରୁ ଅମିୟ ଭୂଷଣ ବିଶ୍ୱାଳ, ଭୁବନେଶ୍ୱର ପିକକ୍ ସଙ୍ଗଠନ ପକ୍ଷରୁ ରଞ୍ଜନ କୁମାର ମହାନ୍ତି, ଗଞ୍ଜାମର ସେବା ଅନୁଷ୍ଠାନ ପକ୍ଷରୁ ଅଳକା ସାହୁ ଏବଂ ସମ୍ବଲପୁରର ଆଦର୍ଶ ଅନୁଷ୍ଠାନ ପକ୍ଷରୁ ପ୍ରଦୀପ କୁମାର ବେହେରା ଏହି ଆୱାର୍ଡ ଗ୍ରହଣ କରିଛନ୍ତି। ଉତ୍ସବରେ ମୁଖ୍ୟ ଅତିଥି ଟେକ୍ ମହିନ୍ଦ୍ରାର ପୂର୍ବତନ ସିନିୟର ଉପସଭାପତି ବସନ୍ତ କୁମାର ମିଶ୍ର କହିଥିଲେ ଯେ, ଇନ୍ଦରଜିତ୍ ଖୁରାନା ଥିଲେ ଶତାବ୍ଦୀର କର୍ମକାର। ତାଙ୍କ ହୃଦୟ ଥିଲା ପିଲାଙ୍କ ପାଇଁ। ତାଙ୍କ ସମଗ୍ର ଜୀବନ ସେ ଦୁଃସ୍ଥ ଅବହେଳିତ ପିଲାଙ୍କ ସେବା ପାଇଁ ଉତ୍ସର୍ଗ କରିଦେଇଥିଲେ। ମୁଖ୍ୟ ବକ୍ତା ସମାଜସେବୀ ଜଗଦାନନ୍ଦ କହିଥିଲେ ଯେ, ଇନ୍ଦରଜିତ୍ ଖୁରାନଙ୍କୁ ସବୁ ପିଲା ମାମା ବୋଲି ଡାକୁଥିଲେ। କାରଣ ସେ ଥିଲେ ସବୁ ଅବହେଳିତ ପିଲାଙ୍କ ମା'। ପିଲାଙ୍କ ସେବା ଥିଲା ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ। ସମ୍ମାନିତ ଅତିଥି ବେଲଜିୟମର ଡ. ଭାଲେଣ୍ଟାଇନ ଦିବ୍ୟାଙ୍ଗ ପିଲାମାନଙ୍କ ମଙ୍ଗଳ ପାଇଁ ଇନ୍ଦରଜିତ୍ ଦେବଦୂତ ସାଜି ଆସିଥିଲେ ବୋଲି କହିଥିଲେ। ଏହି ଅବସରରେ ଇନ୍ଦରଜିତ୍ଙ୍କ ସାଧନା ଓ କାର୍ଯ୍ୟ ଉପରେ ଲିଖିତ ପୁସ୍ତିକା 'ପ୍ଲାଟଫର୍ମ ଦିଦି' ଉନ୍ମୋଚନ ହୋଇଥିଲା। ଉତ୍ସବରେ ରୁଚିକାର ସଭାପତି ପ୍ରଫେସର ସବିତା ମହାନ୍ତି ସଭାପତିତ୍ୱ କରିଥିଲେ। ସମ୍ପାଦକ ଉମା ଶଙ୍କର ଷଡ଼ଙ୍ଗୀ ଅତିଥିଙ୍କୁ ସ୍ୱାଗତ ଏବଂ ଉପସଭାପତି ଗୌରଙ୍ଗ ଚରଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ହେମନ୍ତ ସାହୁ, ରାମେଶ୍ୱରୀ ପ୍ରସାଦ ଦ୍ୱିବେଦୀ, ଡ. ବେଣୁଧର ସେନାପତି ଏବଂ ରୁଚିକାର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଧାନସଭା ଅଧିବେଶନ ପାଇଁ ଟ୍ରାଫିକ୍ କଟକଣା

ଭୁବନେଶ୍ୱର,୨୪।୧୧(ସତ୍ୟଜିତ ରାଉତ)

ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ନଭେମ୍ବର ୨୭ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ହେବାକୁ ଯାଉଛି। ଏଥିପାଇଁ ବିଧାନସଭା ସଂଲଗ୍ନ ରାସ୍ତାଗୁଡ଼ିକରେ ଯାନବାହନ କଟକଣା ଲାଗୁ କରାଯାଇଛି। ଏନେଇ ସୋମବାର କମିଶନରେଟ୍ ପୋଲିସ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କଟକଣା ଅନୁଯାୟୀ, ହାଉସିଂ ବୋର୍ଡ ଛକ ପାର୍ଶ୍ୱରୁ ରବୀନ୍ଦ୍ରମଣ୍ଡପ ଆଡ଼କୁ ଆସୁଥିବା ସମସ୍ତ ଯାନବାହନ କେଶରୀ ଟକିଜ୍ ଠାରୁ ବାମପାର୍ଶ୍ୱରେ ଥିବା ରାସ୍ତା ଦେଇ ନିଜ ଗନ୍ତବ୍ୟସ୍ଥଳକୁ ଯାଇପାରିବେ। ସେହିପରି ଏଜି ଛକ ପାର୍ଶ୍ୱରୁ ପିଏମ୍ଜି ଛକ ଆଡ଼କୁ ଆସୁଥିବା ସବୁ ଗାଡ଼ି ଜୟଦେବ ଭବନ ପାଖ ଡାହାଣ ପାର୍ଶ୍ୱରେ ଥିବା ଇନ୍ଦିରା ଗାନ୍ଧୀ ପାର୍କ ରାସ୍ତା ଦେଇ ଯିବ। ମାଷ୍ଟରକ୍ୟାଣ୍ଟିନ୍ ଛକ ପାର୍ଶ୍ୱରୁ ପିଏମ୍ଜି ଛକ ଆଡ଼କୁ ଆସୁଥିବା ସବୁ ଗାଡି ଲୋୟର ପିଏମ୍ଜି ଛକଠାରୁ ବାମ କିମ୍ବା ଡାହାଣ ପାର୍ଶ୍ୱ ରାସ୍ତା ଦେଇ ଯାଇପାରିବ। ୧୨୦ ବାଟାଲିୟନ ଛକ ପାର୍ଶ୍ୱରୁ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଯିବାକୁ ଥିବା ଗାଡ଼ିଗୁଡ଼ିକ ପାୱାର ହାଉସ ଛକ ଦେଇ ଯିବ। ରାଜଭବନ ଛକ ପାର୍ଶ୍ୱରୁ ଏମ୍ଏଲ୍ଏ କଲୋନୀ ଏବଂ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଯିବାକୁ ଥିବା ଗାଡ଼ିଗୁଡିକ ଶାସ୍ତ୍ରୀ ନଗର ଛକ ଦେଇ ଯିବ। ଏହି କଟକଣା ଜରୁରୀକାଳୀନ କାର୍ଯ୍ୟରେ ନିୟୋଜିତ ଥିବା ପୋଲିସ, ଅଗ୍ନିଶମ, ଆମ୍ବୁଲାନ୍ସ ଏବଂ ବିଧାନସଭା, ସଚିବାଳୟ ଓ ଅନ୍ୟାନ୍ୟ ସରକାରୀ ଅଫିସକୁ ଯାଉଥିବା ଯାନବାହନ ପାଇଁ ଲାଗୁହେବ ନାହିଁ ବୋଲି କୁହାଯାଇଛି।

## ସରକାର ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରନ୍ତୁ: ଓସେପା ସଂଘ

ଭୁବନେଶ୍ୱର,୨୪।୧୧(ସୁଚିସ୍ମିତା ସାହୁ)

ରାଜ୍ୟରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଅଧୀନରେ କାର୍ଯ୍ୟରତ ଏକ ହଜାର କର୍ମଚାରୀଙ୍କ ଜୀବନଜୀବିକାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରନ୍ତୁ ବୋଲି ଓସେପା କର୍ମଚାରୀ ସେବା ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘର ଉପସଭାପତି ସଂଗ୍ରାମ କେଶରୀ ପୃଷ୍ଟି ଏବଂ ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ମିଶ୍ର କହିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓସେପା କର୍ମଚାରୀମାନେ ଦୀର୍ଘ ୨୯ ବର୍ଷ ଧରି ଉତ୍ସର୍ଗୀକୃତ ସେବା ପ୍ରଦାନ କରିଆସୁଛନ୍ତି। ହେଲେ ୨୯ ବର୍ଷ ଧରି ଉତ୍ସର୍ଗୀକୃତ ସେବା ସତ୍ତ୍ୱେ ସରକାର କର୍ମଚାରୀଙ୍କ ଚାକିରି ସୁରକ୍ଷା ଦିଗରେ କର୍ଣ୍ଣପାତ କରୁନାହାନ୍ତି। ପୃଷ୍ଟି କହିଛନ୍ତି ଯେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଅନୁଯାୟୀ ଓସେପା କର୍ମଚାରୀମାନଙ୍କ କ୍ୟାରିୟର ଆଡଭାନ୍ସ ପଲିସିକୁ ନିର୍ଦ୍ଧାରଣ କରିବା ପାଇଁ ଏକ କମିଟି ଗଠନ ହୋଇଥିଲା। ଏହାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଥିଲା। କିନ୍ତୁ ପରିତାପର ବିଷୟ ୨୦୧୯ରେ କୌଣସି କାରଣ ନ ଥାଇ ତତ୍କାଳୀନ ସରକାର ହଠାତ୍ କର୍ମଚାରୀଙ୍କ ଦରମାକୁ ଫ୍ରିଜ୍ କରିଦେଇଥିଲେ। ଏହା ବିରୋଧରେ କର୍ମଚାରୀ ସେବା ସଂଘ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲା। ୨୦୧୯ରେ ଉଚ୍ଚ ନ୍ୟାୟାଳୟଉକ୍ତ ମାମଲାର ବିଚାର କରି ଏହାକୁ ପ୍ରତ୍ୟାହାର କରିନେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ୬ ବର୍ଷ ପରେ ବି ତାହା ପ୍ରତ୍ୟାହାର କରାଯାଇନାହିଁ। ଫଳରେ କର୍ମଚାରୀମାନେ ତାଙ୍କ ହକ୍‌ରୁ ବଞ୍ଚିତ ହେଉଛନ୍ତି। ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଶତାଧିକ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ପୃଷ୍ଟି ଦାବି କରିଛନ୍ତି।

## ପୀଡ଼ିତାଙ୍କୁ ଭେଟିଲେ ଶିଶୁ ଅଧିକାର ସୁରକ୍ଷା ଆୟୋଗ

### ନିଖୋଜ ନାବାଳିକା ମେଡିକାଲରୁ ଉଦ୍ଧାର ଘଟଣା

ଭୁବନେଶ୍ୱର, ୨୪।୧୧(ତ୍ରିନାଥ ମହାନ୍ତି)

ଖୋର୍ଦ୍ଧା ବାଘମାରି ନିଖୋଜ ନାବାଳିକା ମେଡିକାଲରୁ ଉଦ୍ଧାର ଘଟଣାରେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୋମବାର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୀଡ଼ିତାଙ୍କୁ ଅଧ୍ୟକ୍ଷା ବବିତା ପାତ୍ର ଏବଂ ୨ଜଣ ସଦସ୍ୟା ଭେଟିଛନ୍ତି। ସେମାନେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଭେଟିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ଅଧ୍ୟକ୍ଷା କହିଛନ୍ତି ଯେ, ପୀଡିତାଙ୍କ ବୟସ ୧୬ ବର୍ଷ ହେବ। ସଖି ସେଣ୍ଟରରେ ତାଙ୍କ ଚିକିତ୍ସା ଚାଲିଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ଠିକ ରହିଛି। ସୋସିଆଲ ମିଡିଆ ଜରିଆରେ ଜଣେ ଯୁବକଙ୍କ ସହ ପୀଡ଼ିତାଙ୍କ ସମ୍ପର୍କ ରହିଥିଲା। ଉକ୍ତ ଯୁବକ ଜଣକ ପୀଡ଼ିତାଙ୍କୁ ଡାକିଥିଲେ। ସେ ଆସିବା ପରେ ତାଙ୍କୁ କାରରେ ବସିବାକୁ କହିଥିଲେ। ହେଲେ କାର୍‌ରେ ତାଙ୍କର ୪ଜଣ ସାଙ୍ଗ ଖରାପ ବ୍ୟବହାର କରିଥିଲେ। ତାଙ୍କୁ ନିଶା ଦେଇ ଅଚେତ କରିଦେଇଥିଲେ। ଚେତା ଫେରିବା ପରେ ସେ ହସ୍ପିଟାଲରେ ଥିବା ଦେଖିବାକୁ ପାଇଥିଲେ। ପୀଡ଼ିତାଙ୍କ ବୟାନ ଅନୁସାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଅନ୍‌ଲାଇନରେ ଅଚିହ୍ନା ଯୁବକଙ୍କ ସହ ସମ୍ପର୍କ ନ ରଖିବା ପାଇଁ ଅଧ୍ୟକ୍ଷା ନିବେଦନ କରିଛନ୍ତି। ସେପଟେ ନିଜ ଆଡୁ ମାମଲା ରୁଜୁ କରି ପୋଲିସକୁ ତଥ୍ୟ ମାଗାଯାଇଛି। ଖୁବ୍ ଶୀଘ୍ର ତାଙ୍କୁ ନ୍ୟାୟ ମିଳିବ ବୋଲି ଅଧ୍ୟକ୍ଷା ପାତ୍ର କହିଛନ୍ତି।

## ଲୋକସେବା ଭବନରୁ ଚୋରି

ଭୁବନେଶ୍ୱର,୨୪।୧୧(ତ୍ରିନାଥ ମହାନ୍ତି): ଲୋକସେବା ଭବନରେ ମାତିଛନ୍ତି ଏସି ଚୋର। ଲୋକ ସେବା ଭିତରକୁ ଯେପରି କେହି ଯାଇ ନ ପାରିବେ, ସେଥିଲାଗି ହାଇସିକ୍ୟୁରିଟି ବ୍ୟବସ୍ଥା କରାଯାଇଛି। ସିକ୍ୟୁରିଟ୍ ଗାର୍ଡ ୨୪ ଘଣ୍ଟା ଜଗି ରହିବା ସହ ବିଲ୍ଡିଂ ଚାରିପଟେ ସିସିଟିଭି ଲାଗିଛି। ହେଲେ ଏହା ଭିତରେ ଚୋର ପଶି ଚୋରି କରୁଛନ୍ତି। ଗତ କିଛି ମାସ ହେବ ଲୋକସେବା ଭବନରୁ ନିୟମିତ ଭାବେ ଏସି ଚୋରି ହେଉଛି। ବିଭିନ୍ନ ବିଭାଗରୁ ୧୦ରୁ ଅଧିକ ଏସି ଚୋରି ହୋଇଥିବା କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଛି। ବିଭାଗର ଅନୁସଚିବ ପରୀକ୍ଷିତ ଭୋଇ ଦୁଇଟି ଏସି ଚୋରି ହୋଇଥିବା ନେଇ ସୋମବାର କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ଖୋଳତାଡ଼ ଆରମ୍ଭ କରିଛି ପୋଲିସ। ଭବନ ଚାରିପଟେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ଚୋରଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବାସୁ



@ ପ୍ରକାଶ



@ ଅଶୋକ



@ ତ୍ରିଲୋଚନ



@ ସୌମ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



## e-Procurement Notice for Road and Building Works

No.O-1495 **Identification No. 08 SERW BLS 2025-26**

1. Name of the Work :- Roads and Buildings.
2. Total No. of Works :- 4 Nos.
3. Estimated Cost :- Estimated Cost Rs.10.068 to Rs.62.834 lakh.
4. Class of Contractor :- 'D', 'C' & 'B' Class.
5. Time of Completion: :- 3 Month (Three Calendar Month).
6. Other Details :-

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 08 SERW BLS 2025-26 | 24.11.2025 at 11.00 A.M. | 03.12.2025 up to 5.00 P.M. | 03.12.2025 up to 1.00 P.M. | 04.12.2025 at 11.00 A.M. |

Further details can be seen from the website: www.tendersodisha.gov.in
OIPR- **Sd./- Superintending Engineer, R.W. Division, Balasore**

## GOVERNMENT OF ODISHA
No.O-1512:
### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK
e-mail : serw_ctc@yahoo.com
No.Tender Online RWC-26/2025 4268 Letter No.17.11.2025
### e-Procurement Notice

1. Name of the work : Construction of **Road & Bridge** Works
2. Class of Contractor :
   c) Estimated Cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated Cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated Cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time for Completion : As specified in the **Column-7 of the Annexure**.
4. Detail Projects : **As per Annexure attached**
5. Other Details

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC-26/25 | 24.11.2025 at 11.30 AM | 08.12.2025 upto 05.00 PM | 08.12.2025 upto 02.00 P.M. | 09.12.2025 at 11.30 AM | Will be intimated later |

Further details can be seen from the website **www.tendersodisha.gov.in.**
OIPR- **Sd./- Chief Construction Engineer, Rural Works Circle, Cuttack**

## GOVERNMENT OF ODISHA
No.A-947
### DEPARTMENT OF WATER RESOURCES
### O/o THE CHIEF ENGINEER AND BASIN MANAGER,
**MAHANADI BASIN, AT-BURLA, DISTRICT-SAMBALPUR, PIN-768017**
E-mail Id - cebmumbburla@gmail.com
**'e' Procurement Notice No-CE & BM-MB-32/2025-2026 (Online)**
**BID IDENTIFICATION NO-CE & BM-MB-32/2025-2026 (Online)**

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project (Attabira Canal Section,Burla Irrigation Division, Burla) |
| 2 | No of works | : | One (01) number |
| 3 | Class of contractor | : | "Special" and "Super Class" |
| 4 | Bid Identification No | : | CE&BM-MB-32/2025-2026 (Online) |
| 5 | Estimated cost | : | Rs.28.16 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 26.11.2025 at 11.30 A.M. to Dated - 17.12.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 17.12.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 18.12.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

**Sd./- Chief Engineer & Basin Manager, Mahanadi Basin, Burla**
OIPR-

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LTD.
OPTCL Lifeline of Odisha
(A Govt. of Odisha Undertaking)
### OFFICE OF THE SUB-DIVISIONAL OFFICER (ELECTRICAL) EHT (O&M) SUB-DIVISION, SAMUKA
**At-Girala, Po: Goruala, Dist: Puri-752002**
**Mob:9438907946, E-mail: grid.ss.smuka@optcl.co.in**

**Letter No.208** **Dated:17.11.2025**
**To**
**The EE (Elect.) TPCODL, PED, Puri**
**Sub: Regarding Rescheduling of Annual Maintenance of 132/33KV Grid S/S, Shamuka on 25th November -25.**
**Ref- Office Letter No.TB-SO-MISC-02/2014(Vol-I)/58, dtd.04.09.25 of CGM (O&M) OPTCL, BBSR**
**Sir,**

With reference to the above cited subject & reference, it is to intimate that Annual Maintenance of 132/33 KV Grid Sub-Station, Shamuka will be taken up as per the schedule furnished below. So you are requested to intimate the same to all domestic, industrial, Govt. Office and public institute consumers well in advance with proper advertisement.

| Sl. No. | Description of shutdown | Date | Duration | Remarks |
|---|---|---|---|---|
| 1 | 132/33KV Switch yard of Grid Sub-Station, Shamuka | 25.11.25 | 08.00 hrs to 17.00 hrs | There will be "NO POWER SUPPLY" (33KV Alarnath, Charinala, Samanga & Baliapanda-I outgoing feeders of TPCODL from Shamuka grid S/S |

This is for favor of your kind information & necessary action.

**Yours faithfully**
**Sd./- Sub-Divisional Officer (Elect)**
**132/33KV. Grid. S/S, Shamuka**

## NOTICE INVITING BID
## Odisha State Medical Corporation Limited (OSMCL)
**In front of Ram Mandir, Convent Square, Unit – III, Bhubaneswar -751 001**
**Tel. : (0674) 2380950, Website : www.osmcl.nic.in , Email : drugs-osmcl@od.gov.in**
**Bid Ref. No.: OSMCL/2025-26/Factor/08** **Date: 24/11/2025**

**No. CAD-2425:- Online Bids** through **e-Tender portal** (https://tendersodisha.gov.in) are invited from eligible bidders for **supply of inj. Factor VIII (EHL & VWF) for the year 2025-26 as per the particulars mentioned below.**

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | **24.11.2025, 3 PM** | |
| 2. | Date & time for submission of queries by E-Mail id- drugs-osmcl@od.gov.in | **25.11.2025, up to 5.00 PM** | |
| 3. | Date & time of Online bid submission | Start Date & Time **26.11.2025, 3 PM** | End Date & Time **05.12.2025, 6.00 PM** |
| 4. | Date & time for submission of Tender Documents, Tender Document Fee and EMD amount as per Section-IV of tender document | Start Date & Time **06.12.2025, 10 AM** | End Date & Time **12.12.2025, 11.00 AM** |
| 5. | Date and time of online Technical bid opening | **12.12.2025, 11.30 AM** | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the website: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof. All notice will be published in the OSMCL website www.osmcl.nic.in. Hence the bidders are requested to visit OSMCL website www.osmcl.nic.in time to time for any published notice against the tender.

OIPR- **Sd./- Managing Director, OSMC Ltd., Odisha**

**ବସ୍ତିର ୩୫ ପରିବାରକୁ ଶୀତବସ୍ତ୍ର ବଣ୍ଟନ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକର ପଞ୍ଚାୟତ ଅଧୀନ ସବଳପୁର ଗ୍ରାମର ଜନଜାତି ବସ୍ତିରେ ରବିବାର ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର ମନୋଜ କୁମାର ନାୟକଙ୍କ ଉପସ୍ଥିତିରେ ବସ୍ତିର ପ୍ରାୟ ୩୫ପରିବାରକୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏଥିସହ କୁନି କୁନି ପିଲାଙ୍କୁ ଶୁଖିଲା ଖାଦ୍ୟ ମଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାହାଯ୍ୟର କରିଥିଲେ ବେଣ୍ଟକର ଓ ଝାରକଟା ପଞ୍ଚାୟତ ସମିତି ସଭ୍ୟ ବିନୋଦ ବେହେରା ଓ ଜୟନ୍ତ ଦାସ। ସଙ୍ଗଠନର ବରିଷ୍ଠ କର୍ମୀ ଉଦୟ ସାସମଲ, ଆନନ୍ଦ ଦେବତା, ପ୍ରସନ୍ନ ବେହେରା, ଆନନ୍ଦ ବେହେରା, ପ୍ରକାଶ ମାଝୀ, ଆଶିଷ ମହାନ୍ତି, ବିଶାଳ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ

# ଡିସେମ୍ବର ୨୬ରୁ ଧାନ ସଂଗ୍ରହ

କଟକ,୨୪।୧୧(କାର୍ତ୍ତିକ ସାହୁ)



ବୈଠକରେ ଉପସ୍ଥିତ ଜିଲାପାଳ, ଏମ୍‌ପି, ବିଧାୟକ ଏବଂ ଅନ୍ୟମାନେ।

କଟକ ଜିଲାର ଖରିଫ ଧାନ ସଂଗ୍ରହ ପାଇଁ କାର୍ଯ୍ୟପନ୍ଥା ସ୍ଥିର ହୋଇଛି। ଜିଲାରେ ୨୨୧ଟି ପ୍ରାଥମିକ କୃଷି ସମବାୟ ସମିତି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ମୋଟ ୨୪୪ଟି ଧାନ ସଂଗ୍ରହ କେନ୍ଦ୍ର ଦ୍ୱାରା ଧାନ ସଂଗ୍ରହ କରାଯିବ। ଚଳିତ ଖରିଫ ଋତୁ ପାଇଁ ଏପର୍ଯ୍ୟନ୍ତ ୭୩୭୯୦ଜଣ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୬୯୫୦୭ ଚାଷୀଙ୍କ ଯାଞ୍ଚ ପ୍ରକ୍ରିୟା ସମାପ୍ତ ହୋଇଛି। ଚଳିତ ଖରିଫ ଋତୁ ପାଇଁ ଡିସେମ୍ବର ୨୬ରୁ ଧାନ ସଂଗ୍ରହ ଆରମ୍ଭ କରାଯିବ ଏବଂ ଜାନୁଆରୀ ୭ ପର୍ଯ୍ୟନ୍ତ ଏହା ଚାଲିବ। ଏଥର ପୂର୍ବାପେକ୍ଷା ଅଧିକ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଚନ୍ଦ୍ର ଶେଖର ପାତ୍ର ସୂଚନା ଦେଇଛନ୍ତି।

କଟକ ଜିଲାରେ ସୁରୁଖୁରୁରେ ତଥା ସ୍ୱଚ୍ଛତାର ସହ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ସୋମବାର ଅପରାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ କେତେକ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶୃଙ୍ଖଳାର ସହ ଧାନ ସଂଗ୍ରହ ନିମନ୍ତେ ଚାଷୀମାନଙ୍କ ସମସ୍ତ ସୁବିଧାକୁ ଗୁରୁତ୍ୱ ଦେଇ ଆଗାମୀ ଦିନରେ ପର୍ଯ୍ୟବେକ୍ଷକ ତଥା ନିୟୋଜିତ ହୋଇଥିବା ନୋଡାଲ ଅଧିକାରୀମାନେ ମଣ୍ଡିଗୁଡ଼ିକୁ ବାରମ୍ବାର ଗସ୍ତ କରିବେ। ଚଳିତବର୍ଷ ନୂତନ ବ୍ୟବସ୍ଥା ଅବଲମ୍ବନ ହେଉଥିବାରୁ ମଣ୍ଡିଗୁଡ଼ିକରେ ବ୍ୟବସ୍ଥାକୁ ସୁଦୃଢ଼ କରିବା ତଥା ସମାନତା ରକ୍ଷା ପୂର୍ବକ ସମସ୍ତ ଚାଷୀଙ୍କଠାରୁ ଧାନ ସଂଗ୍ରହ, ଆସାଧୁ ବେପାରୀଙ୍କ କବଳରୁ ଚାଷୀମାନଙ୍କୁ ମୁକ୍ତ କରି ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯିବ।

ଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ନିଆଳି ବିଧାୟକ ଛବି ମଲ୍ଲିକ ପ୍ରମୁଖ ନିଜ ଅଞ୍ଚଳରେ ଧାନ ବିକ୍ରୟ ନିମନ୍ତେ ଚାଷୀମାନଙ୍କ ବିଶେଷ ସୁବିଧା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଚାଷୀମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୋଇ ମଣ୍ଡିରେ ଧାନ ବିକ୍ରୟ କରିପାରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲାପାଳ ଡ. ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, କଟକ ସଦର ଉପ-ଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ଓ କୃଷି ଅଧିକାରୀ ଓ କର୍ମଚାରୀଙ୍କ ସମେତ ସମସ୍ତ ଉପଖଣ୍ଡର ଡିଆର୍‌ସିଏସ୍, ଏଆର୍‌ସିଏସ୍, ନିୟନ୍ତ୍ରଣ ବଜାର କମିଟି ସମ୍ପାଦକମାନେ ଯୋଗଦେଇଥିଲେ।

## ଏସ୍‌ସିବିରେ ଅସଦାଚରଣ ଶିକାର ହୋଇଥିବା ଯୁବତୀ ମୃତ

### ବିଷପିଇ ଆଇସିୟୁରେ ଭର୍ତ୍ତି ହୋଇଥିଲେ

କଟକ,୨୪।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ମେଡିସିନ ଆଇସିୟୁରେ ଅସଦାଚରଣର ଶିକାର ହୋଇଥିବା ଯୁବତୀଙ୍କ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସୋମବାର ଏସ୍‌ସିବିରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଯୁବତୀ ବିଷ ପିଇଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନାଥାଉକି, ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ଜଣେ ୨୩ ବର୍ଷୀୟା ଯୁବତୀ ବିଷ ପିଇ ଦେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏସ୍‌ସିବି ମେଡିକାଲର ମେଡିସିନ ବିଭାଗ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଉକ୍ତ ଆଇସିୟୁରେ ଯାଜପୁର ଅଞ୍ଚଳର ମାନସ ରଞ୍ଜନ ପତି ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ ରବିବାର ବିଳମ୍ବିତ ରାତିରେ ଆଇସିୟୁରୁ ଡାକ୍ତର ଯିବା ପରେ ମାନସ ମଦ୍ୟପାନ କରି ଯୁବତୀଙ୍କ ସାଲାଇନ ବୋତଲ କାଢ଼ିବା ଆଳରେ ଅସଦାଚରଣ କରିଥିଲେ। ଚେତା ଆସିବା ପରେ ଯୁବତୀ ଏ ବିଷୟରେ ପରିବାର ଲୋକଙ୍କୁ ଜଣାଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ମଙ୍ଗଳାବାଗ ଥାନାରେ ଯୁବତୀଙ୍କ ପରିବାର ଲୋକେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିଲା।

## ତୀର୍ଥ ଦର୍ଶନରେ ଗଲେ ୧୯୭ ବରିଷ୍ଠ ନାଗରିକ


ପତାକା ଦେଖାଇ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରାଯାଉଛି।

କଟକ,୨୪।୧୧(କାର୍ତ୍ତିକ ସାହୁ)

ବରିଷ୍ଠ ନାଗରିକମାନଙ୍କୁ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ କଟକ ଜିଲାର ବିଭିନ୍ନ ବ୍ଲକରୁ ୧୯୭ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଯାଇଛନ୍ତି। ବରିଷ୍ଠ ନାଗରିକମାନେ ଉଜ୍ଜୟିନୀ ଓ ଓଁକାରେଶ୍ୱର ଦର୍ଶନରେ ଯିବା ପାଇଁ ୫ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ସୋମବାର ଯାତ୍ରା ଆରମ୍ଭ କରିଛନ୍ତି। କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଜିଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ କଟକ ଜିଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଛନ୍ତି। ସକାଳ ୯ଟାରୁ ଜିଲାପାଳଙ୍କ ସଦଭାବନା ଗୃହଠାରେ ତୀର୍ଥଯାତ୍ରୀମାନଙ୍କ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ସେଠାରେ ସେମାନଙ୍କ ଆବଶ୍ୟକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅପରାହ୍ନ ୩.୩୦ ସମୟରେ ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଥିଲେ। ତୀର୍ଥଯାତ୍ରୀମାନେ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଭୁବନେଶ୍ୱରରୁ ମଙ୍ଗଳବାର ଉଜ୍ଜୟିନୀ ଏବଂ ଓଁକାରେଶ୍ୱର ଅଭିମୁଖେ ଯାତ୍ରା କରିବେ। ତୀର୍ଥଯାତ୍ରୀଙ୍କ ସହ କଟକ ଜିଲାର ୬ଜଣ ଏସକର୍ଟ ଅଫିସର ଯାତ୍ରା କରୁଛନ୍ତି।

## ୪୦ ଅଭିଯୋଗର ଶୁଣାଣି କଲେ ଜିଲାପାଳ


କଟକ ସଦର ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜନଶୁଣାଣି ଶିବିର।

### କଟକ ସଦର ବ୍ଲକରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

କଟକ ସଦର,୨୪।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଉପସ୍ଥିତ ରହି ୪୦ଟି ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରେ ୩୮ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨ଟି ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ୧୦ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଅବସରରେ ରେଡକ୍ରସ ପାଣ୍ଠିରୁ ସହାୟତା ଗୋଟିଏ, ଭିନ୍ନକ୍ଷମ ଭତ୍ତା ୩ଟି, ଅନ୍ୟାନ୍ୟ ୨ଟି ନିମନ୍ତେ ଆବେଦନ ଗ୍ରହଣ କରାଯାଇଥିଲା। ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ ଶିବୋ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକ ଡିସିପି ଋଷିକେଶ ଖିଲାରୀ ଦ୍ୟାନଦେଓ, ବିଡିଓ ପ୍ରତୀକ ସାହୁ, କିଶନ ନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ, କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପାନୀୟ ଜଳ ପ୍ରକଳ୍ପର ବିଦ୍ୟୁତ୍ ସଂଯୋଗ ନ କାଟିବାକୁ ପରମହଂସ ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ପାତ୍ର ଅଭିଯୋଗ କରିଥିଲେ।

ପରମହଂସସ୍ଥିତ ହଂସନାଥ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ଜାଲ୍ ସାର୍ଟିଫିକେଟ ପ୍ରଦାନ ଘଟଣାର ତଦନ୍ତରେ ବିଳମ୍ବ ହେଉଥିବା ସମ୍ପର୍କରେ ଅଭିଯୋଗ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କୁ ରିପୋର୍ଟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ଓଏସ୍‌ଏମ୍‌ସିଏଲ୍ ବନ୍ଦୋବସ୍ତ କଲା ପିଡି ଫ୍ଲୁଇଡ୍

### ଏସ୍‌ସିବିରେ ପିଡି ଫ୍ଲୁଇଡ୍ ନ ମିଳିବା ଘଟଣା

■ଉଦ୍‌ବେଗ ପ୍ରକାଶ କଲା ସ୍ୱାସ୍ଥ୍ୟ ବିଭାଗ

କଟକ,୨୪।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ଗତ ୨ ମାସ ହେବ କିଡ୍‌ନୀ ରୋଗୀଙ୍କୁ ପିଡି ଫ୍ଲୁଇଡ୍ ନ ମିଳିବାରୁ ଡାଏଲିସିସ ବନ୍ଦ ରହିବା ଘଟଣା ଖବର ପ୍ରକାଶ ହେବା ପରେ ଏଦିଗରେ ବାଟ ଫିଟିଛି। ସ୍ୱାସ୍ଥ୍ୟ ବିଭାଗ ଘଟଣା ନେଇ ଉଦ୍‌ବେଗ ପ୍ରକାଶ କରିଥିବାବେଳେ ଓଡ଼ିଶା ଷ୍ଟେଟ ମେଡିକାଲ କର୍ପୋରେଶନ (ଓଏସ୍‌ଏମ୍‌ସିଏଲ୍)ର ବରିଷ୍ଠ ଅଧିକାରୀ ସୋମବାର ଏସ୍‌ସିବି କର୍ତ୍ତୃପକ୍ଷଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ସ୍ୱାସ୍ଥ୍ୟ ସେବାକୁ ସ୍ୱାଭାବିକ କରିବା ପାଇଁ ଓଏସ୍‌ଏମ୍‌ସିଏଲ୍ ପଦକ୍ଷେପ ନେଇଛି। କୋଲକାତାରୁ ପିଡି ଫ୍ଲୁଇଡ୍ ମଗାଯାଇଛି, ଯାହା ମଙ୍ଗଳବାର ପହଞ୍ଚିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପିଡି ଫ୍ଲୁଇଡ୍ କିଣିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଅର୍ଥ ମଞ୍ଜୁର କରେ। ଏକବର୍ଷ ପାଇଁ ଅଗ୍ରିମ ଟଙ୍କା ଯୋଗାଇ ଦିଆଯାଏ। ତେବେ ଏହି ଟଙ୍କା ଠିକ ଉପାୟରେ ବିନିଯୋଗ ହୋଇ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି ଆଲୋଚନା ଜୋର୍ ଧରିଛି। ସୂଚନା ଅନୁଯାୟୀ, ଏସ୍‌ସିବିରେ ପ୍ରାୟ ୯୦ ଜଣ କିଡ୍‌ନୀ ରୋଗୀ ଡାଏଲିସିସ ଅପେକ୍ଷାରେ ଗୁରୁତର ଅବସ୍ଥାରେ ରହିଛନ୍ତି। ଏଭଳି ସ୍ଥିତି କେବଳ ପିଡି ଫ୍ଲୁଇଡ୍ ନ ଥିବାରୁ ଉପୁଜିଛି। ପ୍ରାୟ ୨୧ଜଣ ରୋଗୀ ଓ ତାଙ୍କ ସମ୍ପର୍କୀୟ ମେଡିକାଲ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିବା ସହ ରାଜ୍ୟ ସରକାରଙ୍କୁ ଏଥିପ୍ରତି ଧ୍ୟାନ ଦେବାକୁ ନିବେଦନ କରିଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଓଏସ୍‌ଏମ୍‌ସିଏଲ୍ ପକ୍ଷରୁ ଘଟଣାକୁ ଗୁରୁତର ଭାବେ ନିଆଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବାସୁ


@ ପ୍ରକାଶ


@ ଅଶୋକ


@ ତ୍ରିଲୋଚନ


@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କାର୍‌କୁ ପଛପଟୁ ଧକ୍କା ଦେଲା କାର୍

ଫୁଲନଖରା, ୨୪।୧୧ (ସତ୍ୟରଞ୍ଜନ ଦାସମହାପାତ୍ର) କଟକ-ଭୁବନେଶ୍ୱର ଜାତୀୟ ରାଜପଥର ଗ୍ରାଣ୍ଡ ବଜାର ନିକଟରେ ଗୋଟିଏ କାର୍ ଅନ୍ୟ ଏକ କାର୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଜାତୀୟ ରାଜପଥରେ ପ୍ରାୟ ୧ ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଘଟଣାସ୍ଥଳରେ ସଦର ଥାନା ଓ ଜାତୀୟ ରାଜପଥ ଟ୍ରାଫିକ ଥାନା ପୋଲିସ ପହଞ୍ଚି କ୍ରେନ୍ ମାଧ୍ୟମରେ ଦୁଇଟି ଗାଡିକୁ ରାସ୍ତାରୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନା ଅନୁଯାୟୀ ସୋମବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଭୁବନେଶ୍ୱରରୁ ଦୁଇଟି କାର୍ କଟକ ଅଭିମୁଖେ ଯାଉଥିଲା। ଗ୍ରାଣ୍ଡ ବଜାର ଛକ ନିକଟରେ ଗୋଟିଏ କାର୍ ପଛ ପଟକୁ ଅନ୍ୟ ଏକ କାର୍‌କୁ ଦ୍ରୁତ ଗତିରେ ଆସି ଧକ୍କା ଦେଇ ମଝି ରାସ୍ତାରେ ୨ଟି କାର୍ ରହି ଯାଇଥିଲା। ଦୁର୍ଘଟଣାରେ କେହି ଆହତ ହୋଇ ନ ଥିବା କଟକ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ କହିଛନ୍ତି।

**e-Procurement Notice for Road and Building Works**

No.O-1495 **Identification No. 08 SERW BLS 2025-26**

1. Name of the Work :- Roads and Buildings.
2. Total No. of Works :- 4 Nos.
3. Estimated Cost :- Estimated Cost Rs.10.068 to Rs.62.834 lakh.
4. Class of Contractor :- 'D', 'C' & 'B' Class.
5. Time of Completion: :- 3 Month (Three Calendar Month).
6. Other Details :-

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 08 SERW BLS 2025-26 | 24.11.2025 at 11.00 A.M. | 03.12.2025 up to 5.00 P.M. | 03.12.2025 up to 1.00 P.M. | 04.12.2025 at 11.00 A.M. |

Further details can be seen from the website: www.tendersodisha.gov.in
OIPR- **Sd./- Superintending Engineer, R.W. Division, Balasore**

GOVERNMENT OF ODISHA No.O-1512:
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK**
e-mail : serw_ctc@yahoo.com
No.Tender Online RWC-26/2025 4268 Letter No.17.11.2025
**e-Procurement Notice**

1. Name of the work : Construction of **Road & Bridge** Works
2. Class of Contractor :
   c) Estimated Cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated Cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated Cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time for Completion : As specified in the **Column-7 of the Annexure**.
4. Detail Projects : **As per Annexure attached**
5. Other Details

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC-26/25 | 24.11.2025 at 11.30 AM | 08.12.2025 upto 05.00 PM | 08.12.2025 upto 02.00 P.M. | 09.12.2025 at 11.30 AM | Will be intimated later |

Further details can be seen from the website **www.tendersodisha.gov.in.**
OIPR- **Sd./- Chief Construction Engineer, Rural Works Circle, Cuttack**

GOVERNMENT OF ODISHA No.A-947
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER,**
**MAHANADI BASIN, AT-BURLA, DISTRICT-SAMBALPUR, PIN-768017**
E-mail Id - cebmumbburla@gmail.com
**'e' Procurement Notice No-CE & BM-MB-32/2025-2026 (Online)**
**BID IDENTIFICATION NO-CE & BM-MB-32/2025-2026 (Online)**

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project (Attabira Canal Section,Burla Irrigation Division, Burla) |
| 2 | No of works | : | One (01) number |
| 3 | Class of contractor | : | "Special" and "Super Class" |
| 4 | Bid Identification No | : | CE&BM-MB-32/2025-2026 (Online) |
| 5 | Estimated cost | : | Rs.28.16 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 26.11.2025 at 11.30 A.M. to Dated - 17.12.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 17.12.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 18.12.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

OIPR- **Sd./- Chief Engineer & Basin Manager, Mahanadi Basin, Burla**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
(A Govt. of Odisha Undertaking)
**OFFICE OF THE SUB-DIVISIONAL OFFICER (ELECTRICAL)**
**EHT (O&M) SUB-DIVISION, SAMUKA**
At-Girala, Po: Goruala, Dist: Puri-752002
Mob:9438907946, E-mail: grid.ss.smuka@optcl.co.in
OPTCL Lifeline of Odisha

**Letter No.208** **Dated:17.11.2025**
To
The EE (Elect.) TPCODL, PED, Puri
Sub: Regarding Rescheduling of Annual Maintenance of 132/33KV Grid S/S, Shamuka on 25th November -25.
Ref- Office Letter No.TB-SO-MISC-02/2014(Vol-I)/58, dtd.04.09.25 of CGM (O&M) OPTCL, BBSR
Sir,
With reference to the above cited subject & reference, it is to intimate that Annual Maintenance of 132/33 KV Grid Sub-Station, Shamuka will be taken up as per the schedule furnished below. So you are requested to intimate the same to all domestic, industrial, Govt. Office and public institute consumers well in advance with proper advertisement.

| Sl. No. | Description of shutdown | Date | Duration | Remarks |
|---|---|---|---|---|
| 1 | 132/33KV Switch yard of Grid Sub-Station, Shamuka | 25.11.25 | 08.00 hrs to 17.00 hrs | There will be "NO POWER SUPPLY" (33KV Alarnath, Charinala, Samanga & Baliapanda-I outgoing feeders of TPCODL from Shamuka grid S/S |

This is for favor of your kind information & necessary action.
Yours faithfully
**Sd./- Sub-Divisional Officer (Elect)**
**132/33KV. Grid. S/S, Shamuka**

**NOTICE INVITING BID**
**Odisha State Medical Corporation Limited (OSMCL)**
In front of Ram Mandir, Convent Square, Unit – III, Bhubaneswar -751 001
Tel. : (0674) 2380950, Website : www.osmcl.nic.in , Email : drugs-osmcl@od.gov.in
**Bid Ref. No.: OSMCL/2025-26/Factor/08** **Date: 24/11/2025**

**No. CAD-2425:- Online Bids** through **e-Tender portal** (https://tendersodisha.gov.in) are invited from eligible bidders for **supply of inj. Factor VIII (EHL & VWF) for the year 2025-26 as per the particulars mentioned below.**

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 24.11.2025, 3 PM | |
| 2. | Date & time for submission of queries by E-Mail id- drugs-osmcl@od.gov.in | 25.11.2025, up to 5.00 PM | |
| 3. | Date & time of Online bid submission | Start Date & Time 26.11.2025, 3 PM | End Date & Time 05.12.2025, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per Section-IV of tender document | Start Date & Time 06.12.2025, 10 AM | End Date & Time 12.12.2025, 11.00 AM |
| 5. | Date and time of online Technical bid opening | 12.12.2025, 11.30 AM | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the website: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof. All notice will be published in the OSMCL website www.osmcl.nic.in. Hence the bidders are requested to visit OSMCL website www.osmcl.nic.in time to time for any published notice against the tender.
OIPR- **Sd./- Managing Director, OSMC Ltd., Odisha**

## ସଂକ୍ଷେପରେ

### ତୀର୍ଥଯାତ୍ରାରେ ଗଲେ ୧୬୯ ବରିଷ୍ଠ ନାଗରିକ

**ଖୋର୍ଦ୍ଧା,୨୪।୧୧(ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲା ସଂସ୍କୃତି କାର୍ଯ୍ୟାଳୟ ପରିସରରୁ ୧୬୯ ବରିଷ୍ଠ ନାଗରିକ ଉଜ୍ଜୟିନୀ ଏବଂ ଓଁକାରେଶ୍ୱର ତୀର୍ଥ ଭ୍ରମଣ ନିମନ୍ତେ ସ୍ୱତନ୍ତ୍ର ବସ୍‌ରେ ଭୁବନେଶ୍ୱର ଯାତ୍ରା କରିଛନ୍ତି। ମଙ୍ଗଳବାର ଭୁବନେଶ୍ୱର ରେଲୱେ ଷ୍ଟେଶନରୁ ସତନ୍ତ୍ର ଟ୍ରେନରେ ସେମାନେ ଉଜ୍ଜୟିନୀ ଏବଂ ଓଁକାରେଶ୍ୱର ତୀର୍ଥ ଭ୍ରମଣରେ ଯିବେ। ଜିଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା ସଂଯୋଜନା କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶାଫଲ୍ୟ ମଣ୍ଡିତ ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବରିଷ୍ଠ ନାଗରିକ ଆଧ୍ୟାତ୍ମିକତାର ଦିବ୍ୟ ଅନୁଭବ ନିମନ୍ତେ ସରକାରଙ୍କ ଏହା ଏକ ଅଭିନବ ଯୋଜନା। ଜାତୀୟ ସଂହତି, ଭାଷା ଆଦାନ ପ୍ରଦାନ ସଂସ୍କୃତି ବିତରଣରେ ପରିଚୟ ପ୍ରଦାନ କରିବ। ତୀର୍ଥଯାତ୍ରୀଙ୍କ ଯତ୍ନ ନେବାପାଇଁ ତଦାରଖ ଅଧିକାରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ନିଯୁକ୍ତି କରାଯାଇଛି। ତୀର୍ଥ ଯାତ୍ରୀମାନେ ୬ଦିନ ୫ରାତି ତୀର୍ଥ ଯାତ୍ରାରେ ଭ୍ରମଣ କରି ଆସନ୍ତା ୩୦ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି।

### ଚକୋଲେଟ ବାଣ୍ଟି ପଥଚାରୀଙ୍କୁ ସଚେତନ କଲେ

**ବେଗୁନିଆ,୨୪।୧୧(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ରବିବାର ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ନ୍ୟାଶନାଲ କ୍ୟାଡେଟ କ୍ରପ ବିଭାଗରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଏବଂ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଉଚ୍ଚ ବିଦ୍ୟାଳୟ ପରିସରରୁ ସେମାନେ ବିଭିନ୍ନ ସ୍ଲୋଗାନ ଦେଇ ଥାନା ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥରେ ଯାତାୟାତ କରୁଥିବା ପଥଚାରୀଙ୍କୁ ଚକୋଲେଟ ଦେଇ ସଡ଼କ ସୁରକ୍ଷା ଜୀବନ ରକ୍ଷା ଏବଂ ଦ୍ରୁତ ଗତି ମହାବିପତ୍ତି ସମ୍ପର୍କରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବେଗୁନିଆ ପୋଲିସ କର୍ମଚାରୀମାନେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସବଇନ୍‌ସ୍ପେକ୍ଟର ଉମାକାନ୍ତ ବେହେରା, ବକ୍ତାଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶିବ କୁମାର ମୁନି ଏବଂ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ମାନସ ରଞ୍ଜନ କର ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଏନ୍‌ସିସି ସମ୍ବନ୍ଧୀୟ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏନ୍‌ସିସି ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ନିଶାକୁ ନା କହିଲେ ସମାଜ ଶୃଙ୍ଖଳିତ ହେବ'

**ଖୋର୍ଦ୍ଧା,୨୪।୧୧(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ପକ୍ଷରୁ ନିଶାମୁକ୍ତ ସମାଜ ଏବଂ ପରିବାର ସଚେତନତା ବାର୍ତ୍ତା ଦିଆଯାଇଛି। ମଞ୍ଚର ଶତାଧିକ ସଦସ୍ୟ ଶ୍ରୀରାମନଗର ସ୍ଥିତ କାର୍ଯ୍ୟାଳୟ ଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ସହରବାସୀଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟାଳୟ ପରିସରରେ ସଦସ୍ୟମାନେ ନବକୃଷ୍ଣ ଚୌଧୁରୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ନିଶାମୁକ୍ତ ଓଡ଼ିଶା ଗଠନ ନିମନ୍ତେ ତାଙ୍କ



ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ପକ୍ଷରୁ ବାହାରିଥିବା ନିଶାମୁକ୍ତ ସମାଜ ସଚେତନତା ଶୋଭାଯାତ୍ରା।

ପ୍ରୟାସ ରାଜ୍ୟବାସୀଙ୍କ ପାଇଁ ଆଜି ବଡ଼ ଆହ୍ୱାନ ବୋଲି ସମ୍ପାଦକ ରାମଶଙ୍କର କହିଥିଲେ। ନିଶାକୁ ନା କହିଲେ ସମାଜ ଶୃଙ୍ଖଳିତ ହେବ। ମାଦକଦ୍ରବ୍ୟ ବିକ୍ରି ବନ୍ଦ ହେଲେ ନିଶାମୁକ୍ତ ସମାଜ ବାର୍ତ୍ତା ସଫଳ ହେବ। ନିଶା ଯୋଗୁ ଅନେକ ପରିବାର ଉଜୁଡ଼ିଗଲାଣି। ପରିବାର ଓ ସମାଜରେ ଅଶାନ୍ତିର ବାତାବରଣ, ଅସାମାଜିକ କାର୍ଯ୍ୟକଳାପ ବଢୁଛି। ସମାଜରେ ଅସ୍ଥିରତା, ବିଶୃଙ୍ଖଳା, ଆଇନ ଶୃଙ୍ଖଳା ବିଗିଡ଼ିବା ସହ ଯୁବ ସମାଜ ପଥଭ୍ରଷ୍ଟ ହେଉଛନ୍ତି ବୋଲି ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ଦାସ, ରବୀନ୍ଦ୍ର କୁମାର ସାହୁ, ହରମୋହନ ମହାପାତ୍ର, ନବୀନ ସାମନ୍ତସିଂହାର, ରତ୍ନାକର ରଣସିଂହ, ନବକିଶୋର ମହାପାତ୍ର, ଗଦାଧର ଗୋଚ୍ଛି, ଅଞ୍ଜନ କୁମାର ରାୟ, ବିପିନ ବିହାରୀ ମିଶ୍ର, ସତ୍ୟବ୍ରତ ଦାସ, ଗଗନ ବିହାରୀ ପାଣିଗ୍ରାହୀ, ମାୟାଧର ପ୍ରଧାନ, ବିଜୟ କୁମାର ପଣ୍ଡାଙ୍କ ସମେତ ଏକାଧିକ ସଦସ୍ୟ ଉପସ୍ଥିତ ଥିଲେ।



ଚିଲିକା ଭାଜପା ପକ୍ଷରୁ ସୋମବାର ଅନୁଷ୍ଠିତ ଏକତା ପଦଯାତ୍ରାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଏମ୍‌ପି ସମ୍ବିତ ପାତ୍ର ଏବଂ ଦଳୀୟ କର୍ମୀ।

### ଚିଲିକା ଭାଜପାର ଏକତା ପଦଯାତ୍ରା

**ବାଲୁଗାଁ/ବାଣପୁର,୨୪।୧୧**
**(ସଂଗ୍ରାମ ପାଇକରାୟ/ ଦିଲୀପ ସ୍ୱାଇଁ)**

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକତା ପଦଯାତ୍ରା ଗତ ୩୧ତାରିଖରୁ ନଭେମ୍ବର ୨୫ ପର୍ଯ୍ୟନ୍ତ ଚାଲିଛି। ଏହି ଅବସରରେ ସୋମବାର ଚିଲିକା ଭାଜପା ପକ୍ଷରୁ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ଉଚ୍ଚ ବିଦ୍ୟାଳୟଠାରୁ ଏହି ପଦଯାତ୍ରା ବାହାରି ଅଲାଇଡିହ ଛକ, ମା'ମେଘାମ୍ବରୀଙ୍କ ମନ୍ଦିର ଦେଇ ପ୍ରାୟ ୫ କି.ମି. ଅତିକ୍ରମ କରି ବାଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପହଞ୍ଚିଥିଲା। ଏଥିରେ ବହୁ ବିଦ୍ୟାଳୟର ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ଦଳୀୟ କର୍ମୀମାନେ ସାମିଲ ହୋଇ ଏକ ଭାରତ ଆତ୍ମନିର୍ଭର ଭାରତର ସ୍ଲୋଗାନ ଦେଇଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଏମ୍‌ପି ଡା.ସମ୍ବିତ ପାତ୍ର ଅତିଥିଭାବେ ଯୋଗଦେଇ ଦେଶ ସ୍ୱାଧୀନତା ସମୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଗଡ଼ଜାତ ଅଞ୍ଚଳକୁ ମିଶାଇ ଆଧୁନିକ ଭାରତ ବର୍ଷ ନିର୍ମାଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# 'ବରିଷ୍ଠ ନାଗରିକ ସମାଜର ଅମୂଲ୍ୟ ସମ୍ପଦ'

**ଜଟଣୀ,୨୪।୧୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରପରିଷଦ ଅନ୍ତର୍ଗତ ବରିଷ୍ଠ ନାଗରିକ ମଞ୍ଚର ଚତୁର୍ଦ୍ଦଶତମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଇଂ.ଭକ୍ତବନ୍ଧୁ ଚୌଧୁରୀଙ୍କ ଆବାହକତ୍ୱରେ ଅଗ୍ରୱାଲା ଧର୍ମଶାଳାଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ବରିଷ୍ଠ ମହାସଂଘର ପ୍ରତିଷ୍ଠାତା ତଥା ମୁଖ୍ୟ ଉପଦେଷ୍ଟା କୃପାସିନ୍ଧୁ ସାହୁ ଯୋଗଦେଇ ବରିଷ୍ଠ ନାଗରିକମାନେ ସମାଜର ଅମୂଲ୍ୟ ସମ୍ପଦ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ହେଲ୍ପ ଏଜ୍ ଇଣ୍ଡିଆ ଭୁବନେଶ୍ୱରର ଭାରତୀ ଚକ୍ର ଯୋଗଦେଇ ବରିଷ୍ଠମାନେ ସମୟାନୁବର୍ତ୍ତିତା ଅର୍ଥାତ୍ ଠିକ୍ ସମୟରେ ଖାଦ୍ୟ ଓ ଔଷଧ ଗ୍ରହଣ କରିବା ଉଚିତ। ବରିଷ୍ଠ ଓ ମହିଳାଙ୍କୁ ସମ୍ମାନ ଦେବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ସେହିପରି ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଲ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମଞ୍ଚର ମୁଖପତ୍ର 'ବରିଷ୍ଠ' ର ଉନ୍ମୋଚନ ହେବା ସହ ମଞ୍ଚ ସଭାପତି ଇଂ.ଭକ୍ତବନ୍ଧୁ ଚୌଧୁରୀଙ୍କ ରଚିତ ଗଳ୍ପ ସଙ୍କଳନ 'ଅପ୍ରିୟ ସତ୍ୟ' ପୁସ୍ତକ ଉନ୍ମୋଚନ ହୋଇଥିଲା। ପ୍ରହ୍ଲାଦ ସାହୁ, ବାମଦେବ ମିଶ୍ର, ନିରଞ୍ଜନ ମହାପାତ୍ର, ରାଧାମୋହନ ପଟ୍ଟନାୟକ, ପ୍ରହ୍ଲାଦ ଲେଙ୍କା, ପି.ଜଗନ୍ନାଥ ପଟ୍ଟନାୟକଙ୍କୁ ବରିଷ୍ଠ ସମ୍ମାନରେ ସମ୍ମାନିତ କରାଯିବା ସହିତ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଲଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉପସଭାପତି ସତ୍ୟବାଦୀ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରହ୍ଲାଦ ସ୍ୱାଇଁ, ଅରୁଣ ମହାନ୍ତି, ପଦ୍ମନାଭ ପାଣିଗ୍ରାହୀ, ପ୍ରଭାତ ସାହୁ, ବିଜୟ ତ୍ରିପାଠୀ, ଶରତ ଚନ୍ଦ୍ର ଦାଶ, କାହ୍ନୁଚରଣ ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଶରତ ଚନ୍ଦ୍ର ସାହୁ, ପଦ୍ମଲୋଚନ ସାହୁ, ଅର୍ଜ୍ଜୁନ ସାମନ୍ତରା, ଗୋବିନ୍ଦ ଚନ୍ଦ୍ର ସାହୁ, ନୀଳାମ୍ବର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ବ୍ରଜବନ୍ଧୁ ନାୟକ ଧନ୍ୟବାଦ ଦେଇଥିଲେ।

### ରାଜ୍ୟସ୍ତରୀୟ ପ୍ରୋ- କବାଡ଼ି ଟୁର୍ନାମେଣ୍ଟ: ବାଲୁଗାଁ ଚାମ୍ପିୟନ

**ବାଲୁଗାଁ,୨୪।୧୧(ସଂଗ୍ରାମ ପାଇକରାୟ)**

ଭୁବନେଶ୍ୱର ଗୋଠପାଟଣା ସ୍ଥିତ ଟାଇମ୍ସ ଗୁରୁକୁଳ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୧୭ବର୍ଷରୁ କମ୍ ରାଜ୍ୟସ୍ତରୀୟ ପ୍ରଥମ ପ୍ରୋ-କବାଡ଼ି ଟୁର୍ନାମେଣ୍ଟରେ ଚିଲିକା ଅଞ୍ଚଳର ବାଲୁଗାଁ ଟିମ୍ ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ କ୍ଲବ୍, ସ୍କୁଲ ଓ କଲେଜର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ବାଲୁଗାଁ ଟିମ୍ ୪୪-୪୨ବ୍ୟବଧାନରେ ପ୍ରାଣନାଥ ଉଚ୍ଚବିଦ୍ୟାଳୟ ଜଟଣୀକୁ ପରାସ୍ତ କରିଥିଲା। ଚାମ୍ପିୟନ ଟିମ୍ ବାଲୁଗାଁକୁ ଟ୍ରଫି ସହ ୫ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତାରେ ବାଲୁଗାଁ ଟିମ୍‌ର ଆଦର୍ଶ ପ୍ରୀତମ ବେହେରାଙ୍କୁ ଶ୍ରେଷ୍ଠ ରାଇଡ଼ର ଭାବେ ସମ୍ମାନିତ କରାଯାଇଥିଲା। ସୋମବାର ଖେଳାଳିମାନେ ବାଲୁଗାଁ ଷ୍ଟେଶନରେ ପହଞ୍ଚିବା ପରେ ସ୍ଥାନୀୟ ଫୁଟ୍‌ବଲ କ୍ଲବର ସଦସ୍ୟ ଏବଂ ବହୁ କ୍ରୀଡ଼ାବିତ ଉପସ୍ଥିତ ରହି ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

# ସଦ୍‌ଭାବନା କପ୍ ଜିତିଲା ଭାଲିଆବାଡ଼ି

**ଖୋର୍ଦ୍ଧା,୨୪।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ ଷଷ୍ଠ ବାଟାଲିୟନ ରିଜର୍ଭ ପଡ଼ିଆରେ ୪ଦିନ ଧରି ଚାଲିଥିବା ଦ୍ୱିତୀୟ ସଦ୍‌ଭାବନା କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଭାଲିଆବାଡ଼ି ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଗୁରୁଜଙ୍ଗ ଏବଂ ଭାଲିଆବାଡ଼ି ଟିମ୍ ମଧ୍ୟରେ ହୋଇଥିଲା। ଭାଲିଆବାଡ଼ି ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଗୁରୁଜଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୦୧ରନ ସଂଗ୍ରହ କରିଥିଲା। ଜବାବରେ ଭାଲିଆବାଡ଼ି ଟିମ୍ ୫ ଉଇକେଟ ବିନିମୟରେ ୧୦୩ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ପାର୍ଥ ସାରଥୀ ରାଉତରାୟ ଏବଂ ପ୍ରଦୀପ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ବାଟାଲିୟନର ଦୁର୍ଗପତି ବସନ୍ତ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଭାବେ ସୁଜିତ ପରିଡା, ଆଶୁତୋଷ ସାମନ୍ତରାୟ, ଶ୍ରେଷ୍ଠ ବୋଲର ସିଦ୍ଧାର୍ଥ ଜେନା ଏବଂ ଶ୍ରେଷ୍ଠ ଫିଲ୍ଡରଭାବେ ଓମ୍ ଅର୍ପିତ ମହାପାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ବାଟାଲିୟନର ଉପ ଦୁର୍ଗପତି ମନୋଜ କୁମାର ନାୟକ, ମନୋବୋଧ ପାଢ଼ୀ, ରବୀନ୍ଦ୍ର କୁମାର ନାୟକ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବାଟାଲିୟନର ସହକାରୀ ଦୁର୍ଗପତି ପ୍ରଦ୍ୟୁମ୍ନ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।


ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com




@ ବାସୁ



@ ପ୍ରକାଶ



@ ଅଶୋକ



@ ତ୍ରିଲୋଚନ



@ ସୌମ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ୧୧୩ ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର

**ବାଣପୁର,୨୪।୧୧(ଦିଲୀପ କୁମାର ସ୍ୱାଇଁ):** ସ୍ଥାନୀୟ ଶୁଭମଙ୍ଗଳ କଲ୍ୟାଣ ମଣ୍ଡପରେ ସୋମବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ସଂଘ ସଭାପତି ଡ.ଚିନ୍ତାମଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ପି ବିବେକାନନ୍ଦ ଶର୍ମା ଯୋଗଦେଇ ୧୧୩ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ, ସାଇବର ସୁରକ୍ଷା ଅଧିକାରୀ ସୁଚିତ୍ରା ଜେନା, ଥାନା ଅଧିକାରୀ ରମେଶ କୁମାର ଦେବତା, ଗାୟତ୍ରୀ ଗୋଚ୍ଛାୟତ ପ୍ରମୁଖ ଯୋଗଦେଇ ସାଇବର ଠକେଇ, ଠକେଇରୁ ସୁରକ୍ଷା ସମ୍ପର୍କରେ ଆଲୋଚନା କରି ଠକେଇରୁ ସୁରକ୍ଷିତ ରହିବା ପାଇଁ ବିଭିନ୍ନ କୌଶଳ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ ସଂଘ ଉପସଭାପତି ଗୋଲକ ବିହାରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।


**e-Procurement Notice for Road and Building Works**

No.O-1495 **Identification No. 08 SERW BLS 2025-26**

1. Name of the Work :- Roads and Buildings.
2. Total No. of Works :- 4 Nos.
3. Estimated Cost :- Estimated Cost Rs.10.068 to Rs.62.834 lakh.
4. Class of Contractor :- 'D', 'C' & 'B' Class.
5. Time of Completion: :- 3 Month (Three Calendar Month).
6. Other Details :-

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 08 SERW BLS 2025-26 | 24.11.2025 at 11.00 A.M. | 03.12.2025 up to 5.00 P.M. | 03.12.2025 up to 1.00 P.M. | 04.12.2025 at 11.00 A.M. |

Further details can be seen from the website: www.tendersodisha.gov.in
OIPR- **Sd./- Superintending Engineer, R.W. Division, Balasore**

GOVERNMENT OF ODISHA No.O-1512:
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK**
e-mail : serw_ctc@yahoo.com
No.Tender Online RWC-26/2025 4268 Letter No.17.11.2025
**e-Procurement Notice**

1. Name of the work : Construction of **Road & Bridge** Works
2. Class of Contractor :
   c) Estimated Cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated Cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated Cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time for Completion : As specified in the **Column-7 of the Annexure**.
4. Detail Projects : **As per Annexure attached**
5. Other Details

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC-26/25 | 24.11.2025 at 11.30 AM | 08.12.2025 upto 05.00 PM | 08.12.2025 upto 02.00 P.M. | 09.12.2025 at 11.30 AM | Will be intimated later |

Further details can be seen from the website **www.tendersodisha.gov.in.**
OIPR- **Sd./- Chief Construction Engineer, Rural Works Circle, Cuttack**

GOVERNMENT OF ODISHA No.A-947
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER,**
**MAHANADI BASIN, AT-BURLA, DISTRICT-SAMBALPUR, PIN-768017**
E-mail Id - cebmumbburla@gmail.com
**'e' Procurement Notice No-CE & BM-MB-32/2025-2026 (Online)**
**BID IDENTIFICATION NO-CE & BM-MB-32/2025-2026 (Online)**

| | | |
|---|---|---|
| 1 | Name of the work | : Renovation of Canal System of Hirakud Dam Project (Attabira Canal Section,Burla Irrigation Division, Burla) |
| 2 | No of works | : One (01) number |
| 3 | Class of contractor | : "Special" and "Super Class" |
| 4 | Bid Identification No | : CE&BM-MB-32/2025-2026 (Online) |
| 5 | Estimated cost | : Rs.28.16 Crores |
| 6 | Period of completion | : 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : Dated - 26.11.2025 at 11.30 A.M. to Dated - 17.12.2025 up to 5.00 P.M. |
| 8 | Last date/time for receipt of Bids in the portal | : Dated - 17.12.2025 up to 5.00 P.M. |
| 9 | Date of opening of Technical Bid (Cover-I) | : Dated - 18.12.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

**Sd./- Chief Engineer & Basin Manager, Mahanadi Basin, Burla**
OIPR-

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
(A Govt. of Odisha Undertaking)
**OFFICE OF THE SUB-DIVISIONAL OFFICER (ELECTRICAL)**
**EHT (O&M) SUB-DIVISION, SAMUKA**
At-Girala, Po: Goruala, Dist: Puri-752002
Mob:9438907946, E-mail: grid.ss.smuka@optcl.co.in
OPTCL Lifeline of Odisha

**Letter No.208** **Dated:17.11.2025**
**To**
**The EE (Elect.) TPCODL, PED, Puri**
**Sub: Regarding Rescheduling of Annual Maintenance of 132/33KV Grid S/S, Shamuka on 25th November -25.**
**Ref- Office Letter No.TB-SO-MISC-02/2014(Vol-I)/58, dtd.04.09.25 of CGM (O&M) OPTCL, BBSR**
**Sir,**
With reference to the above cited subject & reference, it is to intimate that Annual Maintenance of 132/33 KV Grid Sub-Station, Shamuka will be taken up as per the schedule furnished below. So you are requested to intimate the same to all domestic, industrial, Govt. Office and public institute consumers well in advance with proper advertisement.

| Sl. No. | Description of shutdown | Date | Duration | Remarks |
|---|---|---|---|---|
| 1 | 132/33KV Switch yard of Grid Sub-Station, Shamuka | 25.11.25 | 08.00 hrs to 17.00 hrs | There will be "NO POWER SUPPLY" (33KV Alarnath, Charinala, Samanga & Baliapanda-I outgoing feeders of TPCODL from Shamuka grid S/S |

This is for favor of your kind information & necessary action.
**Yours faithfully**
**Sd./- Sub-Divisional Officer (Elect)**
**132/33KV. Grid. S/S, Shamuka**

**NOTICE INVITING BID**
**Odisha State Medical Corporation Limited (OSMCL)**
In front of Ram Mandir, Convent Square, Unit – III, Bhubaneswar -751 001
Tel. : (0674) 2380950, Website : www.osmcl.nic.in , Email : drugs-osmcl@od.gov.in
**Bid Ref. No.: OSMCL/2025-26/Factor/08** **Date: 24/11/2025**
**No. CAD-2425:- Online Bids** through **e-Tender portal** (https://tendersodisha.gov.in) are invited from eligible bidders for **supply of inj. Factor VIII (EHL & VWF) for the year 2025-26 as per the particulars mentioned below.**

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 24.11.2025, 3 PM | |
| 2. | Date & time for submission of queries by E-Mail id- drugs-osmcl@od.gov.in | 25.11.2025, up to 5.00 PM | |
| 3. | Date & time of Online bid submission | Start Date & Time 26.11.2025, 3 PM | End Date & Time 05.12.2025, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per Section-IV of tender document | Start Date & Time 06.12.2025, 10 AM | End Date & Time 12.12.2025, 11.00 AM |
| 5. | Date and time of online Technical bid opening | 12.12.2025, 11.30 AM | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the website: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof. All notice will be published in the OSMCL website www.osmcl.nic.in. Hence the bidders are requested to visit OSMCL website www.osmcl.nic.in time to time for any published notice against the tender.
OIPR- **Sd./- Managing Director, OSMC Ltd., Odisha**

**ଡେଲିଭରି ବୟଙ୍କୁ ମାଡ଼ ମାରିବା ସହ ଗାଡ଼ି ଭାଙ୍ଗିଲେ**

ଭୁବନେଶ୍ୱର,(ତ୍ରିନାଥ ମହାନ୍ତି): ଶହୀଦନଗର ଆଇନକ୍ସରେ ଆତଙ୍କରାଜ ଦେଖିବାକୁ ମିଳିଛି। ରବିବାର ରାତି ପ୍ରାୟ ୧ଟାରେ ୭ଜଣ ଅଭିଯୁକ୍ତ ଜଣେ ଡେଲିଭରି ବୟଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଗାଡ଼ିକୁ ଭାଙ୍ଗିଦେଇଛନ୍ତି। ଆକ୍ରମଣ ଶିକାର ହୋଇଥିବା ଆକାଶ ସେଠୀ ଏନେଇ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଷଡ଼ଯନ୍ତ୍ରକାରୀଙ୍କୁ ଖୋଜୁଛି ସିବିଆଇ

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

- ଭୁବନେଶ୍ୱର କୋର୍ଟକୁ ମାମଲା ସ୍ଥାନାନ୍ତର
- ବ୍ରହ୍ମପୁର ଜେଲରେ ଥିବା ୧୨ ଅଭିଯୁକ୍ତ ଝାରପଡ଼ା ଆସିବେ
- ସିବିଆଇ ଅଫିସରେ ପୁଣି ୩ ପରୀକ୍ଷାର୍ଥୀଙ୍କୁ ପଚରାଉଚରା
- କୋଲ୍‌କାତା, ହାଇଦ୍ରାବାଦ ଯାଇ ଦୁଇ ସଂସ୍ଥାରେ କଲା ଛାନ୍‌ଭିନ

ଭୁବନେଶ୍ୱର/ବ୍ରହ୍ମପୁର,୨୪।୧୧ (ତ୍ରିନାଥ ମହାନ୍ତି/ ସୁବାସ ଚନ୍ଦ୍ର ପାଢୀ)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ଶଙ୍କର ମାଷ୍ଟରମାଇଣ୍ଡ କୁହାଯାଉଥିବାବେଳେ ଏହା ପଛରେ ଜଣେ ବଡ଼ ଷଡ଼ଯନ୍ତ୍ରକାରୀଙ୍କ ହାତ ରହିଛି। ତାଙ୍କରି ଇଙ୍ଗିତରେ ଶଙ୍କର ଏବଂ ମୁନା ଆଶାୟୀ ପରୀକ୍ଷାର୍ଥୀଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରୁଥିଲେ। ତେଣୁ ସିବିଆଇ ଶଙ୍କର ଏବଂ ମୁନାଙ୍କ ପଛରେ ଥିବା ଏହି ଷଡ଼ଯନ୍ତ୍ରକାରୀଙ୍କୁ ଖୋଜୁଛି। ଷଡ଼ଯନ୍ତ୍ରକାରୀଙ୍କ ନିକଟରେ ପହଞ୍ଚିବା ପାଇଁ ସିବିଆଇ ଏକାଧିକ ପରୀକ୍ଷାର୍ଥୀଙ୍କ ବୟାନ ରେକର୍ଡ କରୁଛି। ପଞ୍ଚସଫ୍ଟ ସଂସ୍ଥାର ମାଲିକ ଶଙ୍କର ପୃଷ୍ଟି ଏବଂ ମୁନାଙ୍କୁ ପଚରାଉଚରା କରିବା ପାଇଁ ସିବିଆଇ କୋର୍ଟରେ ରିମାଣ୍ଡ ପାଇଁ ଆବଦେନ କରିଥିବା ଜଣାପଡ଼ିଛି। ଆହୁରି ମଧ୍ୟ ସିବିଆଇ କାର୍ଯ୍ୟାଳୟ ଭୁବନେଶ୍ୱରରେ ଥିବାରୁ ମାମଲା ଭୁବନେଶ୍ୱର କୋର୍ଟକୁ ସ୍ଥାନାନ୍ତର ପାଇଁ ଆବେଦନ କରିଥିଲା ସିବିଆଇ। ଏହାକୁ ବ୍ରହ୍ମପୁର ଜେଏମ୍‌ଏଫସି(ଗ୍ରାମୀଣ)କୋର୍ଟ ଅନୁମତି ଦେବା ପରେ ମାମଲା ଭୁବନେଶ୍ୱର

## ଶଙ୍କର, ମୁନାଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ

କୋର୍ଟକୁ ସ୍ଥାନାନ୍ତର ହୋଇଛି। ମାମଲା ସ୍ଥାନାନ୍ତର ହୋଇଥିବାରୁ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ଶଙ୍କର ପୃଷ୍ଟି ମୁନା ମହାନ୍ତି, ସିଲିକନ୍ କମ୍ପାନୀର ମାଲିକ ସୁରେଶ ଚନ୍ଦ୍ର ନାୟକ,ଦଲାଲ ଅରବିନ୍ଦ ଦାସ, ବିଶ୍ୱରଞ୍ଜନ ବେହେରା, ଶ୍ରୀକାନ୍ତ ମହାରଣା, ଏ.ଅଭିମନ୍ୟୁ ଦୋରା,ପ୍ରିୟଦର୍ଶିନୀ ସାମଲ, ସାଗର କୁମାର ଗୌଡ଼, ଲୋକନାଥ ସାହୁ, ବିଶ୍ୱଜିତ ହରିଚନ୍ଦନ ଓ ତଫିମ୍ ଅହମଦ ଖାନଙ୍କୁ ଝାରପଡ଼ା ଜେଲକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଅପରପକ୍ଷରେ ଏହି ମାମଲାରେ ସିବିଆଇ ପୁଣି ୩ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଛି। ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ୧୫ରେ ୩ ଜଣ ପରୀକ୍ଷାର୍ଥୀ ଭୁବନେଶ୍ୱର କାର୍ଯ୍ୟାଳୟରେ କାଗଜପତ୍ର ସହ ହାଜର ହୋଇଥିଲେ। ପୂର୍ବରୁ ୨୦ ପରୀକ୍ଷାର୍ଥୀଙ୍କୁ ମୁହାଁମୁହିଁ ଜେରା କରିଥିଲା ସିବିଆଇ।

ପୋଲିସ ଏସଆଇ ପରୀକ୍ଷା ପରିଚାଳନା ଲାଗି କୋଲକାତାର ଆଇଟିଆଇ ସଂସ୍ଥାକୁ ଓପିଆର୍‌ବି(ଓଡ଼ିଶା ପୋଲିସ ରିକ୍ରୁ୍ୟଟମେଣ୍ଟ ବୋର୍ଡ) ଟେଣ୍ଡର ଦେଇଥିଲା। ପରେ ଏହି ସଂସ୍ଥା ହାଇଦ୍ରାବାଦର ସିଲିକନ ଟେକ୍‌ଲ୍ୟାବ୍ ପ୍ରାଇଭେଟ ଲିମିଟେଡ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିଥିଲା। ସିଲିକନ ଏହାକୁ ସବ୍‌ଟେଣ୍ଡର ଭାବେ ବ୍ରହ୍ମପୁରର ପଞ୍ଚସଫ୍ଟକୁ ଦେଇଥିଲା। ସେଣ୍ଟର ତଦାରଖଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ପଞ୍ଚସଫ୍ଟକୁ ମିଳିଥିଲା। ପଞ୍ଚସଫ୍ଟକୁ ଦାୟିତ୍ୱ ମିଳିବା ପରେ ସଂସ୍ଥାର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି କେଳେଙ୍କାରୀ ଯୋଜନା କରିଥିଲେ। ଏଥିରେ ସିଲିକନ୍ ଟେକ୍ ଲ୍ୟାବ୍ ଏବଂ ଆଇଟିଆଇ ସଂସ୍ଥାର କିଛି ବ୍ୟକ୍ତି ସଂପୃକ୍ତ ରହିଥିବା ସିବିଆଇ ଜାଣିବାକୁ ପାଇଛି। ସେମାନେ ନିଜ ସଂସ୍ଥାକୁ ବଦ୍‌ନାମ ଭୟରେ ଶଙ୍କର ପୃଷ୍ଟିଙ୍କୁ ସବ୍‌ଲେଟ୍‌ରେ ଟେଣ୍ଡର ଦେଲେ କେଳେଙ୍କାରୀର ଯୋଜନା କରିଥିଲେ। ଶଙ୍କର ଏହି ଟେଣ୍ଡର ପାଇବା ପରେ ପରୀକ୍ଷାର୍ଥୀଙ୍କ ଠାରୁ କୋଟି କୋଟି ଟଙ୍କା ଆଦାୟ କରି ସମସ୍ତେ ମିଳିମିଶି ନେଉଥିଲେ। ଏହି ଅପରାଧ ସିଣ୍ଡିକେଟ୍ ଦକ୍ଷିଣ ଓଡ଼ିଶାକୁ ମୁନା ମହାନ୍ତି ଓ ଉତ୍ତର ଓଡ଼ିଶାକୁ ଅରବିନ୍ଦ ଦାସ ସମ୍ଭାଳୁଥିଲେ। ଏମାନଙ୍କ ଅଧୀନରେ ୧୦ ଜଣ ଲେଖାଏଁ ଏଜେଣ୍ଟ ଥିଲେ। ସେମାନେ ଆଶାୟୀ ପ୍ରାର୍ଥୀଙ୍କୁ ଯୋଗାଡ଼ କରୁଥିଲେ। ଆଶାୟୀଙ୍କଠାରୁ ମୁନା ଆଗୁଆ ମୂଳ ପ୍ରମାଣପତ୍ର ହାତେଇବା ସହ ଶଙ୍କର ସହ ଯୋଗାଯୋଗ କରି ଏହାକୁ ସେ ହାଇଦ୍ରାବାଦ ସଂସ୍ଥା ପାଖକୁ ପଠାଉଥିଲେ। ମୁନା ୧୧୪ ଜଣ ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ ପରେ ସେମାନଙ୍କୁ ହାଇଦ୍ରାବାଦର ଏକ ସଂସ୍ଥାରେ ପ୍ରଶ୍ନପତ୍ର ସମ୍ପର୍କରେ ତାଲିମ ଦେଇଥାନ୍ତେ। ଜେରା ବେଳେ ଏଭଳି କିଛି ତଥ୍ୟ ସିବିଆଇ ପାଇଛି। ସୋମବାର ସିବିଆଇର ଦୁଇଟି ଟିମ୍ କୋଲକାତା ଏବଂ ହାଇଦ୍ରାବାଦ ଯାଇଛି। କୋଲକାତାରେ ଥିବା ଆଇଟିଆଇ ସଂସ୍ଥା ଏବଂ ହାଇଦ୍ରାବାଦରେ ଥିବା ସିଲିକନ୍ ଟେକ୍ ଲ୍ୟାବ୍ ସଂସ୍ଥାରେ ଚଢାଉ କରି ଛାନଭିନ କରୁଥିବା ଜଣାପଡ଼ିଛି।

# ଯୁବକଙ୍କୁ ହତ୍ୟା କରି ରାସ୍ତା କଡ଼କୁ ଫିଙ୍ଗିଦେଲେ

ଭୁବନେଶ୍ୱର/ବାରଙ୍ଗ,୨୪।୧୧ (ତ୍ରିନାଥ ମହାନ୍ତି/ଲିଙ୍ଗରାଜ ରାଉତ)

- ମୃତଦେହ ନିକଟରେ ବ୍ୟାଟେରି ସ୍କୁଟି, ମଦ ବୋତଲ
- ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ

ରାଜଧାନୀ ଉପକଣ୍ଠରେ ପୁଣି ଘଟିଛି ଏକ ସନ୍ଦେହଜନକ ହତ୍ୟାକାଣ୍ଡ। ଜଣେ ଯୁବକଙ୍କ ମୃତଦେହ ଚନ୍ଦକା ଥାନା ଗୋଡ଼ିବାରି ନିକଟ ଚନ୍ଦକା-ପିତାପଲ୍ଲୀ ମୁଖ୍ୟ ରାସ୍ତା କଡ଼ରେ ପଡ଼ିଥିବା ଦେଖିବାକୁ ମିଳିଛି। ମୃତ ଯୁବକ ହେଲେ ଯାଜପୁର ଡୁବୁରୀ ଅଞ୍ଚଳର ଶତ୍ରୁଘ୍ନ ବେଉରା(୨୮)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ମୃତଦେହର ମୁହଁ ଏବଂ ବାମ ଆଖି ତଳେ ବଡ଼ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଶତ୍ରୁଘ୍ନଙ୍କୁ ହତ୍ୟା କରିବା ପରେ ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ଅପରପକ୍ଷରେ ପୋଲିସ ଏହାକୁ ଏକ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲା ଦର୍ଶାଇ ଅପମୃତ୍ୟୁ ମାମଲା ରୁଜୁ କରିଛି। ବଡ଼ କଥା ହେଲା ମୃତଦେହ ନିକଟରେ ଏକ ବ୍ୟାଟେରିସ୍କୁଟି, ମଦ ବୋତଲ ଏବଂ ଚାଖଣା ପଡ଼ିଥିବାରୁ ଘଟଣାର ରହସ୍ୟକୁ ବଢ଼ାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୋଲିସ ପରବର୍ତ୍ତୀ ପଦେକ୍ଷପ ନେବ ବୋଲି ଜୋନ୍ ଏସିପି ସୋନାଲୀ ସିଂ ପରମାର କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟରେ ହତ୍ୟା କରାଯାଇଥିବା ପ୍ରମାଣ ମିଳିଲେ ପୋଲିସ ହତ୍ୟା ମାମଲା କରି ତଦନ୍ତ କରିବ ବୋଲି ପରମାର କହିଛନ୍ତି।

ମିଳିଥିବା ସୂଚନାନୁସାରେ, ଯାଜପୁର ଅଞ୍ଚଳର ୧୫ଜଣ ଯୁବକ ଭୋଲା ଅଞ୍ଚଳରେ ଥିବା ମହାବୀର ଟେଷ୍ଟ ହାଉସ୍‌ରେ କାମ କରିବାକୁ ଆସିଥିଲେ। ଶତ୍ରୁଘ୍ନ ରବିବାର ରାତିରେ ଟେଷ୍ଟ ହାଉସ ମାଲିକଙ୍କ ଓଡିଓ୩-ଏଇ-୮୦୫୪ ନମ୍ବରର ବ୍ୟାଟେରି ସ୍କୁଟି ଯୋଗେ ଟେଷ୍ଟ ହାଉସରେ କାମ କରୁଥିବା ଅନ୍ୟ ଜଣେ ସହଯୋଗୀଙ୍କୁ ସାଙ୍ଗରେ ନେଇ ଗୋଡ଼ିବାରୀରେ ରହୁଥିବା ସମ୍ପର୍କୀୟ ଭାଇ ପାଖକୁ ରବିବାର ଅପରାହ୍ନ ୫ଟାରେ ଆସିଥିଲେ। ପୋଲିସ ମୃତ ଶତ୍ରୁଘ୍ନଙ୍କ ସାଙ୍ଗ ଏବଂ ସମ୍ପର୍କୀୟ ଭାଇଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏସିପି ସୋନାଲି ସିଂ ପରମାର, ଚନ୍ଦକାଥାନା ଆଇଆଇସି ସମିତା ମିଶ୍ର, ନନ୍ଦନକାନନ ଆଇଆଇସି ଦୟାନିଧି ନାୟକ ସାଇଣ୍ଟିଫିକ ଟିମ ଧରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ଦେହ ଗୋଟିଏ ପଟରେ ପଡ଼ିଥିବା ବେଳେ ୫ଶହ ମିଟର ଦୂର ଓ ଅପରପାର୍ଶ୍ୱରେ ଥୁଆ ହୋଇଥିବା ବ୍ୟାଟେରି ଗାଡ଼ିରୁ ମୃତକଙ୍କ ପରିଚୟ ପୋଲିସକୁ ପାଇବାରେ ସହାୟକ ହୋଇଥିଲା।

# ପୋଖରୀରୁ ମିଳିଲା ନିଖୋଜ ଆଇନଜୀବୀଙ୍କ ମୃତଦେହ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଝାରପୋଖରିଆ (ସୁଧୀର କୁମାର ମହନ୍ତ),୨୪।୧୧

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ସିଲପୋଡ଼ି ଉପରବେଡ଼ା ଗ୍ରାମସ୍ଥିତ ଏକ ପୋଖରୀରୁ ୨ ମାସ ୧୩ ଦିନ ହେଲା ନିଖୋଜ ଥିବା ଜଣେ ଆଇନଜୀବୀଙ୍କ ଗଳିତ ମୃତଦେହ କାର୍ ସହ ଉଦ୍ଧାର ହୋଇଛି। ଆଇନଜୀବୀ ଜଣକ ହେଲେ ବିଶୋଇ ଥାନା ଅଧୀନ ଚୁରକଚୁଟାଣୀ ଗ୍ରାମର ଗୁଲେଶ ଚନ୍ଦ୍ର ଗୋଛାୟତ(୪୨)। ତାଙ୍କୁ ହତ୍ୟା ପରେ ଦୁର୍ଘଟଣାର ରୂପ ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଆଇନଜୀବୀ ଗୋଛାୟତ ଗତ ସେପ୍ଟେମ୍ବର ୧୧ତାରିଖରୁ ନିଜ କାର୍ ସହ ନିଖୋଜ ଥିଲେ। ଘରୁ ଗଲା ବେଳେ ସେ ଝାଡ଼ଖଣ୍ଡର ବାହାଡ଼ାଗୋଡା ଯାଉଥିବା କହି ଆଉ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ବିଶୋଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଚଳାଇଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ତେବେ ସୋମବାର ସକାଳ ୬ଟା ସମୟରେ ଝାରପୋଖରିଆ ଥାନା ଅଧୀନ ଉପରବେଡ଼ା ଗ୍ରାମ ପୋଖରୀରେ ଏକ କାର୍ ପଡ଼ିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ସାରସକଣା ଅଗ୍ନିଶମ ବାହିନୀ ଓ ଝାରପୋଖରିଆ ପୋଲିସ ପହଞ୍ଚି କାର୍‌ଟିକୁ ପାଣି ଭିତରୁ ଉଦ୍ଧାର କରିଥିଲେ। କାର୍ ସମ୍ମୁଖ ଦୁଇ କବାଟର କାଚ ଅଧା ଖୋଲାଥିବା ବେଳେ ପାଣି ଭିତରେ ଚାରିଚକ ଉପରକୁ ହୋଇ ବୁଡ଼ି ରହିଥିବା ଦେଖିବାକୁ ମିଳିଥିଲା। ଉଦ୍ଧାର ପରେ କାର ପଛ ସିଟ୍‌ରେ ଏକ ଗଳିତ ମୃତଦେହ ପଡ଼ିଥିବା ସହିତ ନିଖୋଜ ଆଇନଜୀବୀ ଗୋଛାୟତଙ୍କ ପ୍ରମାଣପତ୍ର ମିଳିଥିଲା। ପୋଷାକ ଦେଖି ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ ହେଁ ସାଇଣ୍ଟିଫିକ ଟିମ୍ ଡିଏନ୍‌ଏ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରିଛି। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଝାରପୋଖରିଆ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



ଆଇନଜୀବୀ ଗୁଲେଶ ଚନ୍ଦ୍ର ଗୋଛାୟତ।




ପୋଖରୀରୁ ମିଳିଥିବା କାର୍।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ସିସିବି-୨୫-୨୬, ତାରିଖ: ୨୨।୧୧।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ଇଆର୍‌ଏସ୍-ପିଓଏଚ୍)/ଖଡ଼ଗପୁର ୱାର୍କଶପ, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଣ୍ଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ୧୫.୩୦ ଘଣ୍ଟିକାରେ ଖୋଲାଯିବ। **କାର୍ଯ୍ୟର ନାମ:** ୩-ଫେଜ୍ ଲୋକୋମୋଟିଭ୍‌ର ନର୍-ବ୍ରେମ୍‌ସେ ଗଢ଼ଣର ଏକ ଉନ୍ନତ ସିସିବି ବ୍ରେକ୍ ସିଷ୍ଟମ୍‌ରେ ସ୍ଥାପିତ ଏଲ୍‌ଆର୍‌ୟୁ/ଭାଲ୍‌ଭଗୁଡ଼ିକର ଥଇଥାନ ଏବଂ ଓଭରହଲିଂ । **ପରିମାଣ:** ୦୪ ଗୋଟି । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ଡିଭି = ₹୬୫,୮୧,୫୯୧.୮୮, @୧୮% ଜିଏସ୍‌ଟି ସମେତ । **ଅମାନତ ରାଶି:** ₹୧,୩୧,୬୦୦/- । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୫।୧୨।୨୦୨୫ରିଖ ୧୫.୦୦ ଘଣ୍ଟିକା । **ୱେବ୍‌ସାଇଟ୍ ସବିଶେଷ:** www.ireps.gov.in । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-875)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST/OT/-AMC-IPS-STATCON-517, ତା.17.11.2025ରିଖ

**କାର୍ଯ୍ୟର ନାମ :** ତିନି ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ମେସର୍ସ Statcon Energiaa INDIA ଲିମିଟେଡ୍ ଦ୍ୱାରା ଉତ୍ପାଦିତ SMPS ଆଧାରିତ ସମନ୍ୱିତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 43,35,466.74, EMD (ଟଙ୍କାରେ) : 86,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-।

ବିଡ୍ ଆରମ୍ଭ ହେବା ତାରିଖ : ତା.25.11.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.12.2025 ରିଖ 1100 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍
PR-824/Q/25-26

**ପ୍ରଗତି ପଥେ... ପୌରପାଳିକା, ରାଇରଙ୍ଗପୁର**

ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୫୨ତମ ଜନ୍ମ ଦିବସ ଉପଲକ୍ଷେ ପୌର ପରିଷଦ, ରାଇରଙ୍ଗପୁର ତରଫରୁ ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ଉତ୍ତରୋତ୍ତର ଉନ୍ନତି ଏବଂ ପ୍ରଚାର ପ୍ରସାର ନିମନ୍ତେ କାମନା କରିବା ସହିତ ସହରର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ରାଇରଙ୍ଗପୁର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସହରବାସୀଙ୍କ ସହଯୋଗ କାମନା କରୁଅଛି ।

[illegible]

ରାଇରଙ୍ଗପୁର ପୌରପାଳିକା | ରାଇରଙ୍ଗପୁର ପୌରପାଳିକା | ରାଇରଙ୍ଗପୁର ପୌରପାଳିକା

**ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ, ଗଞ୍ଜାମ**

**ବିଜ୍ଞାପନ**

ଦୈନିକ ଖବରକାଗଜ 'ଧରିତ୍ରୀ'ର ବାର୍ଷିକୋତ୍ସବ ଅବସରରେ ଛତ୍ରପୁର ରାଜସ୍ୱ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ।

[illegible] ... ଦ୍ରବ୍ୟର ସଠିକ୍ ବିପଣନ ଓ ଉପଯୁକ୍ତ ମୂଲ୍ୟ ପ୍ରଦାନ ନିମନ୍ତେ ସୁବ୍ୟବସ୍ଥା କରିବା । ୭. ମାଇକ ପ୍ରଚାର ମାଧ୍ୟମରେ ପ୍ରତ୍ୟେକ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ଥିବା ଚାଷୀଭାଇମାନେ ସେମାନଙ୍କ ନାମକୁ ନିକଟସ୍ଥ ସେବା ସମବାୟ ସମିତିରେ ପଞ୍ଜୀକରଣ କରିବା ସହ ଧାନର ଦର ଓ F.A.Q. ମାନ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ।

ସ୍ୱା./– ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ
ସ୍ୱା./– ଉପ–ଜିଲ୍ଲାପାଳ, ଛତ୍ରପୁର ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

**'ସ୍ୱଚ୍ଛ ସୁନାବେଡ଼ା ସୁସ୍ଥ ସୁନାବେଡ଼ା'**
**ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡ଼ା**

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ୫୨ତମ ସଂସ୍କରଣର ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ସୁନାବେଡ଼ା ପୌରପରିଷଦ ତାର ସମସ୍ତ ନାଗରିକ ତଥା କରଦାତା, ବୁଦ୍ଧିଜୀବୀ ଓ ଅନ୍ୟାନ୍ୟ ସମସ୍ତ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି । ଏ ସହର ଆପଣଙ୍କର, ଏହାର ସୁରକ୍ଷା ତଥା ସୌନ୍ଦର୍ଯ୍ୟର ରକ୍ଷଣାବେକ୍ଷଣ ନିମନ୍ତେ ସହଯୋଗର ହାତ ବଢ଼ାନ୍ତୁ । ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ପ୍ଲାଷ୍ଟିକମୁକ୍ତ ଏବଂ ସ୍ୱଚ୍ଛ ସହରରେ ପରିଣତ କରିବା ।

ଶ୍ରୀଯୁକ୍ତ ସୁଜିତ କୁମାର ଚଉଧୁରୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୁନାବେଡା
ଡ. ରାଜେନ୍ଦ୍ର କୁମାର ପାତ୍ର, ନଗରପାଳ, ପୌର ପରିଷଦ, ସୁନାବେଡା
ଶ୍ରୀମତୀ ରିତୁ କଣ୍ଠା, ଉପନଗରପାଳ, ପୌରପରିଷଦ, ସୁନାବେଡା
ସମସ୍ତ ପାରିଷଦବୃନ୍ଦ, ପୌରପରିଷଦ, ସୁନାବେଡା

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited from eligible bidders for **"Supply, Installation, Testing, and Commissioning of Gym Equipment at NLUO Cuttack"** and **"Repair of Existing Gym Equipment at NLUO Cuttack"**. Last date & time of receipt is **04-12-2025** at **11.00A.M.** For details please visit website- https://nluo.ac.in/tenders/

Sd/- Registrar, NLUO

**Office of the Principal**
**PRANANATH COLLEGE (AUTONOMOUS)**
**KHORDHA-752057 (ODISHA)**
NAAC Accredited 'A' Level
Phone & Fax- (06755) 220264 (O),
Email:pranathcollege@yahoo.in/pranathautonomouscollege@gmail.com

**ଶୁଭେଚ୍ଛା ବାର୍ତ୍ତା**

୫୧ ବର୍ଷ ଧରି ଧରିତ୍ରୀ ରାଜ୍ୟର ଜନମାନସର ପ୍ରତୀକ ଲାଭ ରହିଛି । ତା'ର ଜନ୍ମବାର୍ଷିକ ଅବସରରେ ତାକୁ **ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ହାର୍ଦ୍ଦିକ ଶୁଭେଚ୍ଛା ।** ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ସବୁବେଳେ ସେମାନଙ୍କର ସହଯୋଗିତା ପ୍ରଦାନ କରୁଛନ୍ତି ।

ସ୍ୱା./– ଡ. ବିନ୍ଧୁଶ୍ରୀ ମିଶ୍ର
ଅଧ୍ୟକ୍ଷା, ପ୍ରାଣନାଥ ମହାବିଦ୍ୟାଳୟ (ସ୍ୱୟଂଶାସିତ) ଖୋରଧା

**OFFICE OF THE GENERAL MANAGER**
**WATCO DIVISION, BERHAMPUR**
e-mail: gmwatcobam@gmail.com / Ph. No.: 06802233978

**Government of Odisha "e" Procurement Notice**
No. C-1533 NATIONAL COMPETITIVE BIDDING
Bid Identification No. WATCOBAM-14/2025-26 Dtd.18.11.2025

01. Name of Work : Provision for installation of IOT, EOT along with rising with rising height of compound wall by Janivilli Intake
02. Estimated Cost : 27.51 Lakh (Approx.)
03. Period of Completion : 1 (One) Month
04. Date & time of availability of bid document in the portal : From 11.00 Hrs. of Dt.26.11.2025 to 17.30 Hrs. of Dt.08.12.2025
05. Last date/time for bidding in the portal : 17.30 Hrs. of Dt.08.12.2025
06. Date of opening of Tender : On Dt.09.12.2025 at 11.00 Hrs.
07. Name and address of the Officer Inviting tender : General Manager, WATCO Division, Berhampur

Further details can be seen from the e-Procurement portal "https://tendersodisha.gov.in".

OIPR- Sd./- General Manager, WATCO Division, Berhampur

**OFFICE OF THE SUPERINTENDING ENGINEER, RURAL WORKS DIVISION, BALLIGUDA**
E-Mail: rw_balliguda@yahoo.com
**NATIONAL COMPETITIVE BIDDING THROUGH e-Procurement**
No. O-1553 Bid Identification No. Online Tender / 14-2025-26/BLG

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 14-2025-26/BLG | Road Works | (05) Nos. | Rs.50.85 Lakhs to Rs.68.47 Lakhs | "B" Class | 03 (Three) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Executive Engineer, Rural Works Division, Balliguda | Online Tender / 14-2025-26/BLG | 25.11.2025 at 10.00 A.M. | 02.12.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: www.tendersodisha.gov.in.

OIPR- Sd./- Executive Engineer, R.W. Division, Balliguda

Government of Odisha No. O-1535
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, NABARANGPUR, UMERKOTE**
e-mail: eerwukt@gmail.com & eerwukt@ymail.com
Letter No. 4089 Date:20.11.2025

**e-Procurement NOTICE**

1. Name of the Work : Building Works (Composite Tender)
2. Total No. of works : 15 (Fifteen) Nos.
3. Approx. Estimated Cost : Varies from 75.43 Lakhs to 80.43 Lakhs
4. Class of Contractor : "B" Class of Contractor only.
5. Period of Completion : As per DTCN

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender | |
